RNI No.ODIODI/2010/33031
୧୬ ବର୍ଷ | Volume-16
ISSUE -283 | ସଂଖ୍ୟା-୨୮୩
ଭୁବନେଶ୍ୱର, ସୋମବାର ୨୬ ଜାନୁଆରୀ ୨୦୨୬
Bhubaneswar, Monday 26 January, 2026
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର


**ଶୁଭେଚ୍ଛା**

ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ଦୈନିକ 'ମନ୍ଥନ' ପକ୍ଷରୁ ଖବରଦାତା, ବିଜ୍ଞାପନଦାତା, ଶୁଭେଚ୍ଛୁମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। - ପରିଚାଳକ

**ଛୁଟି ଘୋଷଣା**

ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ଦୈନିକ 'ମନ୍ଥନ' କାର୍ଯ୍ୟାଳୟ ଓ ପ୍ରେସ ବନ୍ଦ ରହୁଥିବାରୁ ପରବର୍ତ୍ତୀ ସଂସ୍କରଣ ୨୮ ତାରିଖରେ ପ୍ରକାଶ ପାଇବ। - ପରିଚାଳକ

# ଓଡ଼ିଶାର ୪ ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାର

ନୂଆଦିଲ୍ଲୀ/ଭୁବନେଶ୍ୱର,୨୫।୧(ନି.ପ୍ର.): ଭାରତ ସରକାର ପଦ୍ମ ପୁରସ୍କାର-୨୦୨୬ ଘୋଷଣା କରିଛନ୍ତି। ୧୩୧ଜଣଙ୍କୁ ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଏବଂ ପଦ୍ମଶ୍ରୀରେ ସମ୍ମାନିତ କରାଯାଇଛି। ଗଣତନ୍ତ୍ର ଦିବସର ଗୋଟିଏ ଦିନ ପୂର୍ବରୁ ଆଜି ଏହି ଘୋଷଣା କରାଯାଇଛି। ରାଷ୍ଟ୍ରପତି ନିଜେ ଏହି ସମସ୍ତ ବ୍ୟକ୍ତିବିଶେଷଙ୍କୁ ରାଷ୍ଟ୍ରପତି ଭବନରେ ପୁରସ୍କାର ପ୍ରଦାନ କରିବେ। ଏହି ସମ୍ମାନ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିମାନଙ୍କୁ ଦିଆଯିବ। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଓଡ଼ିଶାରୁ ୪ ଜଣଙ୍କୁ ମିଳିବ ପଦ୍ମଶ୍ରୀ ପୁରସ୍କାର। ସେମାନେ ହେଲେ ଚରଣ ହେମ୍ବ୍ରମ, ସୀମାଞ୍ଚଳ ପାତ୍ର, ଶରତ କୁମାର ପାତ୍ର ଏବଂ ମହେନ୍ଦ୍ର କୁମାର ମିଶ୍ର। ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ଚରଣ ହେମ୍ବ୍ରମଙ୍କୁ ମିଳିବ ପଦ୍ମଶ୍ରୀ। ଭାରତ ସରକାର ଏଥର ୫ଜଣଙ୍କୁ ପଦ୍ମବିଭୂଷଣ, ୧୩ଜଣଙ୍କୁ ପଦ୍ମଭୂଷଣ ଓ ୧୧୩ ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାର ପାଇଁ ନାମ ଘୋଷଣା କରିଛନ୍ତି।



ଚଳଚ୍ଚିତ୍ର ଅଭିନେତା ଧର୍ମେନ୍ଦ୍ର ମରଣୋତ୍ତର ପଦ୍ମ ବିଭୂଷଣ ପାଇଛନ୍ତି।ସେହିପରି ଝାଡ଼ଖଣ୍ଡ ରାଜ୍ୟ ଗଠନ ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ନେତା ଶିବୁ ସୋରେନଙ୍କୁ ମରଣୋତ୍ତର ପଦ୍ମ ଭୂଷଣ ମିଳିଛି। ମହାରାଷ୍ଟ୍ରର ପୂର୍ବତନ ରାଜ୍ୟପାଳ ଭଗତ ସିଂହ କୋଶ୍ୟାରୀଙ୍କୁ ବି ପଦ୍ମ ଭୂଷଣରେ ସମ୍ମାନିତ କରାଯାଇଥିଲା। ଅନ୍ୟପଟେ କେରଳରୁ ଆଠ ଜଣ, ତାମିଲନାଡୁରୁ ୧୩ ଜଣ, ପଶ୍ଚିମବଙ୍ଗଳାରୁ ୧୧ ଜଣ ଏବଂ ଆସାମରୁ ୫ ଜଣ ପଦ୍ମ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଏହା ବ୍ୟତୀତ, ଉତ୍ତର ପ୍ରଦେଶରୁ ୧୧ ଜଣ ଏବଂ ମହାରାଷ୍ଟ୍ରରୁ ୧୬ ଜଣ ପଦ୍ମ ପୁରସ୍କାର ପାଇଛନ୍ତି।

# ୯୨୮ ଜଣ କର୍ମଚାରୀଙ୍କୁ ସାହସିକତା ଏବଂ ସେବା ପଦକ

ନୂଆଦିଲ୍ଲୀ,୨୫।୧(ନି.ପ୍ର.: ଓଡିଶାର ମୋଟ୍ ୪ ଜଣଙ୍କୁ ସାହସିକତା ପଦକ, ଦୁଇ ଜଣଙ୍କୁ ବିଶିଷ୍ଟ ସେବା ପାଇଁ ରାଷ୍ଟ୍ରପତିଙ୍କ ପଦକ ଏବଂ ୧୧ ଜଣଙ୍କୁ ପ୍ରଶଂସନୀୟ ସେବା ପଦକ ପ୍ରଦାନ କରାଯାଇଛି। ପ୍ରଶଂସନୀୟ ସେବା ପାଇଁ ଓଡିଶା ପୁଲିସ ଆଇଜି ଡକ୍ଟର ସାର୍ଥକ ଷଡଙ୍ଗୀ, କମାଣ୍ଡାଣ୍ଟ ଶ୍ରୀପ୍ରସାଦ ତମାଙ୍ଗ, ଅତିରିକ୍ତ ଏସପି ଶୁଭନାରାୟଣ ମୁଦୁଲି, ଡିଏସପି ପ୍ରଦୀପ କୁମାର ଆଇନ୍ଦ, ଡିଏସପି ପ୍ରଣୀତା କୁମାରୀ ରାୟ, କମାଣ୍ଡାଣ୍ଟ ଅଶୋକ କୁମାର ମହାନ୍ତି, ଇନ୍ସପେକ୍ଟର ଅରୁଣ କୁମାର ନାୟକ, ମହମ୍ମଦ ହଫିଜ୍, ହାବିଲଦାର ଲତା ନାୟକ, ଏଏସଆଇ ନିଗମାନନ୍ଦ ମହାପାତ୍ର, ଇନ୍ସପେକ୍ଟର ଲକ୍ଷ୍ମୀ ନାରାୟଣ ମୁଦୁଲି।

ଏମାନଙ୍କ ବ୍ୟତୀତ ବିଶିଷ୍ଟ ସେବା ପାଇଁ ଏଡିଜି ପ୍ରତୀକ ମହାନ୍ତି, ଡିସିପି ପ୍ରମୁଖ କୁମାର ସିଂ ପଦକ ପାଇବାକୁ ମନୋନିତ ହୋଇଛନ୍ତି। ସାହସିକତା ପଦକ ପାଇଛନ୍ତି ଓଡିଶା ପୁଲିସ ଡିଏସପି ଅତୁଲ କୃଷ୍ଣ ଦାସ, ଏଏସଆଇ ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, କନଷ୍ଟେବଲ ଥବିର ମାଝୀ ଓ ଘନଶ୍ୟାମ ସାହୁ। ଜୀବନ ଏବଂ ସମ୍ପତ୍ତି ରକ୍ଷା, ଅପରାଧ ନିୟନ୍ତ୍ରଣ କିମ୍ବା ଅପରାଧୀମାନଙ୍କୁ ଧରିବାରେ ଅସାଧାରଣ ସାହସିକତା ଏବଂ ଉଲ୍ଲେଖନୀୟ ସାହସିକତା କାର୍ଯ୍ୟ ପାଇଁ ସାହସିକତା ପଦକ (ଜିଏମ) ପ୍ରଦାନ କରାଯାଏ। ବିପଦର ମୂଲ୍ୟାଙ୍କନ ସମ୍ପୃକ୍ତ ଅଧିକାରୀଙ୍କ ଦାୟିତ୍ୱ ଏବଂ କର୍ତ୍ତବ୍ୟକୁ ବିଚାରକୁ ନେଇ କରାଯାଏ।

୧୨୫ ସାହସିକତା ପୁରସ୍କାର ମଧ୍ୟରୁ ୩୫ ଜଣଙ୍କୁ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳରେ, ୪୫ ଜଣଙ୍କୁ ଜମ୍ମୁ କଶ୍ମୀର କ୍ଷେତ୍ରରୁ, ୫ ଜଣଙ୍କୁ ଉତ୍ତର-ପୂର୍ବରୁ ଏବଂ ୪୦ ଜଣଙ୍କୁ ଅନ୍ୟାନ୍ୟ ଅଞ୍ଚଳରେ କରିଥିବା ସେମାନଙ୍କର ସାହସିକତା କାର୍ଯ୍ୟ ପାଇଁ ପୁରସ୍କୃତ କରାଯାଇଛି। ସାହସିକତା ପଦକ (ଜିଏମ): ମୋଟ ୧୨୫ ସାହସିକତା ପଦକ (ଜିଏମ) ମଧ୍ୟରୁ ଯଥାକ୍ରମେ ୧୨୧ ଜଣ ପୁଲିସ କର୍ମଚାରୀ ଏବଂ ୪ ଜଣ ଅଗ୍ନିଶମ ସେବା କର୍ମଚାରୀଙ୍କୁ ସାହସିକତା ପଦକ (ଜିଏମ) ପ୍ରଦାନ କରାଯାଇଛି। ସେବା ପଦକ: ବିଶିଷ୍ଟ ସେବା ଲାଗି ରାଷ୍ଟ୍ରପତିଙ୍କ ପଦକ (ପିଏସଏମ) ବିଶେଷ ଭାବେ ବିଶିଷ୍ଟ ରେକର୍ଡ ପାଇଁ ପ୍ରଦାନ କରାଯାଏ ଏବଂ କର୍ତ୍ତବ୍ୟ ପ୍ରତି ନିଷ୍ଠା ଦ୍ୱାରା ଗୁଣାତ୍ମକ ସେବା ନିମନ୍ତେ ପ୍ରଶଂସନୀୟ ସେବା ପଦକ (ଏମଏସଏମ) ପ୍ରଦାନ କରାଯାଏ। ବିଶିଷ୍ଟ ସେବା ପାଇଁ ମୋଟ ୧୦୧ଟି ରାଷ୍ଟ୍ରପତିଙ୍କ ପଦକ (ପିଏସଏମ) ମଧ୍ୟରୁ, ୮୯ଟି ପୁଲିସ ସେବା ପାଇଁ, ୫ଟି ଅଗ୍ନିଶମ ସେବା, ୩ଟି ବେସାମରିକ ପ୍ରତିରକ୍ଷା ଏବଂ ଗୃହରକ୍ଷୀ ସେବାକୁ ଏବଂ ୪ଟି ସଂସ୍କାରମୂଳକ ସେବା ପାଇଁ ପ୍ରଦାନ କରାଯାଇଛି।

# ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାରଙ୍କ ଦେହାନ୍ତ



ଭୁବନେଶ୍ୱର,୨୫।୧: ରବିବାର ସକାଳ ଓଲିଉଡ ଜଗତ ପାଇଁ ଏକ ଦୁଃଖଦ ସକାଳ ଥିଲା। ବେଶ କିଛିଦିନ ଧରି ଚିକିତ୍ସାଧିନ ଥିବା ଓଲିଉଡର ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାରଙ୍କ ପରଲୋକ ହୋଇଛି। ଏହି ଖବର ପାଇବା ପରେ ସମଗ୍ର ଓଲିଉଡ ଦୁନିଆରେ ଶୋକର ଛାୟା ଖେଳିଯାଇଛି। ସୂଚନାଯୋଗ୍ୟ,୫୪ ବର୍ଷ ବୟସରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧିନ ଅବସ୍ଥାରେ ଅଭିଜିତଙ୍କ ଦେହାନ୍ତ ହୋଇଛି। ଲିଭର୍ ଜନିତ ସମସ୍ୟା ପରେ ସେ ଚିକିତ୍ସିତ ହେଉଥିଲେ। ଏହି ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତଙ୍କ ସଙ୍ଗୀତ କ୍ୟାରିଅର ୧୯୯୧ ମସିହାରେ ଆରମ୍ଭ ହୋଇଥିଲା। 'ଦକ୍ଷିଗଲା' ତାଙ୍କର ପ୍ରଥମ ସମ୍ବଲପୁରୀ ଆଲବମ ଥିଲା, ଯାହା ବେଶ ଲୋକପ୍ରିୟ ହୋଇଥିଲା। ୨୦୦୦ ମସିହାରେ ସେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ସଙ୍ଗୀତ ନିର୍ଦ୍ଦେଶନା ଦେବା ଆରମ୍ଭ କରିଥିଲେ। ତାଙ୍କର ତରଙ୍ଗ ଟିଭିର 'ମେଲୋଡି ନାଇଟ୍ସ' ଖୁବ ଲୋକପ୍ରିୟ ହୋଇଥିଲା। ସେ ୭୦୦ରୁ ଅଧିକ ଗୀତରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ।













ଆଞ୍ଚଳିକ ମନ୍ଥନ

ସୋମବାର, ୨୬ ଜାନୁଆରୀ, ୨୦୨୬ Monday,26 January 2026, Bhubaneswar





# ପିପୁଲ୍ସ କଲେଜରେ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଘାଟିତ

ବୁଗୁଡା,୨୫।୧:(ମନ୍ଥନ)ସ୍ଥାନୀୟ ପିପୁଲ୍ସ କଲେଜରେ +୩ ଛାତ୍ରୀଙ୍କ ପାଇଁ ଆୟୋଜିତ ଅଷ୍ଟଦିବସୀୟ ଆତ୍ମ ସୁରକ୍ଷା ତାଲିମ ଶିବିର ଆଜି ଉଦଘାଟିତ ହୋଇଯାଇଛି । ପ୍ରୋଗ୍ରାମ କୋଅର୍ଡିନେଟର ଅଧ୍ୟାପିକା ଅନୀତା ଦେବୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଲେଜ ଅଧ୍ୟକ୍ଷ ଡ.ପୁରୁଷୋତ୍ତମ ମିଶ୍ର ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲା ବେଳେ ଏଥିରେ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଡ.ପ୍ରଦୀପ କୁମାର ଦାଶ ଓ ଆତ୍ମ ପ୍ରକାଶ



ନାୟକ, କ୍ରୀଡା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ର ଯୋଗ ଦେଇ ଅଂଶ ଗ୍ରହଣକାରୀ +୩ ଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିବା ସହ ଆତ୍ମ କୌଶଳ ତାଲିମ୍ ଗ୍ରହଣର ଉପାଦେୟତା ଓ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଏହି ଶିବିରରେ ମାଷ୍ଟର ଟ୍ରେନର ପୂଜାରାଣୀ ସ୍ୱାଇଁ ପ୍ରଶିକ୍ଷିକା ଭାବେ ଯୋଗ ଦେଇ ଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନର ଆରମ୍ଭ କରିଥିବା ବେଳେ ଏହା ଆସନ୍ତା ୪ ଫେବୃଆରୀ ପର୍ଯ୍ୟନ୍ତ ଚାଲୁ ରହିବା ନେଇ ଜଣାଯାଇଛି ।

# କୁଚିଣ୍ଡା ୮୪ ଘର ଆଗ୍ରିଆ ସମାଜର ଚତୁର୍ଦ୍ଦଶ ମହାସଭା ଉଦଘାଟିତ

କୁଚିଣ୍ଡା,୨୫।୧:(ମନ୍ଥନ)ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଏନଏସି ସ୍ଥିତ ଘୋଷା ଜାମମାଲ ଗୁଡା ଠାରେ ଅବିଭକ୍ତ ସମ୍ବଲପୁର ଜିଲ୍ଲା ୮୪ ଘର ଆଗ୍ରିଆ ସମାଜ ର ଚତୁର୍ଦ୍ଦଶ ମହାସଭା ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର କମିଟି ସଭାପତି ଡ଼ା ଶରତ ଚନ୍ଦ୍ର ଗୌନ୍ତିଆଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ସଭାନେତ୍ରୀ ଆରତୀ ନାୟକ, ଉପସଭାପତି ବିପିନ ନାୟକ, ସଂପାଦକ କୁଳମଣି ପଟେଲ, ସହ ସମ୍ପାଦକ ବସନ୍ତ ପଟେଲ, କୋଷାଧ୍ୟକ୍ଷ ଚିନ୍ତାମଣି ପଟେଲ,ଟେକଚାନ୍ଦ ପଟେଲ, ସୁଦିପ୍ତ ପଟେଲ, ସୁବୋଧ ନାଏକ,ଚିନ୍ତାମଣି ପଟେଲ ଙ୍କ ସମେତ ଅଭ୍ୟର୍ଥନା କମିଟୀ ଏବଂ କେନ୍ଦ୍ର କମିଟୀ ଉପଦେଷ୍ଟା ର ସଦସ୍ୟ ମାନେ ଉପସ୍ଥିତ ରହିଥିଲେ ।



ପ୍ରଥମେ ଘୋଷା ଗାଁ ଶିବ ମନ୍ଦିର ନଦୀ ଘାଟରୁ କଳସ ଯାତ୍ରା ହେବା ପରେ ପୂଜାର୍ଚ୍ଚନା ଅନୁଷ୍ଠିତ ହେବା ସହିତ ସାମାଜିକ ପତାକା ଉତ୍ତୋଳନ କରାଯାଇଥିଲା ।ଏହି ଅବସରରେ ପଶ୍ଚିମ ଓଡ଼ିଶାର ସୁପ୍ରସିଦ୍ଧ ଡାଇବେଟିସ ରୋଗ ବିଶେଷଜ୍ଞ ପ୍ରଫେସର ଡ଼ା ଅଂଶୁମାନ ନାୟକଙ୍କୁ ଆଗ୍ରିଆ ସମାଜ ଦ୍ୱାରା ସମ୍ମାନିତ କରାଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ସହିତ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଜାନୁଆରୀ ପଚିଶ ତାରିଖରେ ଅନୁଷ୍ଠିତ ହେବାର ସୂଚନା ଦେଇଥିଲେ ।

# ସଫଳତାର ପ୍ରଥମ ପାହାଚରେ ଓଁମ ପ୍ରକାଶ

କୋରାପୁଟ,୨୫।୧:(ମନ୍ଥନ)ସଫଳତାର ପ୍ରଥମ ପାହାଚରେ ଉର୍ତ୍ତିର୍ଣ୍ଣ ଓଁମପ୍ରକାଶ ଅନ୍ୟମାନଙ୍କ ପାଇଁ ଏକ ଉଦ୍ଧାପାଳଟିଛନ୍ତି। ଯାହାକୁ ନେଇ ପରିବାର ବର୍ଗ, ସାଙ୍ଗସାଥୀ, ଶିକ୍ଷକ ବୃନ୍ଦ ଓ ସ୍ଥାନୀୟ ମହଲରେ ଏକ ଆଲୋଚିତ ଚେହେରା ଭାବରେ ଚର୍ଚ୍ଚିତ ହୋଇଛନ୍ତି। ନାମ ଯେମିତି ବୁଦ୍ଧି,ଜ୍ଞାନ, ଦକ୍ଷତା ମଧ୍ୟ ସେମିତି ଭରପୂର ରହିଛି ତାଙ୍କ ନିକଟରେ । ସେହିପରି ଛାତ୍ରକୁ ପାଇ ଶିକ୍ଷାନୁଷ୍ଠାନ ଓ ପରିବାର ବର୍ଗ ଗର୍ବ ଅନୁଭବ କରିଥିବା ଜଣା ଯାଇଛି। ସେ ସେମିଳିଗୁଡା ସରସ୍ୱତି ବିଦ୍ୟାମନ୍ଦିର ୯ମ ଶ୍ରେଣିର ଜଣେ କୃତି ଛାତ୍ର ରହିଛନ୍ତି। ଭାଷା ଦିବସ ଉପଲକ୍ଷେ ବିଦ୍ୟାଳୟରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଓଁମପ୍ରକାଶ ଓ ବିଦ୍ୟାଳୟର ପ୍ରାୟ ୨୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀମାନେ ପ୍ରବନ୍ଧ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ପ୍ରବନ୍ଧ ପ୍ରତିଯୋଗିତାରେ ବିଷୟ ମାତୃଭୂମି ରହିଥିଲା। ସମସ୍ତଙ୍କୁ ପଛରେ ପକାଇ ପ୍ରବନ୍ଧଲେଖାରେ ଅବଲ ନମ୍ବର ରଖି ପ୍ରଥମ ପୁରସ୍କାରପାଇଥିଲେ। ତାଙ୍କର ପିତା ସୁସାନ୍ତ କୁମାର ଦାସ କହିଛନ୍ତି ଯେ, ସେ ଆହୁରି ଭଲ କରି ଆଗକୁ ନାମ ରୋଷନ କରିବ ବୋଲି ଉଚ୍ଚଆଶା ରଖିଥିବା ପ୍ରକାଶ କରିଛନ୍ତି।

# ବିଶାଳ ହିନ୍ଦୁ ସମ୍ମିଳନୀ

ପଟ୍ଟାମୁଣ୍ଡାଇ,୨୫।୧:(ମନ୍ଥନ)ହିନ୍ଦୁ ଜାଗରଣ ପାଇଁ ହୋଇଥିବା କାର୍ଯ୍ୟଧାରାକୁ ନୂତନ ଶକ୍ତି ଏବଂ ଚେତନା ପ୍ରଦାନ କରିବା ଉଦେଶ୍ୟରେ ସମଗ୍ର ହିନ୍ଦୁ ସମାଜ ଦ୍ୱାରା ସନାତନ ସଂସ୍କୃତି, ସନାତନ ଧର୍ମ ଏବଂ ସାମାଜିକ ଏକତାର ପ୍ରତୀକ ଭାବରେ ସମଗ୍ର ହିନ୍ଦୁ ସମାଜ ସଂଗଠନ ପକ୍ଷରୁ ପଟ୍ଟାମୁଣ୍ଡାଇ ବ୍ଲକ ଅରଡ଼ପଲ୍ଲୀ ମଣ୍ଡଳ ପକ୍ଷରୁ ଅରଡ଼ପଲ୍ଲୀ ଖେଳ ପଡିଆରେ ଠାରେ ଏକ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ହିନ୍ଦୁ ସମ୍ମିଳନୀ ରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କଟକ ବିଭାଗ ପ୍ରଚାରକ ଲକ୍ଷ୍ମୀଧର ପରିଡା, କଟକ ବିଭାଗ ଧର୍ମ ଜାଗରଣ ପ୍ରମୁଖ ଗୋଲକ ଚନ୍ଦ୍ର ବେହେରା, ଶ୍ରୀପାଦ ଭକ୍ତିବେଦାନ୍ତ ସନ୍ୟାସୀ ମହାରାଜ, ବାବା ଅମୃତାନନ୍ଦ ଦାସଜୀ ମହାରାଜ,ସନ୍ଥ କୃଷ୍ଣ ଦାସ, ସଂଯୋଜକ ବିଜ୍ଞାନ ଭୂଷଣ ପ୍ରଧାନ ପ୍ରମୁଖ ମାର୍ଗଦର୍ଶନ ରଖିଥିଲେ । ଏହି କାର୍ଯ୍ୟକ୍ରମ ରେ ରେ ସମଗ୍ର ହିନ୍ଦୁ ସମାଜ ଅଂଶ ଗ୍ରହଣ କରିଥିଲେ । ଜିଲ୍ଲା କାର୍ଯ୍ୟବାହ ବିନୋଦ ବିହାରୀ ଦାସ, ବିଜେପି ନେତା ସୁନାକର ବେହେରା, ପ୍ରଶାନ୍ତ ମହାନ୍ତି, ରାଜକିଶୋର ସାହୁ, ସଞ୍ଜୟ ପୃଷ୍ଟି,ସଂଜୀବ ତରାଇ,ଦେବାଶିଷ ମାନ୍ଧାତା,ପ୍ରକାଶ ଜେନା, ପ୍ରଭାତ ସେନାପତି, ନକୁଳ ସୁତାର, ସାରଦା ପ୍ରସନ୍ନ ଭୂୟାଁ, ଶୁଭମ ଜେନା, ଲକ୍ଷ୍ମୀପ୍ରିୟା ରାଉତ ବିପିନ ମଲ୍ଲିକ,ନୀଳକଣ୍ଠ ମିଶ୍ର,ହରିହର ସାହୁ, ବିଭୁତି ଭୂଷଣ ବେହେରା,ଧର୍ମପ୍ରତୀକ ରାଉତ ଆଶିଷ ମହାନ୍ତି,ଓ ସମରେନ୍ଦ୍ର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବଲାଙ୍ଗିର ଲୋକ ଉତ୍ସବ ଉଦଯାପିତ

ବଲାଙ୍ଗିର,୨୫।୧:(ମନ୍ଥନ)ବର୍ତ୍ତମାନର ଯୁବପିଢ଼ି ଯେତେ ଆଗଙ୍କୁ ଯାଆନ୍ତୁ, ଉନ୍ନତ ହୁଅନ୍ତୁ । ସେମାନଙ୍କୁ ଅଞ୍ଚଳର ସାଂସ୍କୃତିକ ବିଭବକୁ ପରଖିବାକୁ ପଡିବ । ଯଦ୍ୱାରା ସାମାଜିକସ୍ତରରେ ଏକତା ସୃଷ୍ଟି ହେବ । ସମାଜରେ ଏକ ସାଂସ୍କୃତିକ ପରିବେଶ ସୃଷ୍ଟି ହେବା ସହ ଶକ୍ତି ବଳୟ ରହିବ ବୋଲି ଜୋସଲ କଳା ମଣ୍ଡଳରେ ଆୟୋଜିତ ତ୍ରୟୋବିଂଶତମ ବଲାଙ୍ଗିର ଲୋକ ଉତ୍ସବର ଉଦଯାପନି ସନ୍ଧ୍ୟାରେ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂଦେଓ ଅତିଥି ଭାବରେ ଯୋଗଦେଇ କହିଥିଲେ । ଲୋକ ଉତ୍ସବ ଆୟୋଜନ ସମିତିର ଉପାଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଶ୍ରୀ ସିଂଦେଓ ଯୋଗଦେଇ ଆହୁରି କହିଥିଲେ ଯେ, ଉତ୍ସବ ପୁରା ଅଞ୍ଚଳର ସାହିତ୍ୟ, କଳା, ସଂସ୍କୃତିର ଆଦାନ ପ୍ରଦାନ ହୁଏ ଯ ସାହିତ୍ୟକ, କଳାକାରଙ୍କୁ ନିଜର କୃତି ପ୍ରଦର୍ଶନ ପାଇଁ ଏକ ମାଧ୍ୟମ ମିଳେ । ତେଣୁ ଏଭଳି ମହୋତ୍ସବ ନିହାତି ହେବା କଥା ବୋଲି ସେ କହିଥିଲେ । ସଭାରେ ଅନ୍ୟ ତମ ଅତିଥି ଭାବେ ଜିଲ୍ଲା ପରିଷଦ ଅଧିକାରୀ ତରଣି ସୁନା, ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର, ଅର୍ଥ କମିଟି ସହ ଅଧକ୍ଷ ସାଗର ସଙ୍ଗମ ଶତପଥୀ, କଳାକାର ଟଙ୍କଧର ନାରାୟଣ ତ୍ରିପିଠା, ଅଭ୍ୟର୍ଥନା କମିଟି ସହ ଅଧକ୍ଷ ଦେବଦତ୍ତ ଦେହେରା, ଦିନେଶ ଶର୍ମା ମଞ୍ଚାସୀନ ଥିଲେ । ଅତିମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ସହ



ଉଦ୍ୟାପନି ଦିବସର ଉଦଘାଟନ କରଯାଇଥିଲା ଓ ତବଲା ବାଦକ ଟଙ୍କଧର ମିଶ୍ର ଏବଂ ନରସିଂହ ଦୀପଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲାୟ ସଦୀପ କୁଅଁର ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅର୍ଥ କମିଟି ସହ ଅଧ୍ୟକ୍ଷ ସାଗରସଙ୍ଗମ ଶତପଥୀ ସ୍ୱାଗତ ଭାଷଣ ଦେଇଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମି ରଞ୍ଜନ ମିଶ୍ର ଧନ୍ୟବାଦ ଦିଆଯାଇଥିଲା । ପୁରୁଣା ମଞ୍ଚ ରେ ଦିନ ବେଳା ଲୋକ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଯାଇଅଛି । ସାଂସ୍କୃତିକ କମିଟି ସହ ଅଧକ୍ଷା ସଙ୍ଗୀତା ଦାସ ଯୋଗ ଦେଇ କଳାକାର ଙ୍କୁ ସମ୍ମାନୀତ କରି ପ୍ରମାଣ ପତ୍ର ପ୍ରଦାନ କରିଥିଲେ ଏହି ପ୍ରଦର୍ଶୀତ ନାଟକ ମାନଙ୍କ ମଧ୍ୟରେ ଲୋକ ନାଟକ ରାମ ଲୀଳା ଦର୍ଶକ ମାନଙ୍କୁ ବେଶ୍ ଆକର୍ଷିତ କରିଥିଲା । ଆଜିର ସଂଧ୍ୟା ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମରେ ବଲାଙ୍ଗିରର କଳାକାର, ଉମରକୋଟର ମେଣ୍ଟିନା ନାଟ୍ୟମ, ପାଟଣାଗଡ଼ର ସାତକୁଆଁରୀ କଳାପରିଷଦ, କଳାଘରର ସାତକୁଆଁରୀ କଳା ପରିଷଦ, ମଧୁସୂଦନ ସୋସିଓ କଲଚରାଲ ଆସୋସିଏସନ, ତୁଳଶି ସଙ୍ଗୀତ ନାଟକ ଏକାଡେମୀ, ଭଞ୍ଜନଗରର ବିଶ୍ୱଜନନୀ କଳା ପରିଷଦ, ହରିୟାନାର ପୀଗ, ପଶ୍ଚିମବଙ୍ଗର ପୁଲିଆ ଛଉ ପ୍ରମୁଖ ଦଳ ଅଂଶଗ୍ରହଣ କରିଥିଲେ । ଅପରପକ୍ଷେ, ଆଜି ସକାଳେ ଜୟଦେବ କଳାସଂସଦ ନୂତନ ମଞ୍ଚରେ ଭକ୍ତିସଂଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଓ ସେହିପରି ସଭାପରେ ଅନୁଷ୍ଠିତ ସଂଧ୍ୟା କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ପଙ୍କଜ ଜାଲ, ସର୍ବେଶ୍ୱର ଭୋଇ, ଅଙ୍କିତ ରାଜ, ଅନନ୍ୟା ଶ୍ରୀତମ ଦ, ମାନସୀ ପାଣିଗ୍ରାହୀ, ସଙ୍ଗୀତା ଭାରତି, ସୌଭାଗ୍ୟଲକ୍ଷ୍ମୀ ଦାଶଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# ପ୍ରାଧ୍ୟାପକ ଭଗବାନ ଜେନାଙ୍କ ଶ୍ରାଦ୍ଧବାର୍ଷିକୀ ବକ୍ତୃତାମାଳା

କେନ୍ଦ୍ରାପଡ଼ା,୨୫।୧:(ମନ୍ଥନ)ବିଶିଷ୍ଟ ଶିକ୍ଷକ ନେତା ତଥା ବାମପନ୍ଥୀ ଚିନ୍ତାନାୟକ ଭଗବାନ ଜେନାଙ୍କ ୭ମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ସ୍ମାରକୀ ବକ୍ତୃତା ଆଇନ ମହାବିଦ୍ୟାଳୟ କଲୋନୀ ସ୍ଥିତ ବିକଳ୍ପ ବିଚାର ମଞ୍ଚ ସଭାଗୃହରେ ଆୟୋଜିତ ହୋଇଯାଇଛି। ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ଅଧିନିୟମ-୨୦୨୫ ଶୀର୍ଷକ ବକ୍ତୃତା ପ୍ରଦାନ କରି ବିଶ୍ୱ ଶିକ୍ଷକ ସଂଘର ସଭାପତି ଡ. ଅମୀୟ କୁମାର ମହାନ୍ତି ଉକ୍ତ ବିଧେୟକକୁ ଶିକ୍ଷା ଅଧିକାର ଉପରେ ବୁଲଡୋଜର ବୋଲି ଦର୍ଶାଇ ଏହା ଭାରତବର୍ଷର ଭବିଷ୍ୟତକୁ ଧ୍ୱଂସ କରିଦେବ ବୋଲି କହିଥିଲେ। ଏହା ବିରୋଧରେ ବୁଦ୍ଧିଜୀବୀମାନେ ସ୍ୱର ଉତ୍ତୋଳନ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରାଧ୍ୟାପକ ଭଗବାନ ଜେନା ସ୍ମୃତି କମିଟି ଆନୁକୂଲ୍ୟରେ ସଂଗଠନ ସଭାପତି ଅଧ୍ୟାପକ ଅଜୟ ସାମଲଙ୍କ ପରିଚାଳନାରେ ଆୟୋଜିତ ଏହି ବକ୍ତୃତାମାଳାରେ ସମ୍ପାଦକ ଆଦିକନ୍ଦ ରାଉଳ ବିଷୟବସ୍ତୁର ପ୍ରାକ୍ ସୂଚନା ପ୍ରଦାନ କରିଥିବା ବେଳେ ପ୍ରାଧ୍ୟାପକ



ନନ୍ଦକିଶୋର ପରିଡା ଓ ପ୍ରାଧ୍ୟାପକ ମୋହନ ଚରଣ ଜେନା ସହ-ଆଲୋଚକ ଭାବେ ଯୋଗ ଦେଇଥିଲେ। ଅବଧୂତ ରାଉତ ପ୍ରାରମ୍ଭିକ ସୂଚନା ଦେଇଥିଲେ ଓ ଶିକ୍ଷକ ମହାସଂଘ ଜିଲ୍ଲା ସମ୍ପାଦକ ନବଘନ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ନେତା ଶୁଭ୍ରାଂଶୁ ଦାସ, ରମଣୀରଞ୍ଜନ ରାଉତରାୟ, ମହେନ୍ଦ୍ର ପଟ୍ଟନାୟକ, ଗୟାଧର ଧଳ, ବିକାଶ ଚନ୍ଦ୍ର ବେଉରା, ପଣ୍ଡିତ ପ୍ରତାପ ପତି, ଅଧ୍ୟାପକ ଡ଼ ଗିରୀଶ ପାତ୍ର, ବିଜୟ କୁମାର ପରିଡ଼ା, ଅବନ୍ତି ବେହେରା, ଅକ୍ରୁର ପଲାଇ, ରଣଧୀର ଜେନା, କେଦାର ସାମନ୍ତରାୟ, ବିଚିତ୍ର କୁମାର ନାୟକ, ସତ୍ୟପ୍ରିୟ ମହାନ୍ତି, ଉଦୟନାଥ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଆଇନଜୀବୀଙ୍କ ପରଲୋକ

କୋରାପୁଟ,୨୫।୧:(ମନ୍ଥନ)ଆଇନଜୀବି ଦିଲ୍ଲିପ ରାଉତଙ୍କ ପରଲୋକ ହୋଇଛି। ଏହି ଖବର ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଛି। ସେ ଜଣେ ଭଲ କ୍ଷ୍ୟାତିନାମ ଓକିଲ ଥିଲେ। ତାଙ୍କ ନିକଟରେ ଆଇନଗତ ଜ୍ଞାନ, ଦୃଢ ବିଶ୍ଲେଷଣାତ୍ମକ ଦକ୍ଷତା, ଉତ୍କୃଷ୍ଟ ଯୋଗାଯୋଗ ଦକ୍ଷତା ଏବଂ ଉଚ୍ଚନୈତିକ ମାନଦଣ୍ଡ,ଆଇନ ବିଷୟରେ ସଂପୂର୍ଣ୍ଣ ଜ୍ଞାନ, ଆଇନନୀତି ଗୁଡିକ ଦୃଢଧାରଣା ଏବଂ ସେଗୁଡିକ କ୍ଲାଏଂଟଙ୍କ ସମସ୍ୟାର ସମାଧାନପାଇଁ ପ୍ରଭାବଶାଳି ପ୍ରୟୋଗ,ବିଶ୍ଲେଷଣାତ୍ମକ ଦକ୍ଷତା, ଜଟିଳ ପରିସ୍ଥିତିର ମୂଲ୍ୟାଙ୍କନ କରିବା, ସାଧୁତା,ସଙ୍କୋଚତା, ନିରପେକ୍ଷ ସହିତ କାମ କରୁଥିଲେ। ସେ କ୍ଲାଏଂଟଙ୍କ ସମସ୍ୟାଙ୍କୁ ଭଲ ଭାବରେ ଶୁଣି ସେମାନଙ୍କୁ ଆବଶ୍ୟକ ସମର୍ଥନ ଓ ଅମୂଲ୍ୟ ଆଇନଗତ ସହାୟତା ପ୍ରଦାନ କରିବା ସହ କ୍ଲାଏଂଟଙ୍କୁ ଆଇଗତ ବ୍ୟବସ୍ଥାର ଜଟିଳତାକୁ ନେଭିଗେଟ କରିବାରେ ସଂପୂର୍ଣ୍ଣ ସାହାଯ୍ୟ କରୁଥିଲେ। ଆଇନଜୀବି ଦିଲ୍ଲିପ ରାଉତ ଙ୍କ ୫୩ ବର୍ଷ ବୟସରେ ସୁନାବେଡା ହାଲ ଟାଉନସିପ ହସପିଟାଲରେ ବିୟୋଗ ଘଟିଥିବା ଜଣାଯାଇଛି। ସୂଚନାରୁ ପ୍ରକାଶ ଯେ, ସେ ସେମିଳିଗୁଡା ଜେଏମଏଫସି ନ୍ୟାୟାଳୟରେ ସରକାରି ଓକିଲ ଭାବରେ କାର୍ଯ୍ୟରତ ଥିଲେ। କାର୍ଯ୍ୟରତ ଥିବା ସମୟରେ ସେ କିଛି ବର୍ଷ ହେଲା କର୍କଟ ରୋଗରେ ପୀଡିତ ଥିଲେ।ତାଙ୍କର ବିୟୋଗରେ ସେମିଳିଗୁଡା ଆଇନୀଜିବି ସମାଜଭିତରେ ଜଣେ ଭଲ ଆଇନଜୀବି ହରାଇଥିବା ନେଇ ଜଣା ଯାଇଛି। ତାଙ୍କର ଆଇନ ଓ ସାଧୁତା ପ୍ରତିସମର୍ପଣ ଅତୁଳନୀୟ ଥିଲା। ତାଙ୍କର ଅନ୍ତିମ ସଂସ୍କାର ହାଉସିଂବୋର୍ଡ କଲୋଣି ଶ୍ମସାନରେ କରାଯାଇଥିଲା। ସେହି ସମୟରେ ସେମିଳିଗୁଡା ବାର ଆସୋସିଆସନର ଆଇନଜୀବି, ସ୍ଥାନୀୟଲୋକ ଓପରିବାରସୁଜନ ଉପସ୍ଥିତ ରହିଥିଲେ। ତାଙ୍କର ବିୟୋଗରେ ସେମିଳିଗୁଡା ବାରଆସିଆସନ ତରଫରୁ କୋର୍ଟ ପରିସରରେ ନିରବ ପ୍ରାର୍ଥନା କରିଏକ ଶୋକସଭା ପାଳିତ ହୋଇଯାଇଛି।

# ବୋହୂକୁ ପେଟ୍ରୋଲ ଢ଼ାଳି ନିଆଁ ଲାଗାଇ ହତ୍ୟା ଉଦ୍ୟମ : ପୋଲିସର କାର୍ଯ୍ୟାନୁଷ୍ଠାନ କେବେ

ମାହାଙ୍ଗା,୨୫।୧:(ମନ୍ଥନ) ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଥାନା ଅର୍ନ୍ତଗତ ବାଲିପଡା ଗ୍ରାମର ବୀରବର ଦାସଙ୍କ ଝିଅ ସସ୍ମିତା ଦାସ ଯେକି ୮ବର୍ଷ ତଳେ କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ପୋଲିସ ଅଧିନରେ ଡାମରପୁର ଗ୍ରାମର ପ୍ରଫୁଲ୍ଲ କୁମାର ରାୟଙ୍କ ପୁତ୍ର ସୁଶାନ୍ତ ରାୟକୁ ବିବାହ କରିଥିଲେ। ଝିଅ ଜନ୍ମହେବାରୁ ବୋହୁକୁ ପୋଡି ମାରିବା ପାଇଁ ଉଦ୍ୟମ କରାଯାଇଥିବା ଝିଅ ଭାଇ ରଂଜନ କୁମାର ଦାସ ତା ୨୩.୦୧.୨୦୨୬ରିଖରେ ପଟ୍ଟାମୁଣ୍ଡାଇ ଥାନାରେ ଲିଖିତ ଅଭିଯୋଗ କରଛନ୍ତି। ପୋଲିସ ଏହି ଘଟଣାକୁ ତଦନ୍ତ କରିବା ସହ କେସ ନଂ୫୭/୨୦୨୬ରେ ଏକ ମାମଲା ରୁଜୁ କରି ପ୍ରଫୁଲ୍ଲ କୁମାର ରାୟଙ୍କୁ ଅଟକ ରଖିଥିବା ଜଣାପଡିଛି। ଅଭିଯୋଗ ଅନୁସାରେ ବିବାହ ସମୟରେ ବରପକ୍ଷର ଦାବି ଅନୁସାରେ ଯୌତୁକ ପ୍ରଦାନ କରାଯାଇଥିଲା। ବିବାହର ୨ବର୍ଷ ପରେ ଶାଶୁଘର ଲୋକ ସସ୍ମିତାକୁ ଶାରୀରିକ,ମାନସିକ ନିର୍ଯ୍ୟାତନା ଦେବା ସହ ଅଧିକ ଯୌତୁକ ଆଣିବାକୁ ଦାବି କରିଆସୁଥିଲେ। ସସ୍ମିତାର ଏକ ଝିଅ ଜନ୍ମ ହୋଇଥିଲା ଯାହାକୁ ନେଇ ପରିବାର ଲୋକ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଗତ ୨୨ତାରିଖ ରାତି ସମୟରେ ରଂଜନ କୁମାର ଦାସ ଭଉଣୀର ଶାଶୁଘର



ଲୋକଙ୍କ ସହିତ କଥା ହେଉଥିବା ସମୟରେ ହଠାତ୍ ତାଙ୍କ ପରିବାର ଲୋକ ଭଉଣୀକୁ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିଲେ। ଏହା ପରେ ଭିଣୋଇ ସୁଶାନ୍ତ ରାୟ,ଶ୍ୱଶୁର ପ୍ରଫୁଲ୍ଲ କୁମାର ରାୟ ଓ କନକଲତା ରାୟ ମିଶି ସସ୍ମିତା ଦେହରେ ପେଟ୍ରୋଲ ଢ଼ାଳି ନିଆ ଲଗାଇଦେଇଥିଲେ। କୌଶଳ କ୍ରମେ ସସ୍ମିତା ଖସିଆସି ଘରକୁ ଜଣାଇବା ପରେ ବାପଘର ଲୋକେ ୧୧୨ ଓ ୧୦୦ ମୋବାଇଲ ନମ୍ବର କରିଥିଲେ ମଧ୍ୟ ଘଟଣା ସ୍ଥଳରେ ଗାଡି ପହଂଚି ନଥିଲା। ଏପରିକି ରାତି ୧.୩୦ମିନିଟ୍‌ରେ ବାପଘର ଲୋକେ ଥାନାରେ ପହଂଚିଥିଲେ ମଧ୍ୟ କେବଳ ମହିଳା ପୋଲିସ କର୍ମଚାରୀ ଜଣକ ଥାନରେ ଉପସ୍ଥିତ ଥିଲେ। ୨ ଘଣ୍ଟା ଥାନାରେ ବସିବା ପରେ ପୋଲିସ ଘଟଣାସ୍ଥଳକୁ ଯାଇଥିଲା। ୨୪ତାରିଖ ଦିନ ଖବର ପ୍ରକାଶ ପାଇବା ପରେ ପୋଲିସ ଝିଅର ଶ୍ୱଶୁରକୁ ଥାନାକୁ ଆଣିଥିଲା ବେଳେ ଜ୍ୱାଇଁ ଓ ଶାଶୁକୁ ଥାନାକୁ ଆଣି ନଥିଲେ। ଯାହାକୁ ନେଇ ବାପଘର ଲୋକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବର୍ତ୍ତମାନ ସସ୍ମିତା ବାଲିପଡା ଗ୍ରାମରେ ବାପଘରେ ରହିଅଛି। ଘଟଣାର ତଦନ୍ତ କରାଯାଇ ଏଥିରେ ସଂପୃକ୍ତି ଥିବା ଶାଶୁଘର ଲୋକଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣକରିବାକୁ ଦାବି ହେଉଛି।

# ଜାତୀୟ ଉତ୍କର୍ଷତା ପୁରସ୍କାର ପାଇଲେ ଇଂ. ଅକ୍ଷୟ କୁମାର ସାମଲ

ମାହାଙ୍ଗା,୨୫।୧:(ମନ୍ଥନ)ସୁମିତ ଇଣ୍ଡିଆ ଓ ଭାରତ ସରକାରଙ୍କ ଅଖିଳଭାରତ ପ୍ରଯୁକ୍ତି ଶିକ୍ଷା ପରିଷଦର ସହଯୋଗରେ ଆତ୍ମନିର୍ଭରଶୀଳ ଭାରତ ସହିତ ଜାତୀୟ ଉତ୍କର୍ଷତା ପୁରସ୍କାର ୨୦୨୬ ପ୍ରଦାନ ଉତ୍ସବ ଭୁବନେଶ୍ୱରର ସ୍ଥିତ ତାଜ୍ ଭିବନ୍ତା ହୋଟେଲ ପରିସରରେ ଗତ ୨୩ତାରିଖ ଦିନ ଅନୁଷ୍ଠିତ ଏକ ଜାତୀୟସ୍ତରର କାର୍ଯ୍ୟକ୍ରମରେ ଆତ୍ମନିର୍ଭରଶୀଳ ଭାରତ ଗଠନରେ ଅବଦାନ ରଖିଥିବା ମାହାଙ୍ଗା ଅଂଚଳର ଉମର ଗ୍ରାମର ଇଂ. ଅକ୍ଷୟ କୁମାରସାମଲ ପୁରସ୍କୃତ ହୋଇଛନ୍ତି। ଏହା ମାହାଙ୍ଗା ଅଂଚଳ ତଥା ଓଡ଼ିଶା ପାଇଁ ଏକ ଗର୍ବର ବିଷୟ। ଇଂ. ଅକ୍ଷୟ କୁମାର ସାମଲ ମାହାଙ୍ଗା ତଥା ଓଡ଼ିଶା ଏପରିକି ସେ ଓଡ଼ିଶା,ମାହାଙ୍ଗା,ଦିଲ୍ଲୀ ଏନ୍‌ସିଆର୍ ଓ ବାହାର ରାଜ୍ୟରେ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଇବା ସହିତ କଳିଙ୍ଗ ଭାରତୀ ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଛନ୍ତି। ସେ ବିଭିନ୍ନ ସମୟରେ କେନ୍ଦ୍ରସରକାର ଏପରକି ବିଭିନ୍ନ ରାଜ୍ୟର ରାଜ୍ୟସରକାରଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଏହି ପୁରସ୍କାର ପ୍ରଦାନ ସମାରୋହରେ ପଦ୍ମ ପୁରସ୍କାର ପ୍ରାପ୍ତ ବ୍ୟକ୍ତି ବିଶେଷ ଓ ଦେଶ ବିଦେଶର ବହୁ ମାନ୍ୟଗଣ୍ୟ ଅତିଥି ଉପସ୍ଥିତ ରହିଥିଲେ। ଏହା ଉତ୍କୃଷ୍ଟତା , ନେତୃତ୍ୱ ଓ ଜାତି ଗଠନ ଉଦ୍ୟମକୁ ଉଦ୍‌ଭାଷିତ କରୁଥିବା ଏକ ସ୍ମରଣୀୟ ମୁହୂର୍ତ୍ତ ଥିଲା। ଏହି ଅବସରରେ ଓଡ଼ିଶା ବିଧାନସଭାର ମାନନୀୟା ବାଚସ୍ପତି ସୁରମା ପାଢ଼ୀ, ମାନନୀୟ କେନ୍ଦ୍ରମନ୍ତ୍ରୀ ଅର୍ଜୁନରାମ ମେଘୱାଲ, ଶ୍ୟାମଜାଜୁ ଅଧ୍ୟକ୍ଷ ସୁମିତ ଇଣ୍ଡିଆ ଏବଂ ପୂର୍ବତନ ଜାତୀୟ ବିଜେପି ଉପାଧ୍ୟକ୍ଷ, ବିଜୟ ସାମ୍ପଲା, ଅଧ୍ୟକ୍ଷ ସୁମିତ ଇଣ୍ଡିଆ(ଆର୍ନ୍ତଜାତୀୟ ଶାଖା), ପୂର୍ବତନ କେନ୍ଦ୍ରମନ୍ତ୍ରୀ ଓ ପୂର୍ବତନ ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ଲୋକପାଳ ସିଂ, ପ୍ରଫେସର ମହେଶ ବର୍ମା ସାଧାରଣ ସଂପାଦକ ସୁମିତ ଇଣ୍ଡିଆ ଯୋଗଦେଇ ଇଂ. ଅକ୍ଷୟ କୁମାର ସାମଲଙ୍କୁ ଜାତୀୟ ଉତ୍କର୍ଷତା ସମ୍ମାନ-୨୦୨୬ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମନୋଜ ପାଣୀଗ୍ରାହୀ, ମନୋରଂଜନ ରଥ, ବିଜୟ କୁମାର ସାମଲ, ସୁବ୍ରତ ତ୍ରିପାଠୀ, ସୁଶାନ୍ତ କୁମାର ମହାନ୍ତି, ସନ୍ତୋଷ କୁମାର ରାଉତ ଏବଂ ରାଜ୍ୟ ବାହାରର ପ୍ରିୟଜନ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଜାତୀୟ ସ୍ତରୀୟ ଅବଦୁଲ କରିମଖାନ ମେମୋରିଆଲ ଟ୍ରଫି ଫୁଟବଲ୍ ଟୁର୍ଣ୍ଣାମେଣ୍ଟଦ୍ୱିତୀୟ ଲିଗମ୍ୟାଚ

କେନ୍ଦ୍ରାପଡା,୨୫।୧:(ମନ୍ଥନ) ଜାତୀୟ ସ୍ତରୀୟ ଷଷ୍ଠ ଅବଦୁଲ କରିମ ଖାନ ମେମୋରିଆଲ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଲିଗମ୍ୟାଚ ଶନିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଫକିରାବାଦ ଲକି ସ୍ପୋଟିଂ କ୍ଲବ ଆନୁକୂଲ୍ୟରେ କେନ୍ଦ୍ରାପଡା ସରକାରୀ ହାଇସ୍କୁଲ ଖେଳପଡିଆରେ କ୍ଲବର ସଭାପତି ମହମ୍ମଦ ସଲିମ ଖାନ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ପୌରାଧକ୍ଷା ସରିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମ୍ୟାଚକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜେଡି ସଭାପତି ଶିବ ପ୍ରସାଦ ଭଳ, ରାଜ୍ୟ ବିଜେଡି ସମ୍ପାଦକ ରଞ୍ଜିତ କୁମାର ସାହୁ,କାଉନସିଲର ପ୍ରଦୀପ୍ତ ଜେନା, ଚୌଧୁରୀ ସୁକୁମାର ଦାସ, ଉମେଶ ନାୟକ, ରମେଶ ଦାସ, ସେକ ଅସଲମ, ପ୍ରଦୀପ କୁମାର ନାୟକ ଓ ସେକ ନସ୍ରୁଦ୍ଦିନ ପ୍ରମୁଖ ଯୋଗଦେଇଥିଲେ। ଏଥିସହିତ ଅତିଥିମାନେ ଖେଳପଡିଆକୁ ଯାଇ ଉଭୟ ଦଳର ଖେଳାଳୀମାନଙ୍କ ସହ ହାତମିଳାଇ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଆଜି ଅନୁଷ୍ଠିତ ଦ୍ୱିତୀୟ ଲିଗ୍‌ମ୍ୟାଚରେ ରାଉରକେଲା ରେଡ ୟୁନିଟ ଡିଏମଏସଏଫ ଝାଡଖଣ୍ଡକକୁ ସଡନଡେଥ ମାଧ୍ୟମରେ ୧୧-୧୦ ଗୋଲରେ ହରାଇ



ଏ-ଗ୍ରୁପ୍‌ର ପ୍ରଥମ ସେମିଫାଇନାଲ ମ୍ୟାଚ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ରାଉରକେଲାର ସେକ ଅନିସକୁ ଅତିଥିମାନେ ମ୍ୟାନ ଅଫ୍ ଦି ମ୍ୟାଚ୍ କପ ପ୍ରଦାନ କରିଥିଲେ। ଆଜିର ମ୍ୟାଚ୍‌କୁ ରେଫରୀ ଭାବେ ସୁକାନ୍ତ ସିଂ, ମହମ୍ମଦ ସାକଲିନ, ମହମ୍ମଦ ମୋକିମ ଓ ଯୁଧିଷ୍ଠିର ଲେଙ୍କା ପ୍ରମୁଖ ପରିଚାଳନା କରିଥିଲେ। ରବିବାର ଅନୁଷ୍ଠିତ ହେବାକୁ ଥିବା ଗ୍ରୁପ-ଏର ପ୍ରଥମ ସେମିଫାଇନାଲ ମ୍ୟାଚରେ କେନ୍ଦ୍ରାପଡାର ଚାନ୍ଦ କ୍ଲବକୁ ଭେଟିବ ରାଉରକେଲା ରେଡ ୟୁନିଟ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର କାର୍ଯ୍ୟକାରୀ ସଭାପତି ମହମ୍ମଦ ନିଆଜ୍, ସାଧାରଣ ସମ୍ପାଦକ ସେକ ସାହାବୁଲ୍ଲା, ଉପସଭାପତି ସେକ ଫରିଦଉଦ୍ଦିନ୍, ସେକ ସଫାତୁଲ୍ଲା, ଇବ୍ରାହିମ ଖାନ୍, ସମିଉଲ୍ଲା ଖାନ୍, ସେକ ବୁରାନଉଲ୍ଲା, ସମ୍ପାଦକ ମୀର ସଲିମ, ମୀର ଜରାର୍, କଲିମ ଖାନ୍, ମୀର ଅବୁସମା, ଆୟାଜ ମହମ୍ମଦ୍, କୋଷାଧକ୍ଷ ସେକ ମୁସ୍ତାକ ଓ ମହମ୍ମଦ ଆଝାରୁଦ୍ଦିନ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ସୟଦ ଅକମଲ ଅଲ୍ଲୀ, ମାସୁମ ଖାନ୍, ମୀର ସଲାମତ୍, ସଲିମ ଖାନ୍, ଜାହିଦ ଖାନ୍, ମୀର ମହମ୍ମଦ ଅମୀରଙ୍କ ସମେତ ସେକ ଆଦିକ ଇକବାଲ୍, ସମସେର ଅଲ୍ଲୀ ଖାନ୍, ମହମ୍ମଦ ଇମ୍ରାନ୍, ୱାସିମ, ଦିଲୁ ପଣ୍ଡା, ଆଜମଲ ଖାନ୍, ମହମ୍ମଦ ଅଜିଜ୍, ମିରାଜନ୍, ମୋତି ଖାନ୍ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ପିଏମଶ୍ରୀ କୋରୋ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଜାତୀୟ କନ୍ୟା ଦିବସ

କେନ୍ଦ୍ରାପଡ଼ା,୨୫।୧:(ମନ୍ଥନ)ପିଏମଶ୍ରୀ କୋରୋ ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଜାତୀୟ କନ୍ୟା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାପଡା କଲେଜର ପ୍ରାକ୍ତନ ଅଧକ୍ଷ କୈଳାସ ଚନ୍ଦ୍ର ବରାଳ ମୁଖ୍ୟଅତିଥି ଭାବେ ଯୋଗଦେଇ କନ୍ୟା ମାନେ ଦୁର୍ବଳ ନୁହଁନ୍ତି। ଏ କ୍ଷେତ୍ରରେ ସାମାଜିକ ସଚେତନତାର ଅଭାବ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ରୂପେ ସ୍କୁଲ୍ ପରିଚାଳନା ସମିତି ସଭାପତି ମଧୁସ୍ମିତା ନାୟକ ଯୋଗଦେଇ ନାରୀ ଦୂର୍ବଳ ନୁହଁ ସବଳ ବୋଲି ବକ୍ତବ୍ୟ ରଖିଥିଲେ। ବରିଷ୍ଠ ଶିକ୍ଷୟତ୍ରୀ ତୃପ୍ତିରେଖା ପରିଡା ଉକ୍ତ ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ସାରଗର୍ଭକ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟରେ ଉପସ୍ଥିତ ବାଳିକା ମାନେ ସମାଜରେ ଥିବା ଲିଙ୍ଗଗତ ଭେଦଭାବ ସମ୍ପର୍କରେ କହିଥିଲେ। ଶିକ୍ଷକ ହିମାଂଶୁଶେଖର ପରିଡା, ସାବିତ୍ରୀ ବିଶ୍ୱାଳ, ଜଗନ୍ନାଥ ପ୍ରସାଦ ଉପାଧ୍ୟାୟ, ପୁଷ୍ପମିତ୍ରା ଦିବେଦୀ, ରଞ୍ଜନ କୁମାର ମଲିକ, ଦୀପ୍ତିରେଖା ପରିଡା, ଇତିଶ୍ରୀ ପ୍ରଧାନ, ମୋନାଲିସା ବେହୁରା, ଦୀପ୍ତିମୟୀ ମୁଦୁଲି, କଞ୍ଚନା ମଞ୍ଜରି ଦାସ, ଚିତ୍ରସେନ ମାଝୀ, ଏଲିନା ରାଉତରାୟ, ଅରବିନ୍ଦ ବାରିକ, ପ୍ରିୟଙ୍କା ପ୍ରତିଶ୍ରୁତି ନାୟକ ପ୍ରମୁଖ ସମସ୍ତ ଶିକ୍ଷକ,ଶିକ୍ଷୟତ୍ରୀମାନେ ଉପସ୍ଥିତ ଥିଲେ। ଶେଷରେ ଶିକ୍ଷୟତ୍ରୀ ସାବିତ୍ରୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ନବ ନିର୍ମାଣ କୃଷକ ସଂଗଠନ ତରଫରୁ ସାମ୍ବାଦିକ ସମ୍ମିଳନୀ

ଭବାନୀପାଟଣା,୨୫।୧:(ମନ୍ଥନ)୨୮ ତାରିଖ ଓଡ଼ିଶା ବନ୍ଧ ଡାକରା ର ସଫଳତା ହାସଲ ପାଇଁ ନବ ନିର୍ମାଣ କୃଷକ ସଂଗଠନ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟରେ ଧାନ ମଣ୍ଡି ଓ ଧାନ ବିକ୍ରିର ଅବ୍ୟବସ୍ଥା ଯୋଗୁଁ ଚାଷୀ ହଇରାଣ, ପ୍ରଦୂଷଣ ନାମରେ ସାଧାରଣ ଜନତାଠାରୁ ହଜାର ହଜାର ଟଙ୍କାର ଜରିମାନା ଏବଂ ବକେୟା ଟଙ୍କା ଆଦାୟ ଓ ସ୍ମାର୍ଟ ମିଟର ଲଗେଇବା ନାମରେ ଟାଟା ପାୱାରର ଜୁଲୁମ ଓ ଲୁଟିବା ବିରୁଦ୍ଧରେ ପ୍ରତିବାଦ କରି ନବ ନିର୍ମାଣ କ୍ରୁଷକ ସଂଗଠନର ରାଜ୍ୟ ନେତୃତ୍ୱ କିଛି ଦିନ ପୁର୍ବରୁ ସାମ୍ବାଦିକ ସମ୍ମଳନୀ କରି ଆସନ୍ତା ୨୮ତାରିଖ ମଙ୍ଗଳବାର ସକାଳ ୬ଟାରୁ ଦିନ ୨ଟା ପର୍ଯ୍ୟନ୍ତ ଓଡିଶା ବନ୍ଦ ଡାକରା ଦେଇଛନ୍ତି । ତେଣୁ ଆଜି କଳାହାଣ୍ଡି ଜିଲ୍ଲା ସଂଗଠନର ସଂଯୋଜକ ଲିଙ୍ଗରାଜ ପ୍ରଧାନଙ୍କ ନେତୃତ୍ୱରେ ଭବାନିପାଟଣା ଅନ୍ତର୍ଗତ ବିବିସିପଡା ସ୍ଥିତ ଗୋଷ୍ଠୀ କେନ୍ଦ୍ରରେ ସାମ୍ବାଦିକ ସମ୍ମିଳନୀ ହୋଇଯାଇଅଛି । ଚାଷୀ ଓ ବିଦ୍ୟୁତ ଉପଭୋକ୍ତାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ଏହି ବନ୍ଦ ଡାକରାକୁ କଳାହାଣ୍ଡି ଜିଲ୍ଲାରେ ସଫଳ କରିବା ପାଇଁ ସମସ୍ତ ଚାଷୀ, ବିଦ୍ୟୁତ ଉପଭୋକ୍ତା, ବିଭିନ୍ନ ସଂଗଠନ, ରାଜନୈତିକ ଦଳର ସମର୍ଥନ ଲୋଡିବା ସହ କଳାହାଣ୍ଡିବାସୀ, ବସ୍ ସଂଘ, ଟ୍ରକ ସଂଘ, ଅଟୋ ସଂଘ, ବିଭିନ୍ନ ଯାନବାହାନ ସଂଘ, ସ୍କୁଲ କମିଟି, ବଣିକ ସଂଘ ଓ ସରକାରୀ କର୍ମଚାରୀମାନଙ୍କୁ ଲିଙ୍ଗରାଜ ପ୍ରଧାନ ସହଯୋଗର କାମନା କରିଛନ୍ତି । କମ୍ ସେ କମ୍ ଦୁଇଟି ଜାଗାରେ ରାସ୍ତାରୋକ କରାଯିବା ସହିତ କେବଳ ଜୁରିରୀକାଳିନ ପରିସ୍ଥିତିକୁ ଦେଖି ଗାଡି ଛଡାଯିବ ବୋଲି ସହସଂଯୋଜକ ହେରାମ୍ବ ସେନାପତି କହିଛନ୍ତି । ବହୁ ଚାଷୀ ଓ ଯୁବକ ରାଜରାସ୍ତାକୁ ଆସି ଏହି ବନ୍ଦକୁ ସଫଳ କରିବେ ବୋଲି ଜିଲ୍ଲା ଯୁବ ସଂଯୋଜକ ହିତେଶ ନାଏକ କହିଛନ୍ତି । ଏହି ସମ୍ମିଳନୀରେ ମୁଇଁ କଳାହାଣ୍ଡିଆ ଫର୍ କଳାହାଣ୍ଡି ସଂଗଠନର ସଭାପତି ସୁରେଶ ସଂଗ୍ରାମ ଓ ସଂଗଠକ ଇଂ ଲକ୍ଷ୍ମୀନାରାୟଣ ପଣ୍ଡା, ଜନ ଜାଗରଣ ମଞ୍ଚର ସଭାପତି ଅଗଷ୍ଟ ନାଏକ, ଜନମ ମାଟି ସୁରକ୍ଷା ସଂଗ୍ରାମ ସମିତିର ଆବାହକ ଗିରିଧାରୀ ପାତ୍ର, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଭାପତି ଶରତ ଚନ୍ଦ୍ର ନାୟକ ଓ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜିଲ୍ଲା ସହ ସମ୍ପାଦକ ସଞ୍ଜୟ ସୁନାନୀ ଉପସ୍ଥିତ ରହି ବନ୍ଦ ଡାକରାକୁ ପୁର୍ଣ୍ଣ ସମର୍ଥନ ଜଣାଇଛନ୍ତି । ସଂଗଠନର ବୃନ୍ଦା ନାଏକ, ଗମୟ ରଞ୍ଜନ ନାଏକ, ମନୁ ମହାଲିକ, ଈଶ୍ୱର କଣ୍ଟା, ଶରତ ନାଏକ ଓ ଘନଶ୍ୟାମ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।



# ମକର ମେଳା ଓ ମାଘେ ପର୍ବ ଅନୁଷ୍ଠିତ




**ଚମ୍ପୁଆ, ୨୫।୧:(ମନ୍ଥନ)** ଚମ୍ପୁଆ। ବ୍ଲକ ଅନ୍ତର୍ଗତ ସୁନାପଶି ପଞ୍ଚାୟତ କସିରା ଗ୍ରାମ ସାଗେନ ସାକାମ ଆଦିବାସୀ ସାମାଜିକ ସଙ୍ଘ, କସିରା ଦ୍ୱାରା ଶିବ ଶଙ୍କର ମକର ମେଳା ଓ ମାଘେ ପରବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ମାଘେ ପରବରେ ମୁଖ୍ୟ ଅତିଥି ଚମ୍ପୁଆ। ନିର୍ବାଚନ ମଣ୍ଡଳୀର ଲୋକପ୍ରିୟ ବିଜେପି ଜନନେତା, ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଂଯୋଜକ ତଥା କେନ୍ଦୁଝର ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବିଶିଷ୍ଟ ସମାଜସେବୀ ଶ୍ରୀମନ୍ତ କୁମାର ତ୍ରିପାଠୀଙ୍କ ସହିତ ସମ୍ମାନୀତ ଅତିଥି, ନରତ୍ତମ ମହାନ୍ତ, ସରୋଜ ପ୍ରଧାନ, ଲୋକନାଥ ପାତ୍ର ଓ ଅନ୍ୟାନ୍ୟ ବିଜେପି କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ।ସାଗେନ ସାକାମ ଆ।ଦିବାସୀ ସାମାଜିକ ସଙ୍ଘ ଦ୍ୱାରା ପ୍ରତ୍ୟେକ ବର୍ଷ ମାଘ ମାସର ଆ।ଗମନରେ ଏହି ପର୍ବ ପାଳନ କରା ଯାଉଥିବା ବେଳେ ଚଳିତ ବର୍ଷ ମଧ ଧୁମଧାମରେ ଏହି ପର୍ବ ପାଳିତ ହୋଇଛି । ଗ୍ରାମ ଦେହୁରୀ ସମସ୍ତ ରୀତିନୀତି ଅନୁସାରେ ପୂଜା କର୍ମ ସମାପନ କରିଥିଲେ । ପୂଜା କାର୍ଯ୍ୟ ସରିବା ପରେ ଗ୍ରାମବାସୀ ମାନେ ପ୍ରଥମେ ମୁଖ୍ୟ ଅତିଥି ଶ୍ରୀମନ୍ତ କୁମାର ତ୍ରିପାଠୀ ଙ୍କୁ ଫୁଲ ପୁଷ୍ପ, ଉତ୍ତରୀୟ ଦେଇ ଭବ୍ୟ ସ୍ୱାଗତ କରିବା ପରେ ପାରମ୍ପରିକ ମାଦଳ, ନାଗରା, ଝାଞ୍ଜ, ଆ।ଦି ବାଦ୍ୟ ବଜାଇ ଗୀତ, ନାଚ ସହିତ ମଞ୍ଚ ଉପରକୁ ପହଞ୍ଚାଇ ଥିଲେ । ସେଠାରେ ଆ।ଦିବାସୀ ପୁରୁଷ, ମହିଳା ମାନେ ପୂର୍ବର ରାଗରୁଷାକୁ ଭୁଲି ଏକତ୍ରିତ ଭାବେ କାନ୍ଧକୁ କାନ୍ଧ ମିଳାଇ ହାତକୁ ହାତ ଧରାଧରି ହୋଇ ନାଚ ଗୀତରେ ମଜି ଯାଇଥିଲେ । ଏହିପରି ଭାବେ ମାଗେ ପର୍ବ ପାଳିତ ହୋଇଥିବା ବେଳେ ମୁଣ୍ଡା ମାନଙ୍କର ପାରମ୍ପରିକ ମାଗେ ନୃତ୍ୟ ମାଗେ ପର୍ବର ମୁଖ୍ୟ ଆ।କର୍ଷଣ ହୋଇଥିଲା । ପର୍ବ ଦେଖିବାକୁ ଆ।ଖ ପାଖ ଗ୍ରାମ ମାନଙ୍କରୁ ହଜାର ହଜାର ସଂଖ୍ୟାରେ ଲୋକଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା । ଏହି ଅବସରରେ ବିଭିନ୍ନ ପ୍ରକାରର ଦୋକାନ ବଜାର ଲାଗି ଥିବାରୁ ଲୋକେ କିଣା ବିକା କରି ପର୍ବର ମଜା ନେଇଥିଲେ । ସାଗେନ ସାକାମ ଆ।ଦିବାସୀ ସାମାଜିକ ସଂଘର ସଦସ୍ୟ ମାନେ ମାଗେ ପରବ କୁ ପରିଚାଳନା କରିଥିବା ବେଳେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ତ୍ରିପାଠୀ ତାଙ୍କ ଅଭିଭାଷଣରେ ଆ।ଦିବାସୀ ସମ୍ପ୍ରଦାୟର ପାରମ୍ପରିକ ମାଗେ ପରବ ପାଳନ କରିବାର ଉଦେଶ୍ୟ କୁ ବୁଝାଇ ଥିଲେ କିପରି ମାଘ ମାସକୁ ବର୍ଷର ସବୁଠାରୁ ପବିତ୍ର ମାସ ଭାବେ ଗ୍ରହଣ କରି ଆ।ଦିବାସୀ ସମ୍ପ୍ରଦାୟର ଲୋକ ମାନେ ଗ୍ରାମର ସୁବିଧା ଅନୁଯାୟୀ ମାଘ ମାସର ସଂକ୍ରାନ୍ତି ପରଠାରୁ ଯେକୌଣସି ଦିନ ଏହି ପର୍ବ ପାଳନ କରିଥାନ୍ତି । ପ୍ରଥମେ ଗ୍ରାମର ଦେହୁରୀ ଗାଁ ଠାକୁରାଣୀ ଓ ବାବା ଭୋଳାନାଥଙ୍କ ନିକଟରେ ମାଗେ ପୂଜା କରି ଥାନ୍ତି । ଏହି ପୂଜା ଗ୍ରାମର ଶୁଭ ମନାସି ତଥା ଗୃହ ପାଳିତ ପଶୁ ପକ୍ଷୀଙ୍କୁ କୌଣସି ମହାମାରୀ ଓ ରୋଗ ବ୍ୟାଧି ନ ହେବା, ଜଙ୍ଗଲୀ ହିଂସ୍ରଜନ୍ତୁ ଦାଉରୁ ସମସ୍ତେ ରକ୍ଷା ପାଇବା ସହିତ ଗ୍ରାମରେ ଭଲ ଫସଲ ହେବା ନିମନ୍ତେ ପୂଜା କରା ଯାଇଥାଏ । ପରେ ନିଜ ନିଜ ଗୁହାଳରେ ଇଷ୍ଟ ଦେବତା ବଡ଼ ଠାକୁର (ମାରାଙ୍ଗ ବଙ୍ଗା) ଙ୍କ ପୂଜା କରିବା ସହିତ ପୂର୍ବପୁରୁଷଙ୍କୁ ପୂଜା ଦେଇ ପରିବାରର ଦୁଃଖ କଷ୍ଟ ଦୂର କରିବା ପାଇଁ ପ୍ରାର୍ଥନା କରିଥାନ୍ତି । ଏହି ଦିନ ନୂତନ ବସ୍ତ୍ର ପରିଧାନ କରି ନୂଆ। କୁଲା ଓ ଡଲାରେ ନୂତନ ଶସ୍ୟ ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ସହିତ ଘରେ ଘରେ ପାରମ୍ପରିକ ଭାବରେ କୁକୁଡ଼ା ପୂଜା କରି ଥାଆ।ନ୍ତି । ତାପରେ ସମସ୍ତେ ଏକାଠି ମିଳିମିଶି ପିଠା ପଣା, ହାଣ୍ଡିଆ। ମଦ, ମାଂସ, ଲେଟ ଆ।ଦି ଖାଇ ବାଦ୍ୟର ତାଳେ ତାଳେ ନାଚ ଗୀତ କରି ପର୍ବର ମଜା ନେଇଥାନ୍ତି । ଶ୍ରୀ ତ୍ରିପାଠୀ ଚମ୍ପୁଆ। ନିର୍ବାଚନ ମଣ୍ଡଳୀର ପ୍ରତ୍ୟକ ସାଧାରଣ ଲୋକଙ୍କ ଠାରୁ ଆ।ରମ୍ଭ କରି ଦଳୀୟ କାର୍ଯ୍ୟକର୍ତ୍ତା ଓ ଯେକୌଣସି ପର୍ବ ପର୍ବା।ଣି ଉତ୍ସବ, ବାହାଘର, ବ୍ରତ, ଏକାଦଶାହ କ୍ରିୟା ସବୁ ଥିରେ ସମସ୍ତଙ୍କ ସହିତ ମିଶୁଥିବା ଯୋଗୁଁ ମନେ ହୁଏ ସାଧାରଣ ଲୋକମାନଙ୍କ ହୃଦୟ କିଣି ନେଇଛନ୍ତି ଏବଂ ତାଙ୍କର ଲୋକପ୍ରିୟତା ଦିନକୁ ଦିନ ବୃଦ୍ଧି ପାଇବାକୁ ଲାଗୁଛି ।

## ଇନ୍ଦୁପୁର ସତସଙ୍ଗ କେନ୍ଦ୍ର ପ୍ରକଳ୍ପ ନିର୍ମାଣର ଶୁଭାରମ୍ଭ

**କେନ୍ଦ୍ରାପଡ଼ା, ୨୫।୧:(ମନ୍ଥନ)** ଇନ୍ଦୁପୁର ସତସଙ୍ଗ କେନ୍ଦ୍ର ପ୍ରକଳ୍ପ ନିର୍ମାଣର ଭୂମି ପୂଜନ, ପବିତ୍ର ଘଟ ସ୍ଥାପନ ଓ ବାର୍ଷିକ ସତସଙ୍ଗ ଅଧିବେଶନ ଶୁକ୍ରବାର ମହାସମାରୋହରେ ପାଳିତ ହୋଇଯାଇଛି। ସତସଙ୍ଗ ସହ ପ୍ରତିରତ୍ୱିକ ରମେଶ ଚନ୍ଦ୍ର ରାଉତ ଉକ୍ତ ସତସଙ୍ଗରେ ଅଧକ୍ଷତା କରିଥିବା ବେଳେ ସହ ପ୍ରତିରତ୍ୱିକ ଦୁର୍ଯ୍ୟୋଧନ ରଥ, ଗୁରୁଚରଣ ପରିଡ଼ା, ବିଜୟ କେତନ ମହାପାତ୍ର, ନିରଞ୍ଜନ ବେହେରା, ପ୍ରହ୍ଲାଦ ନାଥଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ପବିତ୍ର ପଞ୍ଜାଧାରୀ କର୍ମୀ ପ୍ରଦ୍ୟୁମ୍ନ କୁମାର ଜେନା ସତସଙ୍ଗର ଉଦେଶ୍ୟ ଓ ଶ୍ରୀ ଶ୍ରୀ ଠାକୁରଙ୍କ ଦିବ୍ୟଜୀବନ ଉପରେ ଆଲୋକପାତ କରିଥିଲେ। ପବିତ୍ର ପାଞ୍ଜାଧାରୀ କର୍ମୀ ରବିନ୍ଦ୍ର ନାୟକ, ବିନୟ କୁମାର ବୋଷ, ମନୋରଞ୍ଜନ ବୋଷ, ଦୈତାରୀ ସାହୁ, କସ୍ତୁରୀ ଚରଣ ପ୍ରଧାନ, ଶରତ ଚନ୍ଦ୍ର ରାଉତ, ଭରତ ଚନ୍ଦ୍ର ଦାଶ, ଅଭୟ ଚରଣ ଦାଶ, ଭାଗିରଥି ମହାନ୍ତି, ଶ୍ରୀଧର ଦାଶଙ୍କ ସମେତ ସହ ବହୁ ସଂଖ୍ୟାରେ ଆଞ୍ଚଳିକ ଗୁରୁଭ୍ରାତା ମା' ସତସଙ୍ଗ ପିପାସୁ ଶ୍ରଦ୍ଧାଳୁ ବ୍ୟକ୍ତି ମାନେ ଯୋଗ ଦେଇଥିଲେ। ସର୍ବ ଶେଷରେ ଶ୍ରୀ ଶ୍ରୀ ଠାକୁରଙ୍କ ପବିତ୍ର ପଞ୍ଜାଧାରୀ କର୍ମୀ ବିଜୟ କୁମାର ଜେନା ବନ୍ଦେପୁରୁଷୋତ୍ତମ ଧ୍ୱନି ଦେଇ ସତସଙ୍ଗ ସମାପନ ହୋଇଥିଲା।

## ୨୮ ତାରିଖ ମହାବନ୍ଦ ଡାକରା ଜିଲ୍ଲା କୃଷକ ସଂଘ ର ସମ୍ପୂର୍ଣ୍ଣ ସମର୍ଥନ

**ବଲାଙ୍ଗିର, ୨୫।୧:(ମନ୍ଥନ)** ଚାଷୀକୂଳ ସମସ୍ୟା ଭିତରେ ଘେରି ରହିଛି। ସରକାର ଚାଷୀକୂଳ କୁ ସେ ସମସ୍ୟାରୁ ଉଦ୍ଧାର କରିବା ପରିବର୍ତ୍ତେ ଆହୁରି ସମସ୍ୟା ଭିତରେ ଠେଲି ଦେଉଛି। ଚାଷୀ ଏ ସବୁ ସମସ୍ୟାକୁ ନେଇ ଆନ୍ଦୋଳନ କଲେ ତା ଉପରେ ବିଭିନ୍ନ ଢଙ୍ଗରେ ନିର୍ଯ୍ୟାତନା ଦେଉଛି। ନବ ନିର୍ମାଣ କୃଷକ ସଂଗଠନ ୮ ଦଫା ଦାବିକୁ ନେଇ ଆସନ୍ତା ୨୮ ତାରିଖରେ ରାଜ୍ୟରେ ମହାବନ୍ଦ ର ଡାକରା ଦେଇଛି। ବିଭିନ୍ନ ଚାଷୀ ସଂଗଠନ କୁ ନେଇ ଗଠିତ ମିଳିତ କୃଷକ ସଂଗଠନ ମଧ୍ୟ ଏହାକୁ ସମର୍ଥନ ଜଣାଇଛି। ସେହି କ୍ରମରେ ଚାଷୀମାନଙ୍କ ହକ କୁ ନେଇ କରାଯାଉଥିବା ଏହି ମହାବନ୍ଦ କୁ ଜିଲ୍ଲା କୃଷକ ସଂଗଠନ ମଧ୍ୟ ସମ୍ପୁର୍ଣ୍ଣ ସମର୍ଥନ ଜଣାଇବା ସହ ଏହି ବନ୍ଦକୁ ସଫଳ କରିବା ପାଇଁ ଜନସାଧାରଣ ଙ୍କୁ ବିନମ୍ର ନିବେଦନ କରିଛି। ଜିଲ୍ଲା କୃଷକ ସଂଗଠନ ର ସଭାପତି ସାନନ୍ଦ ମିଶ୍ର ଏକ ପ୍ରେସ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି। ସେହି ପରି ଏହି ମହାବନ୍ଦକୁ ଟାଉନ କଂଗ୍ରେସ, ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ ପକ୍ଷରୁ ସମ୍ପୂର୍ଣ୍ଣ ଜଣାଇଛି।

## ମା ବାସନ୍ତୀ ଦୁର୍ଗାପୂଜା ନିମନ୍ତେ ପ୍ରସ୍ତୁତି ବୈଠକ

**ଅନୁଗୁଳ, ୨୫।୧:(ମନ୍ଥନ)** ହେମସୁରପଡ଼ା ମହାଦେବ ମନ୍ଦିର ପରିସରରେ ମା ବାସନ୍ତୀ ଦୁର୍ଗା ପୂଜା କମିଟି, ଅମଲାପଡ଼ା ର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ର ସଭାପତି ଶକ୍ତି ପ୍ରସାଦ ପଟ୍ଟନାୟକ ଙ୍କ ସଭାପତିତ୍ୱରେ ଆ।ୟୋଜିତ ଏହି ବୈଠକରେ ପୂର୍ବ ବର୍ଷର ଆ।ୟବ୍ୟୟ ଏବଂ ଚଳିତ ବର୍ଷର ପୂଜାକୁ କିଭଳି ସରସ ସୁନ୍ଦର ଓ ଆ।କର୍ଷିତ କରାଯିବ ସେଥିନେଇ ଆ।ଲୋଚନା ହୋଇଥିଲା । ଚଳିତ ବର୍ଷ ମାର୍ଚ୍ଚ ମାସ ୨୪ ତାରିଖରୁ ପୂଜା ଆ।ରମ୍ଭ ହେବ । ବାସନ୍ତୀ ଦୁର୍ଗାପୂଜା ପଡିଆ।ର ଉନ୍ନତି ପାଇଁ ସରକାର ୧ କୋଟି ୫ ଲକ୍ଷ ଟଙ୍କା ମଞ୍ଜୁର କରିଥିବାରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସାଂସଦ ରୁଦ୍ର ନାରାୟଣ ପାଣି, ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଜିଲ୍ଲାପାଳ ଅବ୍ଦାଲ୍ ଏମ ଅଖତାର ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ଙ୍କୁ କମିଟି ପକ୍ଷରୁ ଧନ୍ୟବାଦ୍ ଅର୍ପଣ କରାଯାଇଥିଲା ।ବୈଠକରେ ଉପଦେଷ୍ଟା ବରିଷ୍ଠ ଆ।ଇନଜୀବୀ ପ୍ରଦୀପ କୁମାର ଦେବତା, ସମ୍ପାଦକ ଅନୁପ ମହାନ୍ତି , ଉପସଭାପତି ଯତୀନ ସେଠୀ,କୋଷାଧକ୍ଷ ରଶ୍ମି ରଞ୍ଜନ ପ୍ରଧାନ ଙ୍କ ସମେତ,ଶୁଭେନ୍ଦୁ ପ୍ରଧାନ, ଗୁଲୁ ମହାନ୍ତି, ଗୁରୁଦେବ ସାହୁ, ସୁଜି ବେହେରା,ଜୟ ପଟ୍ଟନାୟକ,ଅମ୍ବିକା ଦେବତା,ଗିରିଜା ପଟ୍ଟନାୟକ,ମନୋଜ ପ୍ରଧାନ, ରିତେଶ ଦଳବେହେରା, ଅନିଲ ପଟ୍ଟନାୟକ, ପ୍ରତାପ ମାଝୀ, ଦିଲ୍ଲୀପ ପ୍ରଧାନ ଓ ବିଜୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

## ଶିଶୁ ମନ୍ଦିରରେ ସ୍କାଉଟ୍ ଓ ଗାଇଡ୍ ଦୀକ୍ଷା ଗ୍ରହଣ ଉତ୍ସବ

**ବୁଗୁଡ଼ା, ୨୫।୧:(ମନ୍ଥନ)** ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସ୍କାଉଟ୍ ଓ ଗାଇଡ୍ ସମ୍ପାଦକ ଭାଗିରଥି ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ସ୍କାଉଟ୍ ଓ ଗାଇଡ୍ ଦୀକ୍ଷା ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ତାଲିମ୍ କମିଶନର ବିକ୍ରମ ମହାରଣା , ପୋଲସରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସ୍କାଉଟ୍ ମାଷ୍ଟର ନୀଳକଣ୍ଠ ମହାରଣା, ଭାମଶ୍ୟାଳି ହାଇସ୍କୁଲ ଗାଇଡ୍ କ୍ୟାପଟେନ୍ ପ୍ରିୟଦର୍ଶନୀ ପ୍ରଧାନ, କରଚୁଲି ହାଇସ୍କୁଲର ସ୍କାଉଟ୍ ମାଷ୍ଟର ଲିଙ୍ଗରାଜ ବାରିକ ଯୋଗ ଦେଇ ଲାଏନ, ଟାଇଗର ଓ ହର୍ସ ଆ।ଦି ପାଟ୍ରୋଲକୁ ନେଇ ନବଗଠିତ କାଲାମ୍ ସ୍କାଉଟ୍ ଟ୍ରୁପର ଛାତ୍ରଙ୍କ ସହିତ ରୋଜ୍ ଓ ଲୋଟସ୍ ପାଟ୍ରୋଲକୁ ନେଇ ଗଠିତ ମୀରାବାଈ ଗାଇଡ୍ କମ୍ପାନୀର ଛାତ୍ରୀଙ୍କୁ ଦୀକ୍ଷା ଗ୍ରହଣ କରାଇବା ସହ ସ୍କାଉଟ୍ ଟ୍ରୁପ୍ ଓ ଗାଇଡ୍ କମ୍ପାନୀ ଗଠନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ପ୍ରଧାନାଚାର୍ଯ୍ୟ ଆ।ଟଲ୍ ଲିଙ୍ଗରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଜିଲ୍ଲା ତାଲିମ୍ କମିଶନର ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତି କୋଷାଧକ୍ଷ ତ୍ରିଲୋଚନ ସାହୁ ଓ ମାତୃଭାରତୀ ସଭାନେତ୍ରୀ ମଧୁସ୍ମିତା ତ୍ରିପାଠୀ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିବା ସହ ସ୍କାଉଟର ପ୍ରତିଷ୍ଠାତା ରବର୍ଟ ବାଡେନ ପାଓ୍ୱେଲ୍ ଓ ଗାଇଡର ପ୍ରତିଷ୍ଠାତ୍ରୀ ଲେଡି ବାଡେନ ପାଓ୍ୱେଲଙ୍କ ସମ୍ପର୍କେ ଆ।ଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମର ପରିଶେଷରେ ଗୁରୁମା ହରପ୍ରିୟା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଜାତୀୟ ବାଳିକା ଦିବସ ପାଳନ

**ଗଞ୍ଜାମ, ୨୫।୧:(ମନ୍ଥନ)** ୧ଗଞ୍ଜାମ ବ୍ଲକ ଅନ୍ତର୍ଗତ ତାରିଣୀ ପଲ୍ଲୀ ଗ୍ରାମର ନୀଳକଣ୍ଠେଶ୍ୱର ଶିକ୍ଷା କେନ୍ଦ୍ର ପରିସରରେ ସାମାଜିକ ଅନୁଷ୍ଠାନ ଭିଉସ୍ , ରେଷ୍ଟଲେସ୍ ଡେଭଲପମେଣ୍ଟ ଲୋରେଲ ଓ ୟୁଥ୍ ଫର୍ ଭିଲେଜ୍ ପ୍ରମୁଖ ସାମାଜିକ ଅନୁଷ୍ଠାନ ପକ୍ଷରୁ ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି । ପାଳନ ଅବସରରେ ଏକ ଆ।ଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲାୟ ୟୁଥ୍ ଫର୍ ଭିଲେଜ୍ ପ୍ରତିଷ୍ଠାତା ଶ୍ରୀ ଡି ଦେବହରି ରେଡ଼ିଙ୍କ ସଭାପତିତ୍ୱରେ ଆ।ୟୋଜିତ ଆ।ଲୋଚନା ଚକ୍ରରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ସାମ୍ବାଦିକ ସଂଘ ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଶ୍ରୀ ଉମାକାନ୍ତ ବେହେରା, ମୁଖ୍ୟ ବକ୍ତା ଭାବେ ଭିଉସ୍ ଅନୁଷ୍ଠାନ ପ୍ରକଳ୍ପ ମୁଖ୍ୟା ସୁଶ୍ରୀ ପ୍ରମିଳା ମେହେର ଓ ସମ୍ମାନିତ ଅତିଥି ଭାବେ ଦିଗ୍ ଦର୍ଶନ ଫାଉଣ୍ଡେସନ ନିର୍ଦ୍ଦେଶିକା ସୁଶ୍ରୀ ବିଜୟଲକ୍ଷ୍ମୀ ମହନ୍ତ୍ରୁଡ,ଆ।ଶା କର୍ମୀ ଶ୍ରୀମତୀ କୁମୁଦିନୀ ପ୍ରଧାନ, ଶିକ୍ଷାବିତ ଦୀପକ କୁମାର ସାହୁ,ସି.ଆ।ର.ପି ଶ୍ରୀମତୀ ଆ।ର୍ ଗୀତାଞ୍ଜଳି ରେଡ଼ି, ଲକ୍ଷ୍ମୀ ସେଠୀ ପ୍ରମୁଖ ଯୋଗ ଦେଇ ବାଳିକା ଓ ମହିଳାଙ୍କ ସମ୍ପର୍କିତ ସମସ୍ୟା ଓ ଆ।ହ୍ୱାନ ଉପରେ ବକ୍ତବ୍ୟ ରଖିଥିଲେ । ଭିଉସ ଅନୁଷ୍ଠାନ ପକ୍ଷରୁ ଯୁବ କର୍ମୀ ସୁଶ୍ରୀ ଅନିତା ଚନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶ୍ରୀ ମହାପ୍ରସାଦ ମହାପାତ୍ର କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଓ ଅନୁଷ୍ଠାନ ବିଷୟରେ ଉଲ୍ଲେଖ କରି ଧନ୍ୟବାଦ୍ ଅର୍ପଣ କରିଥିଲେ ।

## କୋଶଲାଞ୍ଚଳ ଚାଷୀ ସମସ୍ୟାର ଏକ ମାତ୍ର ସମାଧାନର ରାସ୍ତା କୋଶଳ ରାଜ୍ୟ ଗଠନ

**ବଲାଙ୍ଗୀର, ୨୫।୧:(ମନ୍ଥନ)** ସଂପ୍ରତି ଧାନ ମଣ୍ଡି ସମସ୍ୟା ଓ ଧାନର ଅଭାବୀ ବିକ୍ରି ସମସ୍ୟାକୁ ନେଇ ସମଗ୍ର ରାଜ୍ୟ ରେ ଚାଷୀ ଅସନ୍ତୋଷ ଚାଲିଛି । ବିଶେଷ କରି ଏହି ସମସ୍ୟା କୋଶଳାଞ୍ଚଳରେ ବେଶୀ ଉତ୍କଟ ଆ।କାରରେ ଚାଲିଛି ।ଟୋକନ ପ୍ରଦାନରେ ଅବ୍ୟବସ୍ଥା ଓ କଟନୀ ଛଟଣୀ ସମସ୍ୟାକୁ ନେଇ ଚାଷୀ ସମାଜ ଭୟଙ୍କର ଭାବରେ ସରକାର ଉପରେ କ୍ଷୁବ୍ଧ ଅଛନ୍ତି ।ଏଭଳି ସମୟରେ ବରଗଡ଼ ଧନୁଯାତ୍ରା ମଞ୍ଚରେ କୃଷିମନ୍ତ୍ରୀ ଙ୍କ ବିବାଦୀୟ ମନ୍ତବ୍ୟ ଓ ତା ପରବର୍ତ୍ତୀ ଘଟଣାବଳୀ ପାଇଁ ସମଗ୍ର ରାଜ୍ୟ ର ଚାଷୀ ମାନେ ସରକାରଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି । ବିଗତ ସରକାର ୨୪ ବର୍ଷ ଶାସନ ଏବଂ ତା ପରବର୍ତ୍ତୀ କଂଗ୍ରେସ ଶାସନ ସମୟରେ ମଧ କୋଶଳାଞ୍ଚଳ ର ଚାଷୀ ଅଭାବୀ ବିକ୍ରି ସମସ୍ୟା ରେ ଜର୍ଜରିତ ହେଉଥିଲେ ସବୁ ବର୍ଷ ଚାଷୀ ଆ।ନ୍ଦୋଳନ ମଧ ଚାଲିଥିଲା । ଚାଷୀ ଙ୍କ ଆ।ନ୍ଦୋଳନ ଯୋଗୁ ଉଭୟ ସରକାର ବିତାଡିତ ହେଲା ପରେ ବର୍ତ୍ତମାନ ବିଜେପି ସରକାର ଚାଲିଛି । ଏହି ସରକାର ଙ୍କ ଅମଳରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟବୃଦ୍ଧି ଘୋଷଣା ହୋଇଥିଲେ ମଧ ସରକାର ଟୋକନ ପ୍ରଦାନ ସମସ୍ୟା ଓ ମଣ୍ଡି ର ସମସ୍ୟା ସମାଧାନ କରିବାରେ ବର୍ତ୍ତମାନ ଯାଏ ବିଫଳ ରହିଛନ୍ତି । ତେଣୁ ମିଲ ମାଲିକ ଓ ଧାନ ଦଲାଲ ଙ୍କ ସହ ଓ ଅନ୍ୟ ରାଜ୍ୟ ର ଧାନ ବେପାରୀଙ୍କ ସହ ସରକାରଙ୍କ ମଧୁଚନ୍ଦ୍ରିକା ଚାଲିଛି ବୋଲି ଚାଷୀ ସଂଗଠନ ମାନେ ଅଭିଯୋଗ କରୁଛନ୍ତି । ଦୁର୍ଭାଗ୍ୟର କଥା ଯେ ଚାଷୀଙ୍କ ଏହି ସମସ୍ୟାର ସମାଧାନ ଓ ଅସନ୍ତୋଷ କୁ ପ୍ରଶମିତ କରିବା ପାଇଁ ସରକାର ବର୍ତ୍ତମାନ ସୁଦ୍ଧା କୌଣସି ଠୋସ ପଦକ୍ଷେପ ନେଇପାରି ନାହାନ୍ତି ତେଣୁ ପ୍ରତିବାଦରେ ଚାଷୀ ସଂଗଠନ ମାନେ ସରକାରଙ୍କ ବିରୁଦ୍ଧରେ ରେ ରାସ୍ତାକୁ ବାହାରିଲେଣି ଏଭଳିକି ଆ।ଗାମୀ ୨୮ ତାରିଖରେ ଏକ ନିର୍ଦ୍ଦିଷ୍ଟ ଚାଷୀ ସଂଗଠନ ବନ୍ଦ ଡାକରା ମଧ ଦେଲେଣି କୋଶଳ ଆ।ନ୍ଦୋଳନ କୌଣସି ରାଜନୈତିକ ଗୋଷ୍ଠୀର ଆ।ନ୍ଦୋଳନ ନୁହେଁ ଏହା ମାଟି ମୁକ୍ତି ର ଆ।ନ୍ଦୋଳନ, ଆ।ମ ଅଂଚଳ ର ଚାଷୀ,ଛାତ୍ର, ଯୁବକ, ବୁଦ୍ଧିଜୀବୀ, ଶିଶୁ,ନାରୀ, ଶ୍ରମିକ, କର୍ମଚାରୀ ଓ ଅର୍ଥନୈତିକ ରୂପେ ଶୋଷିତ ଶ୍ରେଣୀ ଙ୍କ ମୁକ୍ତି ଓ ଏ ଅଂଚଳର ସର୍ବବିଧ ବିକାଶ କେବଳ ସମ୍ବିଧାନ ର ଧାରା ଅନୁଯାୟୀ ସ୍ୱତନ୍ତ୍ର କୋଶଳ ରାଜ୍ୟ ହେଲେ ଯାଇ ସମ୍ଭବ ତେଣୁ କୋଶଳାଞ୍ଚଳ ର ଚାଷୀ ସମାଜ ସାମୁହିକ ଭାବେ ଚାଷୀ ଆ।ନ୍ଦୋଳନ କୋଶଳ ଆ।ନ୍ଦୋଳନ କୁ ଶାଣିତ କରନ୍ତୁ । ଚାଷୀଙ୍କ ସମସ୍ୟା କୋଶଳାଞ୍ଚଳ ର ମୁଖ୍ୟ ସମସ୍ୟା କାରଣ କୋଶଳାଞ୍ଚଳ ର ଅର୍ଥନୀତି କୃଷିଭିତ୍ତିକ ଅର୍ଥନୀତି ଅଟେ । ଏଣୁ ଚାଷୀ ଆ।ନ୍ଦୋଳନ କୁ କୋଶଳ ଆ।ନ୍ଦୋଳନ ସମ୍ପୂର୍ଣ୍ଣ ରୂପେ ସମର୍ଥନ କରେ ଏବଂ ସରକାର ସମ୍ବେଦନଶୀଳ ହୋଇ ଚାଷୀଙ୍କ ସମସ୍ୟା ସମାଧାନ କରିବା ସହ ଏଭଳି ଟୋକନ ବ୍ୟବସ୍ଥା ଓ କଟନୀ ଛଟଣୀ ବ୍ୟବସ୍ଥା ଉଚ୍ଛେଦ କରିବା ସହ ଅସାଧୁ ବ୍ୟବସାୟୀ ଙ୍କ ଚକ୍ରରେ ନପଡିବାକୁ କୋଶଳ ଆ।ନ୍ଦୋଳନ ଦାବୀ କରେ ଦେଶରେ ବହୁ ବଡ ବଡ ସରକାର ଚାଷୀ ଅସନ୍ତୋଷରେ ଉଡ଼ିଯାଇଛନ୍ତି ତେଣୁ ସରକାର ସତର୍କ ହୁଅନ୍ତୁ ନହେଲେ ପରିଣତି ଭୟବହ ହୋଇପାରେ ବୋଲି କୋଶଳ ଆ।ନ୍ଦୋଳନ ତରଫରୁ ଚେତାବନୀ ଦିଆ।ଯାଇଛି ।




## ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଙ୍କ ତାଳଚେର ଗସ୍ତ

**ତାଳଚେର, ୨୫।୧:(ମନ୍ଥନ)** ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଶୁକ୍ରବାର ତାଳଚେର ଅଂଚଳ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ ।ତାଳଚେର ଶର୍ମାଛକ ଠାରେ ଥିବା ନେତାଜୀ ସୁବାଷ ଚନ୍ଦ୍ର ବୋଷ ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରି ଉପସ୍ଥିତ ବିଜେପି କାର୍ଯ୍ୟକର୍ତ୍ତା ଓ ଜନସାଧାରଣ ଙ୍କୁ ଉଦବୋଧନ ଦେଇଥିଲେ ।ତାଳଚେର କିଶୋର କ୍ଲବ ରେ ସାମୁହିକ ବ୍ରୋତୋପନୟନ କାର୍ଯ୍ୟକ୍ରମ ରେ ଯୋଗ ଦେବା ସହ କ୍ଲବ ର ମୁଖ୍ୟ ଫାଟକ ଓ ପାନୀୟ ଜଳ ପ୍ରକଳ୍ପ କୁ ଉଦଘାଟନ କରି ସାଂସଦ ଙ୍କ ପାଣ୍ଠି ରୁ ୧୧ଲକ୍ଷ ୫୦ ହଜାର ଟଙ୍କା କ୍ଲବ ର ରୋଷେଇ ଘର ପାଇଁ ଅନୁଦାନ ଦେଇଥିଲେ ।ତାଳଚେର ପୌରାଞ୍ଚଳ ଓ୍ୱାର୍ଡ ନମ୍ବର ଏକ ବଡଦାଣ୍ଡ ସାହିରେ ସାଂସଦ ବିଭିନ୍ନ ଘରକୁ ଘର ଯାଇ କାର୍ଯ୍ୟକର୍ତ୍ତା ଙ୍କର ଭଲ ମନ୍ଦ ବୁଝିଥିଲେ ।ମଣ୍ଡଳ ସାଧାରଣ ସମ୍ପାଦକ ନିରୋଜ ଦାସ ଙ୍କ ପିଉସୀ ଙ୍କର ଦେହାନ୍ତ ଖବର ପାଇ ତାଙ୍କ ବାସ ଭବନକୁ ଯାଇ ପରିବାର ବର୍ଗ ଙ୍କୁ ସମବେଦନା ଜଣାଇଥିଲେ ।ବିଜେପି କାର୍ଯ୍ୟକର୍ତ୍ତା ଅରବିନ୍ଦ ମିଶ୍ର, ବୁଥ ସଭାପତି ସୁକାନ୍ତ ରାୟ ଙ୍କ ଘରକୁ ଯାଇ ପରିବାର ସମ୍ପର୍କ କରିଥିଲେ ।ଦେଉଳବେଡା ଠାରେ ସାଂସଦ ତାଳଚେର ପୁସ୍ତକ ମେଳାର ଉଦଘାଟନ କରିଥିଲେ ।ସେଠାରୁ ଦେଉଳବେଡା ଠାରେ ଥିବା ଶ୍ରୀ ଗୁରୁଜୀ ଆଶ୍ରମକୁ ଯାଇ କାର୍ଯ୍ୟକର୍ତ୍ତା ଓ ଜନସାଧାରଣ ଙ୍କର ଆପତ୍ତି ଅଭିଯୋଗ ଶୁଣିଥିଲେ ।ସାଂସଦ ଙ୍କ ସହ ଜୋନାଲ ମିଡ଼ିଆ ସେଲ ସଂଯୋଜକ ପର୍ଶୁରାମ ବାରିକ ସମସ୍ତ କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ ।

## ବିଜେପିର ଭିବି-ଜି ରାମ ଜି କର୍ମଶାଳା

**ଅନୁଗୁଳ, ୨୫।୧:(ମନ୍ଥନ)** ଅନୁଗୁଳ ଜିଲ୍ଲା ବିଜେପି ପକ୍ଷରୁ ଭିବି -ଜି ରାମ ଜି ଉପରେ ଏକ କର୍ମଶାଳା ଅନୁଗୁଳ ଜିଲ୍ଲା ବିଜେପି କାର୍ଯ୍ୟାଳୟ ରେ ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ ଙ୍କ ସଭାପତିତ୍ୱ ରେ ଶନିବାର ଅନୁଷ୍ଠିତ ହୋଇଛି । ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିବି ଜି ରାମ ଜି ମୋଦି ସରକାର ଙ୍କର ଏକ ଯୁଗାନ୍ତକାରୀ ଯୋଜନା ବିକଶିତ ଭାରତ ଗଠନ ପାଇଁ ଏହା ମୂଳଦୁଆ। ବୋଲି ସେ କହିଥିଲେ । ପୂର୍ବରୁ ମନରେଗା ଦୁର୍ନୀତି ଗ୍ରସ୍ତ ଥିଲା ଏହାକୁ ମୋଦି ସରକାର ଭିବି ଜି ରାମ ଜି କରି ଆ।ଇନ ରେ ପରିଣତ କରି ଗ୍ରାମୀଣ ସ୍ୱାବଲମ୍ବନ ନିଯୁକ୍ତି ଏବଂ ଜୀବିକା କୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଇ ପ୍ରଣୟନ କରିଛନ୍ତି । ଏହା ନିଯୁକ୍ତି କୁ ଗ୍ୟାରେଣ୍ଟି ଦେବ ବୋଲି ସେ କହିଥିଲେ ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ଆ।ଗରୁ ୧୦୦ ଦିନ ନିଯୁକ୍ତି ଗ୍ୟାରେଣ୍ଟି ଥିବା ବେଳେ ନୂତନ ଆ।ଇନ ରେ ୧୨୫ ଦିନକୁ ବୃଦ୍ଧି କରାଯାଇଛି ଏବଂ ସାତ ଦିନରେ ମଜୁରୀ ପଇଠ ପାଇଁ ନିର୍ଦ୍ଦେଶ ଅଛି ବୋଲି କହିଥିଲେ । ପ୍ରାକ୍ତନ ଆ।ଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ପ୍ରାକ୍ତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର ପ୍ରମୁଖ ଯୋଗଦେଇ ଭିବି ଜି ରାମ ଜି ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆ।ଲୋଚନା କରିଥିଲେ । ଜିଲ୍ଲା ସାଧାରଣ ସମ୍ପାଦକ ସୁଦିପ ଗଡ଼ନାୟକ ଙ୍କ ସଂଯୋଜନା ରେ ଅନୁଷ୍ଠିତ ଉକ୍ତ କର୍ମଶାଳା ରେ ସହ ସଂଯୋଜକ ଗୋପବନ୍ଧୁ ଗଡ଼ନାୟକ, ପ୍ରତ୍ୟୁଷ ପଣ୍ଡା ଓ ସରୋଜ କୁମାର ସାହୁ ଉପସ୍ଥିତ ଥିଲେ ଉକ୍ତ କର୍ମଶାଳା ରେ ସମସ୍ତ ଜିଲ୍ଲା ପଦାଧିକାରୀ, ମଣ୍ଡଳ ସଭାପତି ଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।




## ୧୬ ତମ ଜାତୀୟ ମତଦାତା ଦିବସ ପାଳିତ

**ଯାଜପୁର, ୨୫।୧:(ମନ୍ଥନ)** ଗଣତନ୍ତ୍ରର ମୂଳ ଆଧାର ଭୋଟ ଅଧିକାର ପ୍ରତି ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଆଜି ୧୬ତମ ଜାତୀୟ ମତଦାତା ଦିବସ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ ଅମ୍ବର କୁମାର କର ସମସ୍ତ ଉପସ୍ଥିତ ଅଧିକାରୀ ଓ କର୍ମଚାରୀଙ୍କୁ ଗଣତନ୍ତ୍ର ପ୍ରତି ନିଷ୍ଠା, ସ୍ୱଚ୍ଛ ଓ ନିର୍ଭୟ ମତଦାନ, ଏବଂ ନିର୍ବାଚନ ପ୍ରକ୍ରିୟାରେ ସକ୍ରିୟ ଭାଗିଦାରୀ ସମ୍ପର୍କିତ ସପଥ ପାଠ କରାଇଥିଲେ। ଉକ୍ତ ଦିବସରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ଶିବାନନ୍ଦ ସ୍ୱାଇଁ, ଉପ ଜିଲ୍ଲାପାଳ, ତାପସ ରଞ୍ଜନ ଦେହୁରୀ, ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଗଣତନ୍ତ୍ର ସୁଦୃଢ଼ତା ପ୍ରତି ନିଜ ଅଙ୍ଗୀକାର ପୁନଃବ୍ୟକ୍ତ କରିଥିଲେ। ଏହି ଦିବସ ପାଳନ ମାଧ୍ୟମରେ ମତଦାନ ସଚେତନତା ବୃଦ୍ଧି ସହ ଏକ ସକ୍ରିୟ, ସମାବେଶୀ ଓ ସୁଦୃଢ଼ ଗଣତନ୍ତ୍ର ଗଢ଼ି ତୋଳିବା ପାଇଁ ସମସ୍ତଙ୍କୁ ପ୍ରେରଣା ମିଳିଥିଲା।

## ଫାଇଲେରିଆ ନିରାକରଣ ପାଇଁ ଦ୍ୱିତୀୟ ସମନ୍ୱୟ ବୈଠକ

**ଯାଜପୁର, ୨୫।୧:(ମନ୍ଥନ)** ଫାଇଲେରିଆ ରୋଗ ନିରାକରଣ ପାଇଁ ଦ୍ୱିତୀୟ ଜିଲ୍ଲା ସମନ୍ୱୟ ବୈଠକ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରାରମ୍ଭିକ ସ୍ୱାଗତ ଭାଷଣ କରିଥିଲେ। ପରେ ଡ଼ା. ରଶ୍ମିରଞ୍ଜନ ସାହୁ ଏହି ବୈଠକର ଉଦ୍ଦେଶ୍ୟ ଏବଂ ଜିଲ୍ଲାରୁ ଫାଇଲେରିଆ ରୋଗ ନିରାକରଣ ନିମନ୍ତେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର କ୍ଷେତ୍ରୀୟ ସମ୍ପାଦକ ଡ଼ା. ନିଶିଥ ରଞ୍ଜନ ପାଢ଼ୀ ପାଓ୍ୱାର ପଏଂଟ ଜରିଆରେ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଜିଲ୍ଲାର ରସୁଲପୁର ବ୍ଲକରେ ଫାଇଲେରିଆ ରୋଗ ନିରାକରଣ ପାଇଁ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ଆସନ୍ତା ଫେବୃୟାରୀ ୧୦ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମୟ ମଧ୍ୟରେ ଆଶା, ଅଙ୍ଗନଓ୍ୱାଡି କର୍ମୀ ଓ ସ୍ୱେଚ୍ଛାସେବୀ ମାନେ ଘରକୁ ଘର ବୁଲି ଏହି ଔଷଧ ସେବନ କରାଇବେ। ୨ ବର୍ଷରୁ କମ ଶିଶୁ, ଗର୍ଭବତୀ ମହିଳା ଏବଂ ଗୁରୁତର ଅସୁସ୍ଥ ବ୍ୟକ୍ତିଙ୍କୁ ଏହି ଔଷଧ ସେବନରୁ ବାରଣ କରାଯାଇଛି। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ୬୬୬ ଜଣ ତାଲିମ ପ୍ରାପ୍ତ ଔଷଧ ସେବନକାରୀ ୬୬ ଜଣ ପରିଦର୍ଶକ ଏବଂ ୫ ଗୋଟି ତୁରନ୍ତ ସେବା ପ୍ରଦାନକାରୀ ଟିମ୍ ଙ୍କୁ ନିୟୋଜିତ କରାଯାଇଛି। ଡ଼ା. ଦାସ ଏହି ରୋଗର କାରଣ, ନିରାକରଣ ଏବଂ ଚିକିତ୍ସା ସମ୍ବନ୍ଧରେ ବିଶେଷ ଆଲୋକପାତ କରିଥିଲେ। ରସୁଲପୁର ବ୍ଲକର ବିଭିନ୍ନ ପଂଚାୟତରେ ଏହି କାର୍ଯ୍ୟକ୍ରମକୁ ସଫଳ କରାଇବା ପାଇଁ ସମସ୍ତ ସରପଂଚମାନଙ୍କୁ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ ଅଧକ୍ଷତାରେ ମଧ ସଚେତନ କରାଯାଇଛି। ଜିଲ୍ଲାପାଳ ଶ୍ରୀ କର ଏହି କାର୍ଯ୍ୟକ୍ରମକୁ ଯେପରି ସଫଳ ରୂପାୟନ ହେବ ସେଥିପାଇଁ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବ୍ଲକ୍ ସ୍ତରୀୟ ଅଧିକାରୀ, ମହାରାଜା ଯଯାତି କେଶରୀ ଭେଷଜ ମହାବିଦ୍ୟାଳୟର ବରିଷ୍ଠ ଅଧିକାରୀଗଣ ଅଂଶ ଗ୍ରହଣ କରି ସେମାନଙ୍କ ମତାମତ ପ୍ରଦାନ କରିଥିଲେ। ଶେଷରେ ବଳଦେବ ନନ୍ଦ, ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଭଡାରେ ଚାଲିଛି ଯୋରକଣି ପ୍ରାଥମିକ ସେବା ସମିତି କାର୍ଯ୍ୟାଳୟ

**ଡେଲାଙ୍ଗ, ୨୫।୧:(ମନ୍ଥନ)** ଡେଲାଙ୍ଗ ବ୍ଲକ ଘନିପୁର ପଞ୍ଚାୟତ ଅନ୍ତର୍ଗତ ଯୋରକଣି ପ୍ରାଥମିକ ସେବା ସମବାୟ ସମିତିର ନିଜସ୍ୱ ଗୃହ ନଥିବାରୁ ଭଡାରେ ଚାଲିଛି ଏହି ସମବାୟ ସମିତିର କାର୍ଯ୍ୟାଳୟ । ଏହି ସେବା ସମବୟ ସମିତି ଗଠନ ତା ୨୪୧୯୬୫ ମସିହାରୁ ଗଠନ ହୋଇଥିଲା ବେଳେ ଘୋରଡିଅ। ଗ୍ରାମସ୍ଥିତ ଗୋପପାଟଣା ଠାରେ ଏକ ଜରାଜୀର୍ଣ୍ଣ ଗୃହ ଭିତରେ ଭଡାରେ ଚାଲୁଥିଲା । ୨୦୨୨ ମସିହାର ସେବା ସମବାୟ ସମିତିର ନୁତନ କମିଟି ଗଠନ ହେବାପରେ ସବୁ ଦୃଷ୍ଟିକୁ ଲକ୍ଷ୍ୟ ରଖି ପୁରୁଣା କାର୍ଯ୍ୟାଳୟ ଠାରୁ ଉନ୍ନତ ସ୍ଥାନ କେନାଲ ବନ୍ଧ ନିକଟସ୍ଥ ଏକ ଗୃହକୁ ସ୍ଥାନାନ୍ତରିତ କରାଯାଇଥିଲା। ସେହିଦିନ ଠାରୁ ସେଠାରେ କାର୍ଯ୍ୟାଳୟ ଚାଲୁଛି। ସେହି ସେବା ସମବାୟ ସମିତିର ନିଜସ୍ୱ ଗୃହ ନଥିବାରୁ ଘୋରଡିଅ। କଣାସ ବ୍ରାଞ୍ଚ କେନାଲ ପାଖରେ ଏକ ଗୃହକୁ ମାସକୁ ୧ହଜାର ଟଙ୍କାକୁ ଭଡାରେ ନିଆ।ଯାଇଥିବା ବେଳେ ଚାଷୀଙ୍କ ଧାନମଣ୍ଡି ଖଳା ପାଲଟିଛି ଏବେ କେନାଲ ବନ୍ଧ ରାସ୍ତା । ଯାହା ପାଇଁ ଚାଷୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମବାୟ ସମିତିର ନିଜସ୍ୱ ଗୃହ ନିର୍ମାଣ କରିବା ପାଇଁ ଦିର୍ଘଦିନ ଧରି ଦାବୀ ହୋଇ ଆ।ସୁଥିଲେ ସୁଧା ଏହି ଦିଗ ପ୍ରତି କୌଣସି ଅଧିକାରୀ କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି। ଶନିବାର ଧାନମଣ୍ଡି ଉଦଘାଟନ ଅବସରରେ ଯୋଗଦେଇଥିବା ପୁରୀଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ସମିତିର ସଭାପତି କିଶୋର ଛୋଟରାୟ ଓ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଚିତ୍ରସେନ ନିସଙ୍କ କୁ ନିଜସ୍ୱ ଗୃହ ନିର୍ମାଣ କରିବା ପାଇଁ ଚାଷୀମାନେ ଦାବୀ କରିବା ସହ ଚାଷୀମାନଙ୍କ ପାଇଁ ଉପୁଜିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଏହି ସମବାୟ ସମିତି ର ନିଜସ୍ୱ ଗୃହ ନିର୍ମାଣ ପାଇଁ ଘୋରଡିଅ। ବଜାର ନିକଟରେ ଏକ ସରକାରୀ ଜାଗା ଚିହ୍ନଟ ହୋଇଥିବା ବେଳେ ତାହା କେବଳ ଆ।ରଅ।ଇ ତଦନ୍ତ ରେ ଅଧାପନ୍ତରିଆ। ଭାବେ ପଡିରହିଥିବା ଚାଷୀମାନେ କରିଥିଲେ । ପୁରୀ ଜିଲ୍ଲାପାଳ ଏହି ଘଟଣାର ତଦନ୍ତ କରି ଚାଷୀମାନଙ୍କ ପାଇଁ ଉପୁଜିଥିବା ସମସ୍ୟାର ସମାଧାନ କରିବା ପାଇଁ ଉଚିତ ପଦକ୍ଷେପ ଗ୍ରହଣ କରିବା ସହ ଯୋରକଣି ପ୍ରାଥମିକ ସେବା ସମବାୟ ସମିତିର ନିଜସ୍ୱ ଗୃହ ନିର୍ମାଣ କରିବା ପାଇଁ ଅଂଚଳବାସୀଙ୍କ ଦାବୀକୁ ଯଥାଶିଘ୍ର ପୁରଣ କରିବାକୁ ଚାଷୀମାନେ ଦାବୀ କରିଛନ୍ତି ।

## ପାଣିକୋଇଲି ଓ ଗୋକର୍ଣ୍ଣେଶ୍ୱର ପୀଠରେ ପ୍ଲାଷ୍ଟିକ ମୁକ୍ତ ବଣଭୋଜି ପାଇଁ ସଚେତନତା କାର୍ଯ୍ୟକ୍ରମ

**ଯାଜପୁର, ୨୫।୧:(ମନ୍ଥନ)** ରାଜ୍ୟ ସରକାରଙ୍କର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ ଓ ଯାଜପୁର ଜିଲ୍ଲାର ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ, ଜିଲ୍ଲାପରିବେଶ ସମିତି ଆନୁକୂଲ୍ୟରେ ପାଣି କୋଇଲି କେନାଲ ପାର୍ଶ୍ୱ ମା ନେକ୍ସୁଣୀ ପୀଠରେ ଓ ଧର୍ମଶାଳା ବ୍ଲକର ଗୋକର୍ଣ୍ଣେଶ୍ୱର ପୀଠରେ ପ୍ଲାଷ୍ଟିକ ମୁକ୍ତ ବଣଭୋଜି ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିବେଶ ସମିତିର ସମ୍ପାଦକ ଡଃ ଶରତ କୁମାର ସାହୁ ଓ ସଭ୍ୟମାନେ, ସଚେତନ ନାଗରିକ ମଂଚ ବେଡା ମଧୁପୁରର ସମ୍ପାଦକ ଅର୍ଜୁନ ଚରଣ ସାହୁ ଓ ଅନ୍ୟାନ୍ୟ ସଭ୍ୟ ଅକ୍ଷସକ୍ଷତରୁ ନାୟକ, ଶିବପ୍ରସାଦ ପଣ୍ଡା ,ଜାରକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ବେହେରା, ସାଗର କୁମାର ଭୋଇ ଓ ଉକ୍ତ ବିଦ୍ୟାଳୟର ଇକୋ କ୍ଲବ ଛାତ୍ର ଛାତ୍ରୀ ମାନେ, ଧର୍ମଶାଳା ବାଣିପୀଠର ଶିକ୍ଷକ ଅମରେଶ କୁମାର ସାହୁ ଓ ଇକୋ କ୍ଲବ ଛାତ୍ର ଛାତ୍ରୀମାନେ, ଧର୍ମଶାଳା ପ୍ରାଥମିକ ବିଦ୍ୟାଳୟର ଇକୋ କ୍ଲବ ଛାତ୍ର ଛାତ୍ରୀ,ଇକୋ କ୍ଲବ ଶିକ୍ଷକ ସେକ ସାମ ସୁଦ୍ଦିନ, ଜାରକା ଉଚ୍ଚ ପ୍ରଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ନାରାୟଣ ନନ୍ଦ ଇତ୍ୟାଦି ବିଶାଳ ଶୋଭାଯାତ୍ରାରେ ବାହାରି ବିଭିନ୍ନ ନାରା ସମ୍ପର୍କିତ ବ୍ୟାନର, ପ୍ଲାକାର୍ଡ ଧରି ପର୍ଯ୍ୟଟକ ଓ ବଣ ଭୋଜି ଆୟୋଜକ ମାନଙ୍କୁ ପ୍ଲାଷ୍ଟିକ ମୁକ୍ତ ବଣଭୋଜି ପାଇଁ ସଚେତନ କରିଥିଲେ। ଦୀର୍ଘ ୨୮ ଦିନ ଧରି ଚାଲିଥିବା ଏହି ସଚେତନତା କାର୍ଯ୍ୟକ୍ରମକୁ ସୁଚାରୁରୂପେ ସ୍ଥାନୀୟ ବଣଭୋଜି ଆୟୋଜକ ମାନଙ୍କ ମଧ୍ୟରେ ଓ ଜିଲ୍ଲାର ଅନ୍ୟାନ୍ୟ ନଅଟି ବଣ ଭୋଜି ସ୍ଥଳରେ ଏକକ ବ୍ୟବହାର ପ୍ଲାଷ୍ଟିକ ବିରୁଦ୍ଧରେ ସଚେତନତା ସୃଷ୍ଟି କରା ଯାଇଆସୁଛି । ପ୍ଲାକାର୍ଡ, ବ୍ୟାନର ଧରି, ଏକକ ପ୍ଲାଷ୍ଟିକ ବିରୁଦ୍ଧରେ ସ୍ଲୋଗାନ ଦେଇ ସଚେତନ କରିବା ସହିତ ଉକ୍ତ ଦୁଇଟି ପିକନିକ ସ୍ଥଳରୁ କିଛି ଏକକ ବ୍ୟବହୃତ ପ୍ଲାଷ୍ଟିକ ସଫା କରିଥିଲେ। ପ୍ଲାଷ୍ଟିକ ମୁକ୍ତ ବଣଭୋଜି ପାଇଁ ସଚେତନତା ସୃଷ୍ଟି ଜାରି ରଖିବାକୁ ଓ ଉକ୍ତ ଅଭିଯାନରେ ନିଜକୁ ସାମିଲ କରିବା ପାଇଁ ପ୍ରତଜ୍ଞା କରି ଶପଥ ପାଠ କରିଥିଲେ। ଏହା ସହିତ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଇକୋ କ୍ଲବ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଉକ୍ତ ପ୍ରସଙ୍ଗ ସମ୍ପର୍କିତ ତର୍କ, କୁଇଜ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ କୃତି ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ସହିତ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟ କ୍ରମ ଆସନ୍ତା ଜାନୁଆରୀ ୩୧ ତାରିଖ ଯାଏଁ ଦଶଟି ବଣଭୋଜି ସ୍ଥଳରେ ଚାଲୁ ରଖିବାକୁ ସିଦ୍ଧାନ୍ତ ନିଆଯାଇଛି ।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଗୁଟଖା ନିଷିଦ୍ଧ ଲୋକଦେଖାଣିଆ ନହେଉ

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଓ ଖାଦ୍ୟ ସୁରକ୍ଷା ଓ ମାନଙ୍କ କର୍ତ୍ତୃପକ୍ଷ (ଏଫଏସଏସଆଇ)ଙ୍କ ମାର୍ଗଦର୍ଶିକା ଅନୁଯାୟୀ ରାଜ୍ୟ ସରକାର ରାଜ୍ୟରେ ସିଗାରେଟ, ଗୁଟଖା, ପାନ ମସଲା, ଜର୍ଦ୍ଦା, ତମାଖୁ ଏବଂ ନିକୋଟିନ ଯୁକ୍ତ ସମସ୍ତ ଖାଦ୍ୟ ପଦାର୍ଥର ଉତ୍ପାଦନ, ପ୍ରସ୍ତୁତି, ପ୍ୟାକେଟିଂ, ମହଜୁଦ, ପରିବହନ ବାଣିଜ୍ୟ ଓ ବିକ୍ରୟ ନିଷିଦ୍ଧ କରିଛନ୍ତି । ରାଜ୍ୟକୁ ମାରାତ୍ମକ କର୍କଟ ରୋଗରୁ ମୁକ୍ତ କରିବା ଏବଂ ଯୁବପିଢିଙ୍କୁ ନିଶା କବଳରୁ ରକ୍ଷା କରିବା ଲକ୍ଷ୍ୟ ନେଇ ସରକାର ନିଷିଦ୍ଧ କରିଥିବା ବେଳେ ଏହାର ଉଲଂଘନ ପାଇଁ କଠୋର ଦଣ୍ଡ ବ୍ୟବସ୍ଥା ସ୍ୱରୂପ ଉଭୟ ଜେଲ ଜୋରିମାନା ତଥା ୧୦ଲକ୍ଷ ଟଙ୍କା ଜରିମାନା ଓ ୬ମାସ ଜେଲଦଣ୍ଡ ପ୍ରବଧାନ ରହିଥିବା ସତ୍ତ୍ୱେ ଏଥିରେ ବିସ୍ମିତ ହେବାର କିଛିନାହିଁ। କହିବା ବାହୁଲ୍ୟ ଯେ, ରାଜ୍ୟରେ ସିଗାରେଟ, ଗୁଟଖା, ଜର୍ଦ୍ଦା, ଖଇନି ଆଦି ନିଷିଦ୍ଧ ନୂଆ ନୁହେଁ। ୨୦୧୩ ମସିହାରେ ଦୀର୍ଘ ୧୩ବର୍ଷ ପୂର୍ବେ ରାଜ୍ୟ ସରକାର ଏହାକୁ ନିଷିଦ୍ଧ କରି କଠୋର ଦଣ୍ଡବ୍ୟବସ୍ଥା କରିଥିଲେ। କିନ୍ତୁ ଫଳ ଓଲଟା ହୋଇଥିବା କହିଲେ ଭୁଲ ହୋଇନପାରେ। ଏହାକୁ ତତ୍କାଳୀନ ସରକାର ନିଷିଦ୍ଧ କରିବାର ଦିନକ ପରେ କେବଳ ଏହାର ମୂଲ୍ୟ ଦୁଇଗୁଣକୁ ବୃଦ୍ଧି ପାଇନଥିଲା, ଲୁଚା ଚୋରାରେ ବହୁଳ ଭାବରେ ବିକ୍ରୀ ହୋଇଥିଲା। ନୂଆ ନୂଆ ଗୁଟଖା ପ୍ରସ୍ତୁତ କରି କମ୍ପାନୀ ଏଥିରେ ସାମିଲ ହୋଇଥିଲେ । ପାନ, ଚା, ଦୋକାନଠାରୁ ଆରମ୍ଭ କରି ବଡ ବଡ ଗୋଦାମରେ ଏହା ଖୋଲାଖୋଲି ଭାବେ ବିକ୍ରୀ ହେଉଥିଲା। ମଝିରେ ମଝିରେ ପୋଲିସ-ଅବକାରୀ ବିଭାଗ ଚଢାଉ କରି ନିଷିଦ୍ଧ ସାମଗ୍ରୀ ଜବତ କରିଥିଲେ ମଧ କେତେ ପରିମାଣର ଜବତ ହୋଇଛି, ବିକ୍ରି, ଉତ୍ପାଦନ, ମହଜୁଦ, ପରିବହନ କରିବା ଅଭିଯୋଗରେ କେତେଜଣ ଗିରଫ ହୋଇଛନ୍ତି, ସେ ନେଇ ସରକାର ନୀରବ। ବରଂ ନିଷିଦ୍ଧ ସାମଗ୍ରୀ ବିକ୍ରୀରୁ ରାଜ୍ୟ ସରକାର ୨୦୨୨-୨୩ ଆର୍ଥୀକ ବର୍ଷରେ ୧୦୧୨କୋଟି ୫୬ଲକ୍ଷ ଟଙ୍କା ରାଜସ୍ୱ ପାଇଥିବା ନେଇ ବିଧାନସଭା ତଥ୍ୟ କହେ। ଗତ ୩ ମାସ ମଧ୍ୟରେ ରାଜ୍ୟ ସରକାର ୩୫୭ କୋଟି ଟଙ୍କାର ରାଜସ୍ୱ ପାଇଥିବା ଜଣାଯାଏ। ଏବେ ପୁନର୍ବାର ଏହାକୁ ନିଷିଦ୍ଧ କରାଯିବା ପରେ ଏହାର ମୂଲ୍ୟ ୨ରୁ ୫ଟଙ୍କା ବୃଦ୍ଧି ପାଇଲାଣି। ଏହି ମୂଲ୍ୟ ବୃଦ୍ଧିର ମୂଲ୍ୟ ଯୁବପିଢୀଙ୍କ ଉପରେ ପଡିନଥିବା ମନେହୁଏ। ବରଂ ନିଷିଦ୍ଧ ପରେ ଏହାର ବିକ୍ରୀ ଖୋଲାମ୍ ଖୋଲା ଭାବେ ଚାଲିଛି। ସବୁଠାରୁ ବିସ୍ମୟଜନକ ହେଉଛି, କଟକଣା ଯୋଗୁଁ ମୂଲ୍ୟ ବଢିଥିଲେ ମଧ କେହି ପ୍ରଶ୍ନ ବି କରୁନାହାଁନ୍ତି। ଏକ ଅନୁଧ୍ୟାନ ରିପୋର୍ଟରୁ ଜଣାଯାଇଛି ଯେ, ୨୦୧୩ରେ ଗୁଟଖା ନିଷିଦ୍ଧ ହେବା ପରେ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର, ପୁରୀ, ବାଲେଶ୍ୱର ଭଳି ବଡ ବଡ ସହରରେ ସୀମାନ୍ତ ଦେଇ ଅନ୍ୟ ରାଜ୍ୟରୁ ଏହାର ଚୋରା ଚାଲାଣ ବଢିଥିଲା। କର୍ତ୍ତୁପକ୍ଷଙ୍କ ଉଦାସୀନତା, ନିଷ୍କ୍ରୀୟତା ଯୋଗୁଁ ଗୁଟଖାର ବିକ୍ରୀ ଏତେ ମାତ୍ରାରେ ବଢିଯାଇଥିଲା ଯେ, ସହର ଠାରୁ ଆରମ୍ଭ କରି ପୁରପଲ୍ଲୀ ପର୍ଯ୍ୟନ୍ତ ସବୁଠି ଛାଇ ହୋଇଯାଇଥିଲା। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହା ଉପରେ ଅତ୍ୟଧିକ ଶୁଳ୍କ ଲାଗୁ କରିବା ସତ୍ତ୍ୱେ ବିକ୍ରୀ ଓ ଉତ୍ପାଦନ କମିବା ପରିବର୍ତ୍ତେ ବଢିଚାଲିଛି। ଆହୁରି ମଧ ସର୍ବସାଧାରଣ ସ୍ଥାନରେ ପାନ, ଗୁଟଖା, ଖଇନି, ସିଗାରେଟ ଟାଣିବା ଆଦି ଉପରେ ଜୋରିମାନା ଲାଗୁ କରାଯାଇଥିବା ସତ୍ତ୍ୱେ ସେଥିପ୍ରତି କେହି ସଚେତନ ନଥିବା ଦେଖାଯାଏ। ଏକ ଅନୁଧ୍ୟାନ ରିପୋର୍ଟରୁ ଜଣାଯାଇଛି ଯେ, ରାଜ୍ୟରେ ବାର୍ଷିକ ହାରାହାରି ୫୨,୯୬୦ କର୍କଟ ରୋଗୀ ଚିହ୍ନଟ ହୋଇଥାନ୍ତି। ସେମାନଙ୍କ ମଧ୍ୟରୁ କେବଳ ୩୦ପ୍ରତିଶତ ତମାଖୁ ଜନିତ କର୍କଟରେ ପୀଡିତ ହୋଇଥାନ୍ତି। ଯେଉଁମାନଙ୍କର ବୟସ ୩୬ରୁ ୪୪ବର୍ଷ ମଧ୍ୟରେ। ଆମ ରାଜ୍ୟରେ ଉଭୟ ପୁରୁଷ ଓ ମହିଳା ଗୁଟଖା, ଓ ତମାଖୁ ସେବନ ଜନିତ ମୁଖ କର୍କଟରେ ପିଡୀତ। କେବଳ ଯୁବ କିମ୍ବା ବୟସ୍କ ନୁହଁନ୍ତି, ୧୦ପ୍ରତିଶତ ରୋଗୀ କିଶୋରାବସ୍ଥାରେ ତମାଖୁ କବଳରେ ପଡି କର୍କଟ ସହ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ନିଶ୍ଚିତ ଭାବେ ଚିନ୍ତାଜନକ। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ପ୍ରତିବର୍ଷ ୧୪ଲକ୍ଷ ୬୧ହଜାରରୁ ଅଧିକ ଲୋକ କର୍କଟରେ ଆକ୍ରାନ୍ତ ହେଉଥିବା ବେଳେ ତମାଖୁ ସେବନ କାରଣରୁ ବିଶ୍ୱରେ ପ୍ରତି ସେକେଣ୍ଡରେ ଜଣେ ବ୍ୟକ୍ତିର ମୃତ୍ୟୁ ଘଟୁଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ) ରିପୋର୍ଟରେ କୁହାଯାଇଛି। ବିଳମ୍ବରେ ହେଲେ ବି ରାଜ୍ୟ ସରକାର ପାନ, ସିଗାରେଟ, ଗୁଟଖା, ଜର୍ଦ୍ଦା ଆଦିର ବିକ୍ରି, ଉତ୍ପାଦନ, ମହଜୁଦ ନିଷିଦ୍ଧ କରିବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କିନ୍ତୁ ଏହାର ବିକ୍ରୀରୁ ସରକାର ବାର୍ଷିକ ହଜାରେ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରୁଥିବାବେଳେ ଗତ ୨୦୧୪ରୁ ରାଜସ୍ୱ ଆୟ ବଢିଚାଲିଛି। ଏବେ ବିଧାନସଭାରେ ଓଡିଶା ଦ୍ରବ୍ୟ ଓ ସେବାକର ବିଧେୟକ ଗୃହିତ କରାଇ ପାନ, ସିଗାରେଟ, ଗୁଟଖାରୁ ଅଧିକ ରାଜସ୍ୱ ଆୟ ପାଇଁ ବାଟ ଫିଟାଇ ଦେଇଛନ୍ତି । ବାସ୍ତବରେ ସରକାର ଏହାର ବ୍ୟବହାରକୁ ନିରୁତ୍ସାହିତ କରିବା ପାଇଁ ନା ଅଧିକ ରାଜସ୍ୱ ଆୟ ପାଇଁ ପ୍ରୋତ୍ସାହନ ଦେଉଛନ୍ତି, ତାହା ପ୍ରଶ୍ନବାଚୀ ସୃଷ୍ଟି କରିବା ସ୍ୱାଭାବିକ। ତେବେ ଗୁଟଖା, ପାନ, ସିଗାରେଟ ନିଷିଦ୍ଧ କେବଳ ଲୋକଦେଖାଣିଆ ନହେଉ।

ସାଧାରଣତନ୍ତ୍ର ଦିବସ -୨୦୨୬

# ମହାପ୍ରବନ୍ଧକ ମହୋଦୟଙ୍କ ବାର୍ତ୍ତା



## ପରମେଶ୍ୱର ଫୁଙ୍କୱାଲ

ପୂର୍ବ ତଟ ରେଳପଥର ସଦସ୍ୟଗଣ, ଗଣମାଧ୍ୟମର ପ୍ରତିନିଧିବୃନ୍ଦ, ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଏବଂ ପିଲାମାନେ।

ଆମ ମହାନ ରାଷ୍ଟ୍ରର ୭୭ତମ ଗଣତନ୍ତ୍ର ଦିବସ ପାଳନ ଅବସରରେ ମୁଁ ଆପଣମାନଙ୍କର ସମୃଦ୍ଧି ଏବଂ ସଫଳତା ପାଇଁ କାମନା କରୁଛି। ଏହି ମହତ୍ୱପୂର୍ଣ୍ଣ ଦିନଟି ଆମ ଭିତରେ ମାତୃଭୂମି ପ୍ରତି ଗଭୀର ପ୍ରେମକୁ ଜାଗ୍ରତ କରିଥାଏ ଏବଂ ଆମର ଦେଶଭକ୍ତି ଭାବନାକୁ ସୁଦୃଢ଼ କରିଥାଏ। ଏହା ସହ ଆମ ସମ୍ବିଧାନର ନିର୍ମାତାମାନେ ଭାରତ ପାଇଁ ଯେଉଁ ସ୍ୱପ୍ନ ଦେଖିଥିଲେ, ସେହି ଆଦର୍ଶ ଓ ଆକାଂକ୍ଷାକୁ ପୂରଣ କରିବା ପାଇଁ ଆମ ପ୍ରତିବଦ୍ଧତାକୁ ପୁନଃସ୍ମରଣ କରାଏ।

ଏହା ଜଣାଇ ମୁଁ ଅତ୍ୟନ୍ତ ଆନନ୍ଦିତ ଯେ ଚଳିତ ଆର୍ଥିକ ବର୍ଷରେ ଆମେ ସମସ୍ତ କାର୍ଯ୍ୟକଳାପରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛୁ। ୨୬୩ ଦିନରେ ୨୦୦ ନିୟୁତ ଟନ୍ ମାଲ ପରିବହନ କରି ପୂର୍ବ ତଟ ରେଳପଥ ଇତିହାସରେ ସବୁଠାରୁ ଦ୍ରୁତ ଏବଂ ଗତ ବର୍ଷ ତୁଳନାରେ ୨୭ ଦିନ ପୂର୍ବରୁ ମାଲ ପରିବହନ ସମ୍ପାଦନ କରିପାରିଛି। ଚଳିତ ଆର୍ଥିକ ବର୍ଷରେ ଆମର ପ୍ରଦର୍ଶନ ୨୨୨ ନିୟୁତ ଟନ୍ ମାଲ ଲୋଡ଼ିଂ ଏବଂ ୧୯୯ ନିୟୁତ ଟନ୍ ମାଲ ଅନଲୋଡିଂ ସାମିଲ ରହିଛି।

ଆମର ପରିଚାଳନା ମେଟ୍ରିକ୍ସ ସମଗ୍ର ବୋର୍ଡରେ ଦୃଢ଼ ପ୍ରଦର୍ଶନକୁ ପ୍ରତିଫଳିତ କରୁଛି । ପ୍ରଥମ ତିନି ତ୍ରୈମାସିକରେ ମାଲ ପରିବହନ ୧୧.୩% ବୃଦ୍ଧି ପାଇଛି। ଡିସେମ୍ବର ୨୦୨୫ ସୁଦ୍ଧା ୧୮,୯୨୦.୫୭ କୋଟି ଟଙ୍କାର ମୋଟ ରାଜସ୍ୱ ୯.୨୧% କୁ ବୃଦ୍ଧି ପାଇଛି। ୭୩.୧୩ ନିୟୁତ ଯାତ୍ରୀ ପରିବହନ ସହିତ ଯାତ୍ରୀ ପରିଚାଳନା ୫.୭୪% କୁ ବୃଦ୍ଧି ଏବଂ ଗତ ବର୍ଷ ଠାରୁ ୬.୮୭% ବୃଦ୍ଧି ପାଇ ୧,୮୬୫.୩୪ କୋଟି ଟଙ୍କା ଆୟ କରିଛି। ପୁଞ୍ଜି ଖର୍ଚ୍ଚ ଉପଯୋଗ ୯,୬୫୯.୩୯ କୋଟି ଟଙ୍କା ରହିଛି, ଯାହା ଆମ ଆବଣ୍ଟିତ ବଜେଟର ୯୧.୬୩% ପ୍ରତିନିଧିତ୍ୱ କରୁଥିବାବେଳେ ଆମର ପରିଚାଳନା ଅନୁପାତ ୫୮.୨୦% ରେ ରହିଛି।

ଏହି ଉଲ୍ଲେଖନୀୟ ସଫଳତା ଆମ ରେଳ ପରିବାରର ପ୍ରତ୍ୟେକ କଠିନ ପରିଶ୍ରମ, ପ୍ରତିବଦ୍ଧତା ଏବଂ ଉତ୍ସର୍ଗୀକୃତତାର ପ୍ରମାଣ। ମୁଁ ଏହି ଅବସରରେ ଆମର ସମସ୍ତ ରେଳ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଉଛି ଏବଂ ଯେଉଁମାନେ ଆହ୍ୱାନପୂର୍ଣ୍ଣ ପରିସ୍ଥିତିରେ କାର୍ଯ୍ୟ କରୁଛନ୍ତି, ବିଶେଷ କରି କଠିନ ଏବଂ ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାର୍ଯ୍ୟ କରୁଥିବା ଆମର ସହକର୍ମୀମାନଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରୁଛି।

ପୂର୍ବ ତଟ ରେଳପଥର ପରିଚାଳନା କେନ୍ଦ୍ରରେ ଯାତ୍ରୀମାନଙ୍କ ପାଇଁ ସୁବିଧା ଏବଂ ଆରାମକୁ ଗୁରୁତ୍ୱ ଦିଆଯାଇଛି । ଚଳିତ ଆର୍ଥିକ ବର୍ଷରେ ଆମେ ପର୍ବପର୍ବାଣୀ ଓ ଛୁଟିଦିନରେ ଋତୁକାଳୀନ ଯାତ୍ରା ବୃଦ୍ଧିକୁ ଦୃଷ୍ଟିରେ ରଖି ୧,୫୨୩ଟି ସ୍ୱତନ୍ତ୍ର ଟ୍ରେନ ସଫଳତାର ସହ ପରିଚାଳନା କରିଛୁ। ଆମେ ୪,୦୫୦ ଅତିରିକ୍ତ ବଗି ସହିତ ୨୦୦ ମେଲ/ଏକ୍ସପ୍ରେସ ଟ୍ରେନକୁ ମଧ୍ୟ ବୃଦ୍ଧି କରିଛୁ ଏବଂ ସ୍ଥାୟୀ ସେବା ବୃଦ୍ଧି ପାଇଁ ଆମର ଫ୍ଲିଟ୍ ?ରେ ୧୯ଟି ବଗିର ବ୍ୟବସ୍ଥା କରାଯାଇଛି ।

ଯାତ୍ରା ସୁରକ୍ଷା ଏବଂ ଯାତ୍ରୀଙ୍କ ଅଭିଜ୍ଞତାକୁ ଉନ୍ନତ କରିବା ପାଇଁ ଆମର ନିରନ୍ତର ପ୍ରୟାସରେ, ଚଳିତ ଆର୍ଥିକ ବର୍ଷରେ ଆମେ ଏଲଏଚବି (ଖଐଈ) ରେକ୍ ସହିତ ୨ ଟି ଟ୍ରେନ୍ ସେବାର ଆରମ୍ଭ କରିଛୁ। ଆମର ନେଟୱାର୍କକୁ ସମ୍ପ୍ରସାରିତ କରି, ତିନୋଟି ନୂତନ ଏକ୍ସପ୍ରେସ ସେବା ବର୍ତ୍ତମାନ ଗୁରୁତ୍ୱପୂର୍ଣ୍ଣ ଗନ୍ତବ୍ୟସ୍ଥଳକୁ ସଂଯୋଗ କରୁଛି। ବୌଦ୍ଧ-ଭୁବନେଶ୍ୱର-ବୌଦ୍ଧ ଏକ୍ସପ୍ରେସ, ସମ୍ବଲପୁର-ବୌଦ୍ଧ-ସମ୍ବଲପୁର ଏକ୍ସପ୍ରେସ ଏବଂ ବ୍ରହ୍ମପୁର-ଉଧନା-ବ୍ରହ୍ମପୁର ଅମୃତ ଭାରତ ଏକ୍ସପ୍ରେସ। ସୁଗମ୍ୟତାକୁ ଆହୁରି ଉନ୍ନତ କରିବା ପାଇଁ, ୨୧ଟି ଟ୍ରେନ୍ ?ରେ ଏବେ ଅତିରିକ୍ତ ରହଣି ବ୍ୟବସ୍ଥା ରହିଛି, ଅଧିକ ସ୍ଥାନରେ ସେବା ଯୋଗାଇବା ପାଇଁ ୩ ଯୋଡ଼ି ଟ୍ରେନକୁ ସମ୍ପ୍ରସାରିତ କରାଯାଇଛି ଏବଂ ଗୋଟିଏ ଯୋଡ଼ି ଟ୍ରେନର ଫ୍ରିକ୍ୱେନ୍ସିକୁ ବୃଦ୍ଧି କରାଯାଇଛି।

ଚଳିତ ବର୍ଷ ରଥଯାତ୍ରା ଉତ୍ସବରେ ଅଭୂତପୂର୍ବ ଯାତ୍ରୀ ପରିବହନ ଦେଖିବାକୁ ମିଳିଥିଲା ପୂର୍ବ ତଟ ରେଳପଥ ୪ ଲକ୍ଷ ୯୧ ହଜାର ଶ୍ରଦ୍ଧାଳୁଙ୍କୁ ସୁରକ୍ଷିତ ଯାତ୍ରାର ସୁବିଧା ପ୍ରଦାନ କରିଛି। ଚାହିଦାକୁ ଦୃଷ୍ଟିରେ ରଖି ଓଡ଼ିଶା ସମେତ ଆଖପାଖ ରାଜ୍ୟରେ ୩୬୮ଟି ରଥଯାତ୍ରା ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିଥିଲା। ଆମର ବ୍ୟାପକ ବ୍ୟବସ୍ଥା କେବଳ ଦକ୍ଷ ପରିବହନ ନୁହେଁ ବରଂ ଯାତ୍ରୀ ସୁବିଧାରେ ମଧ୍ୟ ଉନ୍ନତି ଆଣିଛି, ସରଳୀକୃତ ଟିକେଟ୍ ପ୍ରକ୍ରିୟା, ଫ୍ଲେକ୍ସିବଲ ଟ୍ରେନ୍ ସମୟ କାର୍ଯ୍ୟସୂଚୀ, ଏବଂ ସମସ୍ତ ତୀର୍ଥଯାତ୍ରୀଙ୍କ ପାଇଁ ଏକ ସୁଗମ ଏବଂ ଆରାମଦାୟକ ଯାତ୍ରା ସୁନିଶ୍ଚିତ କରିବା ପାଇଁ ବ୍ୟାପକ ଭିଡ଼ ପରିଚାଳନା ପଦକ୍ଷେପ ଅନ୍ତର୍ଭୁକ୍ତ।

ଚଳିତ ଆର୍ଥିକ ବର୍ଷରେ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଅନେକ ଯାତ୍ରୀ ସୁବିଧା ପଦକ୍ଷେପ କାର୍ଯ୍ୟକାରୀ କରାଯାଇଛି। ଏହି ଉନ୍ନତିକରଣଗୁଡ଼ିକ ମଧ୍ୟରେ ଏ. ଟି. ଭି. ଏମ୍ (ଈଞଠଗଷ୍ଟ), କ୍ୟୁ. ଆର୍. (ଛଜ) କୋଡ୍ ଦେୟ ସୁବିଧା ଏବଂ କେତେକ ନିର୍ଦ୍ଦିଷ୍ଟ ଷ୍ଟେସନରେ ଇକୋନୋମି ମିଲ୍ କାଉଣ୍ଟର ସ୍ଥାପନ କରାଯାଇଛି। ଆମେ ୧୦ଟି ଷ୍ଟେସନରେ କୋଚ୍ ଇଣ୍ଡିକେସନ୍ ବୋର୍ଡ, ୭ଟି ଷ୍ଟେସନରେ ଟ୍ରେନ୍ ଇଣ୍ଡିକେସନ୍ ବୋର୍ଡ ଏବଂ ୧୧ଟି ଷ୍ଟେସନରେ ଡିଜିଟାଲ ଘଣ୍ଟା ଯୋଗାଇ ଦେଇଛୁ। ଭିତ୍ତିଭୂମିର ଉନ୍ନତିକରଣ ମଧ୍ୟରେ ୧୦ଟି ଷ୍ଟେସନରେ ଉନ୍ନତ ପ୍ରତୀକ୍ଷାଳୟ, ୧୧ଟି ଷ୍ଟେସନରେ ପରିବ୍ୟାପ୍ତ ଅଞ୍ଚଳ ଏବଂ ୨୬ଟି ଷ୍ଟେସନରେ ଅତିରିକ୍ତ ପ୍ଲାଟଫର୍ମ ଆଶ୍ରୟସ୍ଥଳ ସାମିଲ ରହିଛି। ୧୮ଟି ଷ୍ଟେସନରେ ଦିବ୍ୟାଙ୍ଗଜନ ଯାତ୍ରୀଙ୍କ ପାଇଁ ରାମ୍ପ, ୬୩ଟି ଷ୍ଟେସନରେ ପ୍ଲାଟଫର୍ମର ଉଚ୍ଚତା ବୃଦ୍ଧି, ୯ଟି ଷ୍ଟେସନରେ ଫୁଟ ଓଭର ବ୍ରିଜ ଏବଂ ୯ଟି ଷ୍ଟେସନରେ ଲିଫ୍ଟ ବ୍ୟବସ୍ଥା କରାଯାଇଛି। ଏଥିସହ ଖୋର୍ଦ୍ଧା ରୋଡ-ବଲାଙ୍ଗୀର ନୂଆ ରେଳ ଲାଇନରେ ଖୋର୍ଦ୍ଧା ରୋଡ ଓ ଖୋର୍ଦ୍ଧା ଟାଉନ୍ ମଧ୍ୟରେ ଥିବା ତାରାବୋଇ ଠାରେ ଏକ ନୂତନ ପାସେଞ୍ଜର୍ ହଲ୍ଟ ଉଦ୍ଘାଟିତ ହୋଇଛି।

ଆମେ ଭାରତୀୟ ରେଳବାଇର 'ରେଳ ମଦଦ' ରେ ଏକ ନମ୍ବର ସ୍ଥାନ ବଜାୟ ରଖିଛୁ। ଚଳିତ ଆର୍ଥିକ ବର୍ଷରେ ଭିତ୍ତିଭୂମି ସମ୍ପ୍ରସାରଣ କ୍ଷେତ୍ରରେ ପ୍ରମୁଖ ମାଇଲଖୁଣ୍ଟ ହାସଲ କରାଯାଇଛି। ଅନେକ ଗୁରୁତ୍ୱପୂର୍ଣ୍ଣ ମଲ୍ଟି-ଟ୍ରାକିଂ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି ଯେଉଁଥିରେ ଅନ୍ତର୍ଭୁକ୍ତ:

କୋରାପୁଟ-ସୁକୁ (୧୧.୧୬ କି.ମି.) ଦାର୍ଲିପୁଟ-ପାଡୁଆ ବିଭାଗ (୯.୭୭ କି.ମି.)
ହିନ୍ଦୋଳ ରୋଡ -ମେରାମଣ୍ଡଳୀ ସେକ୍ସନ (୨୬.୮୨ କି.ମି.)
ଯାଜପୁର- କେନ୍ଦୁଝର ରୋଡ-ବୈତରଣୀ ରୋଡ ସେକ୍ସନ (୧୧.୬୩ କି.ମି.)
ପାର୍ବତୀପୁରମ-ସୀତାନଗରମ-ବୋବିଲି-ଡୋଙ୍କିନାଭାଲସା ସେକ୍ସନ (୩୬.୦୬ କି.ମି.)

ଏଥି ସହିତ, ତିନୋଟି ସେକ୍ସନରେ ୨୪.୭୧ କିଲୋମିଟରରେ ଇଞ୍ଜିନ ରୋଲିଂ କାର୍ଯ୍ୟ ଆରମ୍ଭ ହୋଇଛି। ତାଳଚେର-ତାଳଚେର ରୋଡ (୬.୫ କିଲୋମିଟର), ମାନାବାର-ଜରତି (୯.୨୧ କିଲୋମିଟର) ଏବଂ କାରାକାଭାଲାସା-ସିମିଳିଗୁଡା (୯ କିଲୋମିଟର) ଏହି ସଫଳତାଗୁଡ଼ିକ ଆମର ନେଟୱାର୍କ ଉନ୍ନତିକରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତିକୁ ଦର୍ଶାଉଛି।

ସମ୍ବଲପୁର, ଡୋଙ୍କିନାଭାଲାସା, ବୋବଲି, ସୀତାନଗରମ, ପାର୍ବତୀପୁରମ ଏବଂ ରାଜଆଠଗଡ଼ ଭଳି ଛଅଟି ପ୍ରମୁଖ ସ୍ଥାନରେ ଷ୍ଟେସନ ୟାର୍ଡ କାର୍ଯ୍ୟକ୍ଷମ ହେବା ସହିତ ଆମର କାର୍ଯ୍ୟକ୍ଷମ ଭିତ୍ତିଭୂମିକୁ ଉଲ୍ଲେଖନୀୟ ଭାବେ ସୁଦୃଢ଼ କରାଯାଇଛି, ଯାହା ଉନ୍ନତ ଟ୍ରାଫିକ ପ୍ରବାହ ଏବଂ ଲଜିଷ୍ଟିକ୍ସ କ୍ଷମତାକୁ ସୁଗମ କରିଛି। ବିଦ୍ୟୁତିକରଣ କାର୍ଯ୍ୟକ୍ରମ ଡିସେମ୍ବର ୨୦୨୫ ସୁଦ୍ଧା ପୂର୍ବ ତଟ ରେଳପଥ ୧୬୦.୪୯ ଟି. କେ. ଏମ. (ଞକଗ) ହାସଲ କରିଛି, ଏହା ସହିତ ବୈତରଣୀ ରୋଡ ଏବଂ ମେରାମଣ୍ଡଳୀରେ ଆଧୁନିକ ଷ୍ଟେସନ ଭବନ ଆମର ଯାତ୍ରୀମାନଙ୍କୁ ସେବା ପ୍ରଦାନ କରୁଛି।

ପୂର୍ବ ତଟ ରେଳପଥ ପ୍ରମୁଖ ପ୍ରକଳ୍ପଗୁଡ଼ିକରେ ଟନେଲ ନିର୍ମାଣ କାର୍ଯ୍ୟ ଶେଷ କରିବା ସହିତ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଏଥିମଧ୍ୟରୁ ଉଲ୍ଲେଖନୀୟ ଟି-୪ ସୁଡ଼ଙ୍ଗ (୪,୧୮୩ ମି.)-ପୂର୍ବ ତଟ ରେଳପଥ ଅଧୀନରେ ଥିବା ଦୀର୍ଘତମ ରେଳ ସୁଡ଼ଙ୍ଗ, ଟି-୨ ସୁଡ଼ଙ୍ଗ (୧,୭୭୫ ମି.) ଦଶପଲ୍ଲା-ବୁଗୁଡା ବିଭାଗରେ, ଉଭୟ ଖୋର୍ଦ୍ଧା ରୋଡ଼-ବଲାଙ୍ଗିର ନୂତନ ଲାଇନ ପ୍ରକଳ୍ପର ଅଂଶବିଶେଷ ଏବଂ ଟି-୩୫ ସୁଡ଼ଙ୍ଗ (୬୨୮ ମି.) କୋରାପୁଟ-ସିଙ୍ଗାପୁର ରୋଡ଼ ଦୋହରୀକରଣ ପ୍ରକଳ୍ପର ସିକରପାଇ-କେଉଟଗୁଡା ବିଭାଗରେ ରହିଛି। ଏହି ଗୁରୁତ୍ୱପୂର୍ଣ୍ଣ ସଫଳତା ଦ୍ୱାରା ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ ରେଳ ଭିତ୍ତିଭୂମିର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବ।

ଗୁରୁତ୍ୱପୂର୍ଣ୍ଣ ନୂତନ ମଞ୍ଜୁର ହୋଇଥିବା ପ୍ରକଳ୍ପଗୁଡ଼ିକ ଯାହା ଆମର ନେଟୱାର୍କ ଭିତ୍ତିଭୂମିକୁ ସୁଦୃଢ଼ କରିବ, ସେଗୁଡ଼ିକ ମଧ୍ୟରେ ଝାରସୁଗୁଡା-ସାସନ, ସମ୍ବଲପୁର ସିଟି-ଜରପଡ଼ା ମଧ୍ୟରେ ୩ୟ ଏବଂ ୪ର୍ଥ ଲାଇନ ଏବଂ ରାଣୀତାଲ ଜଙ୍କସନ କେବିନ୍ ଏବଂ ଭଦ୍ରକ ଷ୍ଟେସନ ମଧ୍ୟରେ ୪ର୍ଥ ଲାଇନ ଅନ୍ତର୍ଭୁକ୍ତ। ଟ୍ରାଫିକ ଗତିଶୀଳତା ଏବଂ ନିରାପତ୍ତାକୁ ଉନ୍ନତ କରିବା ପାଇଁ କଟକର ଏକ ରେଳ ଫ୍ଲାଇଓଭରକୁ ମଧ୍ୟ ମଞ୍ଜୁର କରାଯାଇଛି। ଏହି ପରିବର୍ତ୍ତନଶୀଳ ପ୍ରକଳ୍ପଗୁଡ଼ିକର ତ୍ୱରିତ ଏବଂ ପ୍ରଭାବୀ କାର୍ଯ୍ୟାନ୍ୱୟନ ପାଇଁ ପୂର୍ବ ତଟ ରେଳପଥ ସମ୍ପୂର୍ଣ୍ଣ ଭାବେ ପ୍ରତିବଦ୍ଧ।

ଭିତ୍ତିଭୂମି ଏବଂ ଜନସାଧାରଣଙ୍କ ସୁରକ୍ଷାରେ ଉନ୍ନତି ଆଣିବା ପାଇଁ ପୂର୍ବ ତଟ ରେଳପଥ ୧୭୦ଟି ରୋଡ ଓଭର ବ୍ରିଜ୍ (ଜଓଈ) ପ୍ରକଳ୍ପକୁ ସ୍ୱତନ୍ତ୍ର ରେଳ ପ୍ରକଳ୍ପ ଭାବେ ମନୋନୀତ କରିଛି। ସ୍ୱତନ୍ତ୍ର ଆଇନ ଅଧୀନରେ ଜମି ଅଧିଗ୍ରହଣ କାର୍ଯ୍ୟ ଜାରି ରହିଛି। ଏହି ସମୟ ମଧ୍ୟରେ ତାଳଚେର-ବିମଳଗଡ଼ ନୂତନ ଲାଇନ ପ୍ରକଳ୍ପରେ ଦୁଇଟି ରୋଡ ଓଭର ବ୍ରିଜ୍ (ଜଓଈ) ସମ୍ପୂର୍ଣ୍ଣ ହୋଇଛି।

ସୁରକ୍ଷା ଆମର କାର୍ଯ୍ୟର ମୂଳଦୁଆ ହୋଇ ରହିଛି ଏବଂ ଆମେ ଚଳିତ ବର୍ଷ ସୁରକ୍ଷା ଭିତ୍ତିଭୂମିରେ ଯଥେଷ୍ଟ ଅଗ୍ରଗତି ହାସଲ କରିଛୁ। ୭୨.୯୧ ଆରକେଏମ (ଜକଗ) ବିଶିଷ୍ଟ ଅଟୋ ସିଗନାଲିଂ କାର୍ଯ୍ୟକ୍ଷମ ହୋଇଥିବାବେଳେ ୧୯ ଟି ଏଲସି ଗେଟ୍ ଇଣ୍ଟରଲକ୍ ହୋଇଛି ଏବଂ ୫ ଟି ସୀମିତ ଉଚ୍ଚତା ସବୱେ ବ୍ୟବସ୍ଥା ସହିତ ବନ୍ଦ ହୋଇଛି। ଉନ୍ନତ ସଡ଼କ ବ୍ୟବହାରକାରୀଙ୍କ ସୁରକ୍ଷା ପାଇଁ, ୨୯ ଟି ଏଲସି ଫାଟକରେ ସ୍ଲାଇଡିଂ ବୁମ୍ ସ୍ଥାପନ କରାଯାଇଛି, ଏବଂ ସମସ୍ତ ନନ୍-ଇଣ୍ଟରଲକ୍ ଏଲସି ଫାଟକରେ ଭଏସ୍ ଲଗର୍ ଫୋନ୍ ଯୋଗାଇ ଦିଆଯାଇଛି।

୯ ଟି ନୂତନ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ୍ ସିଷ୍ଟମ୍ ଏବଂ ବର୍ତ୍ତମାନର ଇଆଇ/ପିଆଇ ଷ୍ଟେସନରେ ୩୧ ଟି ପରିବର୍ତ୍ତନ ସହିତ ଆମର ସିଗନାଲିଂ ଭିତ୍ତିଭୂମି ଉଲ୍ଲେଖନୀୟ ଭାବରେ ସୁଦୃଢ଼ କରାଯାଇଛି। ସମଗ୍ର ନେଟୱାର୍କରେ ୧୦ଟି ହଟ୍ ଏକ୍ସଲ ବକ୍ସ ଡିଟେକ୍ଟର ନିୟୋଜିତ କରାଯାଇଛି।

ଆମର ଟ୍ରାକ ନବୀକରଣ ସଫଳତା ମଧ୍ୟରେ ରହିଛି ୩୫୬ ଟି.କେ.ଏମ (ଞକଗ) ଥ୍ରୁ ରେଳ ନବୀକରଣ, ୪୪୬ ଟି.କେ.ଏମ (ଞକଗ) ଥ୍ରୁ ସ୍ଲିପର ନବୀକରଣ ଏବଂ ୧୬୦ଟି ବ୍ରିଜର ପୁନର୍ବାସ। ରେଳ ଏବଂ ୱେଲ୍ଡ ତ୍ରୁଟି ଚିହ୍ନଟ ଏବଂ ସମାଧାନ ପାଇଁ ୨୧,୨୬୫ କିଲୋମିଟର ଟ୍ରାକର ଅଲଟ୍ରାସୋନିକ ପରୀକ୍ଷଣ ମାଧ୍ୟମରେ ସୁରକ୍ଷାକୁ ଆହୁରି ସୁଦୃଢ଼ କରାଯାଇଛି।

ପ୍ରସ୍ତୁତି ଏବଂ ସତର୍କତାକୁ ଅଧିକ ପ୍ରାଥମିକତା ଦିଆଯାଉଛି। ଭୁବନେଶ୍ୱରରେ ଜୋନାଲ ସିଭିଲ ଡିଫେନ୍ସ ଅଭ୍ୟାସ ସହିତ ତିନୋଟି ଯାକ ଡିଭିଜନରେ ମିଳିତ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ କରାଯାଇଥିଲା। କର୍ମଚାରୀଙ୍କ ସତର୍କତା ଏବଂ ସୁରକ୍ଷା ନିୟମାବଳୀର ପାଳନକୁ ଯାଞ୍ଚ କରିବା ପାଇଁ କରାଯାଇଥିବା ୧,୦୦୪ ଆକସ୍ମିକ ଯାଞ୍ଚ ଏବଂ ୧୪,୪୩୬ ସୁରକ୍ଷା ଯାଞ୍ଚରେ ସୁରକ୍ଷା ଅନୁପାଳନ ପ୍ରତି ଆମର ପ୍ରତିବଦ୍ଧତା ପ୍ରତିଫଳିତ ହୋଇଛି।

ରେଳ ଏବଂ ସଡ଼କ ବ୍ୟବହାରକାରୀଙ୍କ ସୁରକ୍ଷାରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ପୂର୍ବ ତଟ ରେଳପଥ ୪ଟି ନନ୍-ଇଣ୍ଟରଲକ୍ ଲେଭେଲ୍ କ୍ରସିଂରେ ଅଭିନବ ଅଟୋ ପି. ଏନ୍. (ଚଘ) ଜେନେରେସନ୍ ସିଷ୍ଟମ ଲାଗୁ କରିଛି। ଅଧିକନ୍ତୁ ସମ୍ବଲପୁର ଡିଭିଜରେ ଏକ ସିଷ୍ଟମ ନିୟୋଜିତ କରିଛି ଯାହା ଫିଲ୍ଡ କର୍ମଚାରୀଙ୍କୁ ଆସୁଥିବା ଟ୍ରେନ୍ ବିଷୟରେ ସୂଚନା ଦେଇଥାଏ।

ଟ୍ରେନର ଗତିଶୀଳତା ଏବଂ ଭିତ୍ତିଭୂମିର ଗୁଣବତ୍ତାରେ ସୁଧାର ଆଣିବା ଦିଗରେ ଉଲ୍ଲେଖନୀୟ ପଦକ୍ଷେପ ନିଆଯାଇଛି। ଚଳିତ ଆର୍ଥିକ ବର୍ଷରେ ଆମେ ୩୧୦.୨୪ କିଲୋମିଟର ଲମ୍ବର ୧୩ଟି ସେକ୍ସନରେ ୧୫ଟି ସ୍ଥାୟୀ ଗତି ପ୍ରତିବନ୍ଧକକୁ କୋହଳ କରିଛୁ ଏବଂ ସେକ୍ସନ ଗତିକୁ ବୃଦ୍ଧି କରିଛୁ।

ପୂର୍ବ ତଟ ରେଳପଥ ସ୍ଥାୟୀ ପରିଚାଳନାରେ ଉଲ୍ଲେଖନୀୟ ଅଗ୍ରଗତି କରିଛି। ଆମ ନେଟୱାର୍କରେ ମୋଟ ୧୧.୪୧ ମେଗାୱାଟ କ୍ଷମତା ବିଶିଷ୍ଟ ସୌର ଶକ୍ତି ସ୍ଥାପନ କରାଯାଇଛି, ଯାହାଦ୍ୱାରା ୫.୮୭ କୋଟି ଟଙ୍କା ସଞ୍ଚୟ ହୋଇଛି। ୯୭ ରେକରେ ହେଡ୍-ଅନ୍ ଜେନେରେସନ୍ ଟେକ୍ନୋଲୋଜିର ପ୍ରୟୋଗ ଫଳରେ ଚଳିତ ଆର୍ଥିକ ବର୍ଷରେ ଡିଜେଲ ବ୍ୟବହାରକୁ ହ୍ରାସ କରି ୨୧୯.୨୫ କୋଟି ଟଙ୍କାର ଉଲ୍ଲେଖନୀୟ ସଞ୍ଚୟ ହୋଇଛି। ପୁନଃଚକ୍ରିତ ଜଳର ଉପଯୋଗ ଦ୍ୱାରା ୨.୩୩ ଲକ୍ଷ କିଲୋ ଲିଟର ମଧୁର ଜଳର ସଞ୍ଚୟ ସହିତ ଆମର ପରିବେଶ ପରିଚାଳନା ଜଳ ସଂରକ୍ଷଣ ଦିଗରେ ସମ୍ପ୍ରସାରିତ ହୋଇଛି। ୧୮ ଟି ନୂତନ ବର୍ଷା ଜଳ ସଂରକ୍ଷଣ ଗର୍ତ୍ତ ସହିତ ଭୂତଳ ଜଳର ପୁନଃଭରଣ କ୍ଷମତାକୁ ବୃଦ୍ଧି କରାଯାଇଛି, ଯେତେବେଳେ କି ଆମର ରେଳ ପରିସରରେ ୩.୨୮ ଲକ୍ଷରୁ ଅଧିକ ଚାରା ରୋପଣ କରାଯାଇଛି, ଯାହା ଆମର ସବୁଜ ପଦକ୍ଷେପକୁ ସୁଦୃଢ଼ କରିଛି।

ଯାତ୍ରୀମାନଙ୍କୁ ସେବା ପ୍ରଦାନ କରିବା ସମୟରେ ଆଇନ ଶୃଙ୍ଖଳା ବଜାୟ ରଖିବାରେ ସୁରକ୍ଷା ବିଭାଗ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ରେଳପଥ ସମ୍ପତ୍ତି (ବେଆଇନ ଦଖଲ) ଅଧିନିୟମ ଅନୁଯାୟୀ ପ୍ରବର୍ତ୍ତନ କାର୍ଯ୍ୟାନୁଷ୍ଠାନ ଫଳରେ ୧୧୬ ଟି ମାମଲା ଚିହ୍ନଟ, ୧୨.୫୩ ଲକ୍ଷ ଟଙ୍କା ମୂଲ୍ୟର ଚୋରି ସାମଗ୍ରୀ ଉଦ୍ଧାର ଏବଂ ୨୭୫ ଗିରଫ କରାଯାଇଛି। ବିନା ଟିକେଟରେ ଯାତ୍ରା ଏବଂ ସମ୍ପୃକ୍ତ ଅପରାଧ ଯୋଗୁଁ ୪୯,୬୪୫ ଜଣ ସନ୍ଦିଗ୍ଧ ହୋଇଥିବା ବେଳେ ୯୯.୮୩ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ଆଣ୍ଟି-ଟାଉଟ୍ ଅପରେସନରେ ୧୫.୮୮ ଲକ୍ଷ ଟଙ୍କା ମୂଲ୍ୟର ବେଆଇନ ବୁକ୍ ହୋଇଥିବା ଟିକେଟ୍ ଜବତ ସହିତ ୬୬ ଜଣଙ୍କୁ ଗିରଫ କରାଯାଇଛି । ଏନଡିପିଏସ (ଘଉଚଙ୍ଗ) ଅଧିନିୟମ ଅନୁଯାୟୀ ନାର୍କ ?ଟିକ୍ସ ପ୍ରବର୍ତ୍ତନ ୨୧୩ ଟି ମାମଲା ରୁଜୁ କରାଯାଇ, ୫.୫୮ କୋଟି ଟଙ୍କା ମୂଲ୍ୟର ଗଞ୍ଜେଇ ଜବତ କରାଯାଇଛି ଏବଂ ୩୧୯ ଅପରାଧୀଙ୍କୁ ଗିରଫ କରାଯାଇଛି।

ପ୍ରବର୍ତ୍ତନ ବ୍ୟତୀତ, ଆମର ସୁରକ୍ଷାକର୍ମୀମାନେ ଯାତ୍ରୀ କଲ୍ୟାଣ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଛନ୍ତି। ସେମାନେ ୮୮୯ ଜଣ ନାବାଳକ ଏବଂ ୨୦୫ ଜଣ ବରିଷ୍ଠ ନାଗରିକଙ୍କୁ ଉଦ୍ଧାର କରି, ସେମାନଙ୍କୁ ସେମାନଙ୍କ ପରିବାର ସହିତ ପୁନଃମିଳନ କରିଛନ୍ତି ଏବଂ ଯାତ୍ରୀମାନଙ୍କ ୨,୧୩୮ ଟି ଛାଡିଯାଇଥିବା ଲଗେଜ୍ ଉଦ୍ଧାର କରାଯାଇଛି। ମେରି ସହେଲି ଟିମ୍ ୨,୦୪,୦୮୨ ଜଣ ମହିଳା ଯାତ୍ରୀଙ୍କୁ ସୁରକ୍ଷା ଏବଂ ସହଯୋଗ କରିଛନ୍ତି। ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି, ଅପରେସନ ଜୀବନ ରକ୍ଷା ଅଧୀନରେ, ଆମର କର୍ମଚାରୀମାନେ ୫୨ ଜଣ ମୂଲ୍ୟବାନ ଜୀବନ ବଞ୍ଚାଇଥିଲେ-ଯେଉଁ ପ୍ରୟାସକୁ ଜନସାଧାରଣ ଏବଂ ଗଣମାଧ୍ୟମ ବ୍ୟାପକ ପ୍ରଶଂସା କରିଥିଲେ।

ମୁଁ ଏହା ଜଣାଇ ଖୁସି ଯେ ପୂର୍ବ ତଟ ରେଳର ସାମଗ୍ରୀ ପରିଚାଳନା କେବଳ ୩ ଦିନର ହାରାହାରି ପ୍ରକ୍ରିୟାକରଣ ସମୟ ସହିତ କ୍ରୟ ଅର୍ଡରଗୁଡ଼ିକର ଦ୍ରୁତତମ ରିଲିଜ୍ ପାଇଁ ଭାରତୀୟ ରେଳପଥରେ ପ୍ରଥମ ସ୍ଥାନ ହାସଲ କରିଛି। ଚଳିତ ଆର୍ଥିକ ବର୍ଷରେ ଆମେ ୧୮୩.୪୬ କୋଟି ଟଙ୍କା ମୂଲ୍ୟର ସ୍କ୍ରାପ୍ ବିକ୍ରୟ ହାସଲ କରିଛୁ। ଆମର ଗୁଣବତ୍ତା ମାନକକୁ ଆହୁରି ମଜବୁତ କରି, ଆମର ଷ୍ଟୋର୍ସ ବିଭାଗ ଏହାର ଗୁଣବତ୍ତା ପରିଚାଳନା ସିଷ୍ଟମ୍ ପାଇଁ ଓଝଙ୍ଗ ୯୦୦୧:୨୦୧୫ ଅନୁଯାୟୀ ସାର୍ଟିଫିକେଟ୍ ପାଇଛି।

ପୂର୍ବ ତଟ ରେଳପଥ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିରେ ଯଥେଷ୍ଟ ଉନ୍ନତି ଘଟିଛି। ଆମର ସମସ୍ତ ଡାକ୍ତରଖାନା ଏବଂ ସ୍ୱାସ୍ଥ୍ୟ ୟୁନିଟରେ ଆଧୁନିକ ଚିକିତ୍ସା ଉପକରଣ ନିୟୋଜିତ କରାଯାଇଛି ଏବଂ କର୍ମଚାରୀଙ୍କ ବ୍ୟବଧାନକୁ ସମାଧାନ କରାଯାଇଛି। ୪୮ ଟି ପାନେଲଭୁକ୍ତ ଘରୋଇ ଡାକ୍ତରଖାନା ଏବଂ ୬ ଟି ଡାଇଗ୍ନୋଷ୍ଟିକ୍ ? କେନ୍ଦ୍ରର ଏକ ନେଟୱାର୍କ ଉନ୍ନତ ଚିକିତ୍ସା ଯତ୍ନର ପ୍ରବେଶ ସୁନିଶ୍ଚିତ କରିଛି । ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଆମର ଡାକ୍ତରୀ ସଫଳତାରେ ୭୧ ଟି ସ୍ୱତନ୍ତ୍ର ପ୍ରକ୍ରିୟା ଯେପରିକି ହିପ୍ ଏବଂ ଆଣ୍ଠୁ ପ୍ରତିରୋପଣ, ୮୦୫ ଟି ପ୍ରମୁଖ ଅସ୍ତ୍ର ?ପଚାର ଏବଂ ୪୬୯ଟି ମୋତିଆବିନ୍ଦୁ ଅସ୍ତ୍ର ?ପଚାର ଅନ୍ତର୍ଭୁକ୍ତ। ଆମର ରେଳ ପରିବାରକୁ ସେବା କରିବା ବ୍ୟତୀତ, ଆମେ ଟ୍ରେନ୍ ଏବଂ ଷ୍ଟେସନରେ ୪,୪୯୬ ଅସୁସ୍ଥ ଯାତ୍ରୀଙ୍କୁ ଚିକିତ୍ସା ସହାୟତା ପ୍ରଦାନ କରିଛୁ।

ପୂର୍ବ ତଟ ରେଳପଥ, ଏହାର କର୍ମଚାରୀ ଏବଂ ସେମାନଙ୍କ ପରିବାରର କଲ୍ୟାଣ ପାଇଁ ପ୍ରତିଶ୍ରୁତିବଦ୍ଧ। ଆମର ଶ୍ରମଶକ୍ତିକୁ ବ୍ୟାପକ ଲାଭ ଏବଂ ବୀମା ପ୍ୟାକେଜ ପ୍ରଦାନ କରିବା ପାଇଁ ଆମେ ଜାତୀୟକରଣ ହୋଇଥିବା ବ୍ୟାଙ୍କଗୁଡ଼ିକ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଛୁ। ଏହି ସମୟ ମଧ୍ୟରେ, ୧୬,୯୩୧ ନନ୍-ଗେଜେଟେଡ୍ କର୍ମଚାରୀ ସଦସ୍ୟ ସେମାନଙ୍କ ବୃତ୍ତିଗତ ଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ ବର୍ଗରେ ତାଲିମ ଗ୍ରହଣ କରିଛନ୍ତି।

ଏକ ନିରାପଦ ଏବଂ ସମ୍ମାନଜନକ କାର୍ଯ୍ୟସ୍ଥଳୀ ସୃଷ୍ଟି କରିବା ପାଇଁ, ଯୌନ ଉତ୍ପୀଡ଼ନ ନିବାରଣ ଆଇନ, ୨୦୧୩ ଅନୁଯାୟୀ କର୍ମଚାରୀମାନଙ୍କୁ ସେମାନଙ୍କ ଅଧିକାର ଏବଂ ଦାୟିତ୍ୱ ବିଷୟରେ ଶିକ୍ଷିତ କରିବା ପାଇଁ ମୁଖ୍ୟାଳୟ ଏବଂ ଡିଭିଜନାଲ ସ୍ତରରେ ସଚେତନତା ଅଭିଯାନ ଏବଂ ସମ୍ବେଦନଶୀଳ କର୍ମଶାଳା ଆୟୋଜନ କରାଯାଇଛି।

ପୂର୍ବ ତଟ ରେଳପଥ ଚଳିତ ବର୍ଷ କ୍ରୀଡ଼ାରେ ଏକ ଉଲ୍ଲେଖନୀୟ ଟ୍ରାକ୍ ରେକର୍ଡ ହାସଲ କରିଛି। ମୁଁ ଖୁସି ଯେ ଆମର ଅନେକ ଆଥଲେଟ୍ ଉଭୟ ଅନ୍ତର୍ଜାତୀୟ ଏବଂ ଜାତୀୟ ସ୍ତରରେ ଉତ୍କର୍ଷ ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରେ ଉଲ୍ଲେଖନୀୟ ହେଉଛନ୍ତି ଶ୍ରୀ ଅମିତ ରୋହିଦାସ, ଯିଏ ବିହାରରେ ଆୟୋଜିତ ଏସିଆ କପରେ ଭାରତର ପ୍ରତିନିଧିତ୍ୱ କରିଥିଲେ ଏବଂ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଆମର ବକ୍ସର୍ ମିସ୍ ସବିତା ବିଏଫଆଇ (ଈଋଓ) କପ୍-୨୦୨୫ ରେ ସ୍ୱର୍ଣ୍ଣ ପଦକ ଏବଂ ଅଖିଳ ଭାରତୀୟ ରେଳ ବକ୍ସିଂ ଚାମ୍ପିଅନସିପରେ ରୌପ୍ୟ ପଦକ ହାସଲ କରିଛନ୍ତି। ଭାରୋତ୍ତଳନକାରୀ ଏସ୍. କେ. ଲାଲ ବଶୀର ସର୍ବଭାରତୀୟ ରେଲୱେ ଭାରୋତ୍ତଳନ ଚାମ୍ପିଅନସିପରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ଉଲ୍ଲେଖନୀୟ ସଫଳତା ପାଇଁ ମୁଁ ଆମର ସମସ୍ତ କ୍ରୀଡ଼ାବିତଙ୍କୁ ହୃଦୟରୁ ଅଭିନନ୍ଦନ ଜଣାଉଛି।

କାର୍ଯ୍ୟସ୍ଥଳର ସମସ୍ୟାକୁ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବେ ସମାଧାନ କରିବାରେ ଆମର ଶ୍ରମିକ ସଂଗଠନଗୁଡ଼ିକର ସକାରାତ୍ମକ ଏବଂ ଗଠନମୂଳକ ଯୋଗଦାନ ପାଇଁ ମୁଁ ହୃଦୟରୁ କୃତଜ୍ଞତା ଜଣାଉଛି। ପୂର୍ବ ତଟ ରେଳପଥ ମହିଳା କଲ୍ୟାଣ ସଂଗଠନ (ଋଉକ୍ଷଜଡଡଙ୍ଗ) ଦ୍ୱାରା ନିଆଯାଇଥିବା କଲ୍ୟାଣକାରୀ ଏବଂ ସାମାଜିକ ପଦକ୍ଷେପ ଆମର ରେଳ ପରିବାର ଉପରେ ସେମାନଙ୍କର ପ୍ରଶଂସନୀୟ ପ୍ରଭାବ ପାଇଁ ସ୍ୱତନ୍ତ୍ର ପ୍ରଶଂସାର ଯୋଗ୍ୟ।ଆସନ୍ତୁ ଆମେ ନୂତନ ପ୍ରତିବଦ୍ଧତା ଏବଂ ଦୃଢ଼ ବିଶ୍ୱାସ ସହିତ ଆଗକୁ ବଢ଼ିବା। ଆନ୍ତରିକତା, ନିଷ୍ଠା ଏବଂ ସମର୍ପଣ ଦ୍ୱାରା ପରିଚାଳିତ ହେବା। ଆମର ଲକ୍ଷ୍ୟ କେବଳ ଲକ୍ଷ୍ୟ ହାସଲ କରିବା ନୁହେଁ ବରଂ ଏହାକୁ ଅତିକ୍ରମ କରିବା। ଆମ କାର୍ଯ୍ୟରେ ସଂସ୍କାର ଏବଂ ନବସୃଜନ ଏହାକୁ ସକ୍ଷମ କରିବ। ମୋର ବିଶ୍ୱାସ ଯେ ଆପଣଙ୍କର ଅତୁଟ ସମର୍ଥନ ଏବଂ ସାମୂହିକ ସଂକଳ୍ପ ଦ୍ୱାରା ପୂର୍ବ ତଟ ରେଳପଥ ଉତ୍କର୍ଷତାର ନୂତନ ଦିଗକୁ ଖୋଜି ବାହାର କରିବ ଏବଂ ସଫଳତା ଆଣିବ।ପୁଣିଥରେ, ମୁଁ ଆପଣଙ୍କୁ ଏବଂ ଆପଣଙ୍କ ପ୍ରିୟଜନଙ୍କୁ ଶୁଭେଚ୍ଛା ଜଣାଉଛି। ଏହି ଗଣତନ୍ତ୍ର ଦିବସ ସମସ୍ତଙ୍କ ପାଇଁ ଆନନ୍ଦ, ସମୃଦ୍ଧି ଏବଂ ନିରନ୍ତର ସଫଳତା ଆଣିଦେଉ।

ମହାପ୍ରବନ୍ଧକ

# ସର୍ବବୃହତ ଗଣତନ୍ତ୍ରର ବାସ୍ତବିକ ରୂପରେଖ

## ଦୁର୍ଗେଶ ନନ୍ଦନ ମହାପାତ୍ର

ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ହେଉଛି ଭାରତ ଶହେ ଚାଳିଶ କୋଟି ଜନସଂଖ୍ୟା ବହୁଳ ଭାରତରେ ପ୍ରତିବର୍ଷ ଜାନୁଆରୀ ମାସ ୨୬ ତାରିଖକୁ ସାଧାରଣତନ୍ତ୍ର ଦିବସ ଭାବେ ପାଳନ କରାଯାଏ । ଆଜି ହେଉଛି ସେହି ପବିତ୍ର ଦିବସ ଏବଂ ଚଳିତ ବର୍ଷ ଦେଶ ପାଳୁଛି ୭୭ତମ ଗଣତନ୍ତ୍ର ଦିବସ ଏହି ଦିନ ଲାଗୁ ହୋଇଥିଲା ଭାରତର ସମ୍ବିଧାନ । ଏହି ଦିନକୁ ମନେ ରଖିବା ପାଇଁ ହିଁ ପ୍ରତିବର୍ଷ ଏହାକୁ ସାଧାରଣତନ୍ତ୍ର ଦିବସ ଭାବେ ପାଳନ କରାଯାଏ। ୧୫ ଅଗଷ୍ଟ ୧୯୪୭ ମସିହାରେ ଭାରତ ସ୍ୱାଧୀନ ହୋଇଥିଲା । ୨୬ ଜାନୁଆରୀ ୧୯୫୦ରେ ସମ୍ବିଧାନକୁ ପ୍ରଣୟନ କରାଯାଇଥିଲା।

ଏହାପରେ ଭାରତକୁ ଏକ ଲୋକତନ୍ତ୍ର ବା ଗଣତନ୍ତ୍ର ଦେଶ ଘୋଷଣା କରାଗଲା। ସେବେଠାରୁ ପ୍ରତି ବର୍ଷ ୨୬ ଜାନୁଆରୀକୁ ସାଧାରଣତନ୍ତ୍ର ଦିବସ ରୂପେ ପାଳନ କରାଯାଇଆସୁଛି ଅନେକ ରାଜ୍ୟକୁ ନେଇ ଆମ ଭାରତ ଗଠିତ ହୋଇଛି । ରାଜ୍ୟ ମାନଙ୍କର ଏକ ସଙ୍ଘ ହେଉଛି ଭାରତ ସେଥିପାଇଁ ସମ୍ବିଧାନରେ ଇଂରାଜୀରେ ଉଲ୍ଲେଖ ଅଛି 'ଇଣ୍ଡିଆ ଦାଟ ଇଜ ୟୁନିଅନ ଅଫ ଷ୍ଟେଟ୍ସ' ସଂସଦୀୟ ପ୍ରକ୍ରିୟାରେ ବନ୍ଧା ହୋଇଥିବା ଏକ ଗଣରାଜ୍ୟ ହେଉଛି ଭାରତ ଏହି ଗଣରାଜ୍ୟ ଭାରତ ସମ୍ବିଧାନ ଅନୁଯାୟୀ ଶାସିତ ଅଟେ । ସମ୍ବିଧାନ ସଭାରେ ୨୬ ନଭେମ୍ବର ୧୯୪୯ରେ ଏହି ସମ୍ବିଧାନକୁ ଗ୍ରହଣ କରାଯାଇଥିଲା। ଯାହାପରେ ୨୬ ଜାନୁୟାରୀ ୧୯୫୦ ମସିହାରେ ଏହା ପ୍ରଭାବ ଦେଖାଇଲା । ଦେଶର ପ୍ରଥମ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ ୨୬ ଜାନୁଆରୀ ୧୯୫୦ରେ ୨୧ ତୋପ ସଲାମୀ ସହିତ ଭାରତର ଧ୍ୱଜାକୁ ଉଡ଼ାଇ ଥିଲେ ଓ ଭାରତକୁ ପୂର୍ଣ୍ଣ ଗଣତନ୍ତ୍ର ରାଷ୍ଟ୍ର ରୂପେ ଘୋଷଣା କରିଥିଲେ ସେବେଠାରୁ ଏହି ଦିନକୁ ସାଧାରଣତନ୍ତ୍ର ଦିବସ ରୂପେ ପାଳନ କରାଯାଉଛି ।

ମତଦାତାଙ୍କ ସଂଖ୍ୟା ବା ଭୋଟରମାନଙ୍କ ସଂଖ୍ୟାଦୃଷ୍ଟିରୁ ଭାରତ ହେଉଛି ବିଶ୍ୱର ସବୁଠାରୁ ବଡ ଗଣତନ୍ତ୍ର । ଯେଉଁ ଗଣତନ୍ତ୍ରର ବିଶ୍ୱବ୍ୟାପୀ ସୁନାମ ରହିଛି କିନ୍ତୁ ବାସ୍ତବିକ ଗଣତନ୍ତ୍ର ବଦଳରେ ଆମେ ଏକ ପ୍ରକ୍ରିୟାତ୍ମକ ଗଣତନ୍ତ୍ର ଉପଭୋଗ କରୁଛୁ, କାରଣ ଏହା କେବଳ ଗଣତନ୍ତ୍ରର ନିୟମ ଓ ପ୍ରକ୍ରିୟାକୁ ଅନୁସରଣ କରି ଆସୁଛି । ଅର୍ଥାତ ଆମେ କେବଳ ଗଣତନ୍ତ୍ରର ନିୟମକୁ ଅନୁସରଣ କରୁଛୁ ସତ କିନ୍ତୁ ଗଣତନ୍ତ୍ରର ଆତ୍ମାକୁ କାର୍ଯ୍ୟରେ ଲଗାଇପାରିନୁ । ଆଜି ଆମର ଗଣତନ୍ତ୍ର କାହା ସ୍ୱାର୍ଥରେ କାର୍ଯ୍ୟ କରୁଛି ତାହା ମଧ୍ୟ ଅନେକ କ୍ଷେତ୍ରରେ ପ୍ରଶ୍ନବାଚୀ ସୃଷ୍ଟି କରେ ।

ସହମତି ଓ ଅସହମତି ଗଣତନ୍ତ୍ରର ଭାଗ ନିଶ୍ଚିତ, ଅନ୍ୟପକ୍ଷେ କହିବାକୁ ଗଲେ ମତଭେଦ ରହିବା ସ୍ୱାଭାବିକ କିନ୍ତୁ ମନଭେଦ ରହିଲେ ତାହା ବିଭାଜନ ସୃଷ୍ଟି କରେ ଯାହା ଏକତା ପାଇଁ ଏକ ଆହ୍ୱାନ ପାଲଟେ ବିଚାରଧାରାରେ କିଏ ଗାନ୍ଧୀଙ୍କର ତ କିଏ ସାବରକରଙ୍କର, କିଏ ଆମ୍ବେଦକରଙ୍କର ତ କିଏ ମନୁଙ୍କର, କିଏ ବୁଦ୍ଧଙ୍କର ତ କିଏ ମାଓ-ସେ-ତୁଙ୍ଗଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନଙ୍କ ସ୍ଥାୟୀ ଅନୁଗାମୀ ଭାବେ ପରସ୍ପରର ବିରୋଧୀ ଭାବେ ମୁହାଁମୁହିଁ ହେଉଛନ୍ତି । ଜାତି, ଧର୍ମ, ଭାଷା, ଓ ଅଂଚଳ ଆଧାରରେ ସୃଷ୍ଟି ହୋଇଥିବା ବିଭିନ୍ନ ଅନୁଷ୍ଠାନ ଓ ଦଳଗୁଡିକ ନିଜନିଜର ସ୍ଥାୟୀ ଅନୁଗାମୀ ସୃଷ୍ଟି କରି ଭାରତରେ ସ୍ଥାୟୀ ଭାବେ ଏକ ଅଦୃଶ୍ୟ ବିଭାଜନ କରିସାରିଛନ୍ତି । ସାଧାରଣରେ କହିବାକୁ ଗଲେ ଗଣତନ୍ତ୍ରରେ ସମସ୍ତଙ୍କ ପାଇଁ ସମାନ ସୁଯୋଗ ବିଦ୍ୟମାନ ଅଛି କିନ୍ତୁ ବିଡମ୍ବନାର ବିଷୟ ବାସ୍ତବିକତାରେ ନେତା ଏବଂ ପ୍ରଶାସନିକ ଅଧିକାରୀମାନେ ବିପୁଳ ପ୍ରଭାବ,ଅସୀମିତ କ୍ଷମତା ଏବଂ ସାମାଜିକ ପ୍ରତିଷ୍ଠା ଉପଭୋଗ କରନ୍ତି, ନିଜର ଦବଦବା ଜାହିର କରନ୍ତି ଓ କେବଳ ମୁଷ୍ଟିମେୟ ଲୋକ ପର୍ଯ୍ୟାପ୍ତ ଅର୍ଥ ଉପାର୍ଜନ ଓ ସୁବିଧା ସୁଯୋଗ ପାଆନ୍ତି କିନ୍ତୁ ସାଧାରଣ ଲୋକେ ଆଜି ବି ମୌଳିକ ଅଧିକାର ପାଇଁ ସଂଘର୍ଷରେ ଲିପ୍ତ ଏବଂ ବିଭିନ୍ନ ଅଧିକାର ପାଇବା ପାଇଁ ଗୋଷ୍ଠୀ ଗଠନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଆନ୍ଦୋଳନ କରନ୍ତି । ବଡକଥା ହେଉଛି ସାମ୍ବିଧାନିକ ଓ ମହାଗଣତାନ୍ତ୍ରିକ ରାଷ୍ଟ୍ର ଭାରତରେ ସରକାରଙ୍କ କାର୍ଯ୍ୟଶୈଳୀ ଏବଂ ସାମ୍ବିଧାନିକ ଅନୁଷ୍ଠାନ ମଧ୍ୟରେ ଅସଂଗତି ମଧ୍ୟ ଦୃଷ୍ଟି ଗୋଚର ହୁଏ। ସମାଜର ବର୍ଣ୍ଣିତ ସାମ୍ବିଧାନିକ ବ୍ୟବସ୍ଥା, ଆଇନ ଏବଂ ପ୍ରକୃତ କାର୍ଯ୍ୟକାରିତା ମଧ୍ୟରେ ବ୍ୟବଧାନ ଅଧିକ ଦେଖିବାକୁ ମିଳେ, ଯାହା ନିଶ୍ଚିତ ରୂପେ ଚିନ୍ତା କରିବାର ବିଷୟ ।

ତେବେ ଦୀର୍ଘ ୭୭ ବର୍ଷର ଗଣତନ୍ତ୍ର କେତେ ସଫଳ ହୋଇଛି, ସେ ବିଷୟରେ ଆଲୋଚନା କରିବାକୁ ହେଲେ ବିତିଯାଇଥିବା ବର୍ଷମାନଙ୍କର ଇତିହାସ, ବିକାଶ, ସାମାଜିକ ଓ ଅର୍ଥନୈତିକ ଅବସ୍ଥା, ଲୋକଙ୍କ ସୁଖ-ସୁବିଧା ଇତ୍ୟାଦି ବିଶ୍ଲେଷଣ କରିବା ଆବଶ୍ୟକ । ବିବିଧତା ହେଉଛି ଭାରତର ସୌନ୍ଦର୍ଯ୍ୟ । ବିଭିନ୍ନତା ମଧ୍ୟରେ ଏକତା ଉପରେ ଆଧାରକରି ଭାରତର ଗଣତନ୍ତ୍ରର ମୂଳଦୁଆ ଦଣ୍ଡାୟମାନ । ଅନ୍ୟପକ୍ଷରେ କହିବାକୁ ଗଲେ ଯେତେ ସାମ୍ପ୍ରଦାୟିକ ସ୍ତରରେ ଦୋଷ ଲଦିଲେ ବି ଧର୍ମନିରପେକ୍ଷତା ଏବେ ମଧ୍ୟ ଭାରତର ଏକ ଦୃ? ଆଦର୍ଶ ହୋଇପାରିଛି । ଦେଶ ଅନେକ କ୍ଷେତ୍ରରେ ଅଗ୍ରଗତି ଏବଂ ବିକାଶ କରିଛି । ଦେଶବାସୀଙ୍କ ଜୀବନଧାରଣରେ ଉନ୍ନତି ଆସିଛି । କୃଷି, ଶିଳ୍ପ, ଶିକ୍ଷା, ଔଷଧ, ମହାକାଶ ବିଜ୍ଞାନ ପରି ଅନେକ କ୍ଷେତ୍ରରେ ଭାରତ ସଫଳତା ହାସଲ କରିଛି । ଅର୍ଥନୀତି ଦୃଷ୍ଟିରୁ ଆମେ ବିଶ୍ୱର ଚତୁର୍ଥ ବୃହତମ ଶକ୍ତି ହୋଇପାରିଛନ୍ତି । ଆଜି ଆମ ପାଖରେ ବୈଦେଶିକ ମୁଦ୍ରାର ବିପୁଳ ଭଣ୍ଡାର ଅଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଦେଶର ବିକାଶ ହୋଇଛି, କିନ୍ତୁ ଗଣତନ୍ତ୍ରର ବାସ୍ତବ ସଫଳତା ସରକାରଙ୍କର ଅନ୍ୟସବୁ କ୍ଷେତ୍ରରେ ଉଦ୍ୟମ ଯଥା କେତେ ପରିମାଣରେ ଦାରିଦ୍ର୍ୟ, ନିରକ୍ଷରତା, ସାମ୍ପ୍ରଦାୟିକତା, ଲିଙ୍ଗଗତ ଭେଦଭାବ ଏବଂ ଜାତିଭେଦ ଦୂର କରିଛନ୍ତି ତାହା ଉପରେ ନିର୍ଭର କରେ । ଗଣତନ୍ତ୍ରର ସଫଳତା ପଥରେ ଏଭଳି ପରିସ୍ଥିତି ନିଶ୍ଚିତଭାବେ ପ୍ରତିବନ୍ଧକ ହୋଇଠିଆ ହୁଏ। ତେଣୁ ଏସବୁ ଉପରେ ଆଲୋକପାତ କରି ସମସ୍ୟା ସମାଧାନ କଲେ ଗଣତନ୍ତ୍ର ବାସ୍ତବରେ ସୁଦୃଢ ହୋଇପାରିବ। ଜୟ ଗଣତନ୍ତ୍ର, ଜୟ ଭାରତ, ଜୟ ହିନ୍ଦ।

ସାମ୍ବାଦିକ ଓ ଉପସ୍ଥାପକ
ଭୁବନେଶ୍ୱର



# ଇଣ୍ଡୋନେସିଆ ପଶ୍ଚିମ ବାଙ୍ଗଦୁଙ୍ଗରେ ବଡ଼ ଧରଣର ଭୂସ୍ଖଳନ; ୭ ମୃତ

**ନୂଆଦିଲ୍ଲୀ, ୨୫।୧ (ଏଜେନ୍ସି):** ଇଣ୍ଡୋନେସିଆର ପଶ୍ଚିମ ଜାଭା ପ୍ରଦେଶରେ ଭୂସ୍ଖଳନରେ ୭ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ଏଥିସହ ୮୦ରୁ ଅଧିକ ଲୋକ ନିଖୋଜ ଥିବା ଇଣ୍ଡୋନେସିଆର ବିପର୍ଯ୍ୟୟ ସଂସ୍ଥା ବା BNPB ମୁଖପାତ୍ର ଅବଦୁଲ ମୁହାରୀ ଏନେଇ ସୂଚନା ଦେଇଛନ୍ତି । ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ କରିଛି ଯେ, ଶନିବାର ସ୍ଥାନୀୟ ସମୟ ରାତି ୨ଟାରେ ପ୍ରବଳ ବର୍ଷା ଯୋଗୁଁ ଭୂସ୍ଖଳନ ହୋଇଥିଲା । ଲୋକଙ୍କ ଉଦ୍ଧାର ପାଇଁ ସନ୍ଧାନ ଅଭିଯାନ ଜାରି ରହିଛି । ଶନିବାର ସକାଳେ ପଶ୍ଚିମ ଜାଭା ପ୍ରଦେଶର ବାଙ୍ଗଦୁଙ୍ଗରେ ଅଞ୍ଚଳରେ ଭୂସ୍ଖଳନ ହୋଇଥିଲା, ଯେଉଁଥିରେ ୭ ଜଣଙ୍କର ମୃତ୍ୟୁ ହୋଇଛି । ସେ ଆହୁରି କହିଛନ୍ତି, ନିଖୋଜ ବ୍ୟକ୍ତିଙ୍କ ସଂଖ୍ୟା ଅଧିକ ରହିଛି, ଆମେ ଆଜି ଆମର ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟକୁ



ସୁଗମ କରିବାକୁ ଚେଷ୍ଟା କରିବୁ । ମୁହାରୀ ଆହୁରି କହିଛନ୍ତି, ଏହି ବିପର୍ଯ୍ୟୟ ପ୍ରାୟ ୩୪ ପରିବାରର ୧୧୩ ଜଣଙ୍କୁ ପ୍ରଭାବିତ କରିଛି । ଭୂସ୍ଖଳନରେ କ୍ଷତିଗ୍ରସ୍ତ ହୋଇଥିବା ଘରର ସଂଖ୍ୟା ଏ ପର୍ଯ୍ୟନ୍ତ ଅଧିକାରୀମାନଙ୍କ ଦ୍ୱାରା ରେକର୍ଡ କରାଯାଉଛି । ଆଞ୍ଚଳିକ ବିପର୍ଯ୍ୟୟ ପରିଚାଳନା ସଂସ୍ଥା, ମିଳିତ ସଂସ୍ଥାଗୁଡ଼ିକ ସହିତ, ପ୍ରଭାବିତ ସ୍ଥାନଗୁଡ଼ିକରେ ଆହୁରି ତଥ୍ୟ ସଂଗ୍ରହ ଏବଂ ତଦାରଖ କରୁଛି, ଯେଉଁଥିରେ ପୀଡ଼ିତମାନଙ୍କୁ ଖୋଜିବା ଏବଂ ଜରୁରୀକାଳୀନ ଆବଶ୍ୟକତାର ମୂଲ୍ୟାଙ୍କନ ପ୍ରକ୍ରିୟା ଅନ୍ତର୍ଭୁକ୍ତ ମୁହାରୀ ଆହୁରି କହିଛନ୍ତି । ଏହି ଅଞ୍ଚଳ ୩୦ ଏପ୍ରିଲ ପର୍ଯ୍ୟନ୍ତ ବନ୍ୟା, ଆକସ୍ମିକ ବନ୍ୟା, ଅତିପ୍ରବଳ ପାଗ ଏବଂ ଭୂସ୍ଖଳନ ପାଇଁ ଉଚ୍ଚ ସତର୍କତା ଜାରି ରହିଛି ।

# ଆବୁଧାବିରେ ରୁଷ-ୟୁକ୍ରେନ ଶାନ୍ତି ଆଲୋଚନା

**ନୂଆଦିଲ୍ଲୀ, ୨୫।୧ (ଏଜେନ୍ସି):** ରୁଷ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧ ସମାପ୍ତ କରିବା ପାଇଁ ସଂଯୁକ୍ତ ଆରବ ଏମିରେଟ୍ସର ରାଜଧାନୀ ଆବୁଧାବିରେ ଏକ ମହାମନ୍ଥନ ଚାଲିଛି । ଏହି ତ୍ରିପାକ୍ଷିକ ବୈଠକରେ ଆମେରିକୀୟ ମଧ୍ୟସ୍ଥି ଭାବେ ଅଂଶଗ୍ରହଣ କରିଛନ୍ତି । ଏହାକୁ ରୁଷ-ୟୁକ୍ରେନ ଯୁଦ୍ଧରେ ଶାନ୍ତି ପାଇଁ ଏକ ପ୍ରମୁଖ ପଦକ୍ଷେପ ଭାବରେ ବିବେଚନା କରାଯାଉଛି । ଚାରି ବର୍ଷ ଧରି ଚାଲିଥିବା ଏହି ଭୟଙ୍କର ଯୁଦ୍ଧକୁ ବନ୍ଦ କରିବାରେ ଆଞ୍ଚଳିକ ବିବାଦ ଏବେ ବି ସବୁଠାରୁ ବଡ଼ ପ୍ରତିବନ୍ଧକ ସାଜିଛି । ବର୍ତ୍ତମାନ ସୁଦ୍ଧା ଆଲୋଚନାକାରୀଙ୍କ ମଧ୍ୟରେ



କୌଣସି ଠୋସ୍ ଚୁକ୍ତିର ସ୍ପଷ୍ଟ ସଙ୍କେତ ମିଳୁନାହିଁ । ଫଳରେ ବିଶ୍ୱରେ ଏନେଇ ଚିନ୍ତା ବୃଦ୍ଧି ପାଉଛି । ଆବୁଧାବିରେ ଆରମ୍ଭ ହୋଇଥିବା ଏହି ବୈଠକ ଶନିବାର ସକାଳ ପର୍ଯ୍ୟନ୍ତ ଜାରି ରହିଥିଲା । ଆଲୋଚନାରେ ଆଞ୍ଚଳିକ ପ୍ରସଙ୍ଗଗୁଡ଼ିକୁ ପ୍ରାଥମିକତା ଦିଆଯାଇଛି । ୟୁକ୍ରେନ୍ ଓ ରୁଷର ଆଲୋଚନାକାରୀମାନେ ଶତ୍ରୁତାକୁ ରୋକିବା ପାଇଁ ଦୀର୍ଘ ଆଲୋଚନା କରିଥିଲେ, କିନ୍ତୁ ପ୍ରାରମ୍ଭିକ ଫଳାଫଳ କମ୍ ଉତ୍ସାହଜନକ ରହିଥିଲା । ଉଭୟ ପକ୍ଷ ସେମାନଙ୍କ ସ୍ଥିତିରେ ଅଟଳ ରହିଥିବାରୁ ଦୁଇ ଦେଶ ମଧ୍ୟରେ କୌଣସି ବଡ଼ ଚୁକ୍ତି ହୋଇ ପାରିନାହିଁ । ୟୁକ୍ରେନ ପ୍ରବଳ ଥଣ୍ଡା ଓ ଗମ୍ଭୀର ଶକ୍ତି ସଙ୍କଟର ସମ୍ମୁଖୀନ ହେଉଥିବା ସମୟରେ ରୁଷ-ୟୁକ୍ରେନ ଶାନ୍ତି ଆଲୋଚନା ହେଉଛି, ଯାହା ସାଧାରଣ ଜୀବନଯାତ୍ରାକୁ ବ୍ୟାହତ କରୁଛି । ଶକ୍ତି ବ୍ୟବସ୍ଥା ଉପରେ ରୁଷର ଆକ୍ରମଣ ଯୋଗୁ କିଭ୍ ଭଳି ପ୍ରମୁଖ ସହରରେ ବିଦ୍ୟୁତ ଯୋଗାଣ ବାଧାପ୍ରାପ୍ତ ହୋଇଛି । ତାପମାତ୍ରା ଶୂନ୍ ତଳକୁ ଖସିଯାଇଥିବାବେଳେ ଯୁଦ୍ଧ ବନ୍ଦ କରିବା ଓ ଶାନ୍ତି ଫେରାଇ ଆଣିବା ପାଇଁ ଆମେରିକା ମଧ୍ୟ ୟୁକ୍ରେନ ଉପରେ ଚାପ ବୃଦ୍ଧି କରୁଛି । ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ୟୁକ୍ରେନକୁ ଡୋନେଟସ୍କ ଅଞ୍ଚଳର ଡୋନବାସର ୨୦ ପ୍ରତିଶତ ହସ୍ତାନ୍ତର କରିବାକୁ ଦାବି କରୁଛନ୍ତି ଯାହାକୁ ବର୍ତ୍ତମାନ ସେ ନିଜ ଦଖଲକୁ ନେଇଛନ୍ତି । ଏହି ବିବାଦୀୟ ଅଞ୍ଚଳର କ୍ଷେତ୍ରଫଳ ପ୍ରାୟ ୫,୦୦୦ ବର୍ଗ କିଲୋମିଟର । ପୁଟିନ ଯୁଦ୍ଧ ବନ୍ଦ କରିବା ପାଇଁ ଯେକୌଣସି ମୂଲ୍ୟରେ ଏହାକୁ ହାସଲ କରିବାକୁ ଚାହୁଁଛନ୍ତି । ୟୁକ୍ରେନୀୟ ରାଷ୍ଟ୍ରପତି ଜେଲେନସ୍କି ସ୍ପଷ୍ଟ କରିଛନ୍ତି ଯେ, ସେ ସେହି ଅଞ୍ଚଳଗୁଡ଼ିକୁ ଛାଡିବେ ନାହିଁ ଯାହାକୁ ରୁଷ ଚାରି ବର୍ଷ ମଧ୍ୟରେ ଜିତିପାରିନାହିଁ । ରାଷ୍ଟ୍ରପତି ଜେଲେନସ୍କି ଡାଭୋସରେ କହିଥିଲେ ଯେ, ଯୁଦ୍ଧ ଆରମ୍ଭ ହେବା ପରେ ଆବୁଧାବି ବୈଠକ ହେଉଛି ପ୍ରଥମ ତ୍ରିପାକ୍ଷିକ ବୈଠକ । ସମାଧାନ ଖୋଜିବା ପାଇଁ ଆମେରିକୀୟ ମଧ୍ୟସ୍ଥତାରେ ୟୁକ୍ରେନ୍ ଓ ରୁଷର ପ୍ରତିନିଧିମାନେ ସାମିଲ ହୋଇଛନ୍ତି, ଯାହା ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ । ପୂର୍ବ ବୈଠକ ୨୦୨୨ରେ ଇସ୍ତାନବୁଲରେ ହୋଇଥିଲା । ବିଶେଷଜ୍ଞଙ୍କ ଅନୁସାରେ ଯଦି ବିବାଦୀୟ ଅଞ୍ଚଳ ଉପରେ ଦୁଇ ଦେଶ ମଧ୍ୟରେ କୌଣସି ଚୁକ୍ତି ନହୁଏ, ତେବେ ଯୁଦ୍ଧ ଅଧିକ ଲମ୍ବା ହେବାର ସମ୍ଭାବନା ରହିଛି ।

# ଇରାନକୁ ସମର୍ଥନ କଲା ଭାରତ

**ନୂଆଦିଲ୍ଲୀ, ୨୫।୧ (ଏଜେନ୍ସି):** ମିଳିତ ଜାତିସଂଘ ମାନବାଧିକାର ପରିଷଦର ସ୍ୱତନ୍ତ୍ର ଅଧିବେଶନରେ ଭାରତ ପୁଣି ଥରେ ନିଜର ସ୍ୱାଧୀନ ବୈଦେଶିକ ନୀତି ସହିତ ବିଶ୍ୱକୁ ଆଶ୍ଚର୍ଯ୍ୟ କରିଛି । ପାଶ୍ଚାତ୍ୟ ଦେଶଗୁଡ଼ିକର ପ୍ରବଳ ଚାପ ସତ୍ତ୍ୱେ, ଭାରତ ଇରାନ ବିରୋଧରେ ଆଗତ ମାନବାଧିକାର ଉଲ୍ଲଂଘନ ସମ୍ପର୍କିତ ପ୍ରସ୍ତାବ ବିରୋଧରେ ଭୋଟ୍ ଦେଇଛି । ଏହି ପଦକ୍ଷେପ ଭାରତ ଓ ଇରାନ ମଧ୍ୟରେ ବୃଦ୍ଧି ପାଉଥିବା ରଣନୈତିକ ସମ୍ପର୍କକୁ ପ୍ରତିଫଳିତ କରିଛି । ଜାନୁଆରି ୨୨ରେ ଅନୁଷ୍ଠିତ ଭୋଟରେ କୌଣସି ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ବାହ୍ୟ ହସ୍ତକ୍ଷେପକୁ ସମର୍ଥନ କରେ ନାହିଁ ବୋଲି ଭାରତ ସ୍ପଷ୍ଟ କରିଦେଇଥିଲା । ପାଶ୍ଚାତ୍ୟ ଦେଶଗୁଡ଼ିକ ଦ୍ୱାରା ଆଗତ ଏହି ପ୍ରସ୍ତାବ, ୨୮ ଡିସେମ୍ବର, ୨୦୨୫ରେ ଇରାନରେ ଆରମ୍ଭ ହୋଇଥିବା ଦେଶବ୍ୟାପୀ ପ୍ରତିବାଦ ସହିତ ଜଡିତ ଥିଲା । ସେଥିରେ ମାନବାଧିକାର ଉଲ୍ଲଂଘନର ଅଭିଯୋଗ କରାଯାଇଥିଲା । ଏହି ପ୍ରତିବାଦ ମୁଖ୍ୟତଃ ଇରାନରେ ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି, ଅର୍ଥନୈତିକ ସଙ୍କଟ ଓ ମୁଦ୍ରାର ଅବମୂଲ୍ୟାୟନ ଯୋଗୁ ହୋଇଥିଲା । ଏହା ଦେଶରେ ବ୍ୟାପକ ଜନ ଅସନ୍ତୋଷ ସୃଷ୍ଟି କରିଥିଲା । ପ୍ରସ୍ତାବରେ ଇରାନ ସରକାରଙ୍କ ଦ୍ୱାରା ପ୍ରଦର୍ଶନକାରୀଙ୍କ ବିରୋଧରେ ଅତ୍ୟଧିକ ବଳ ପ୍ରୟୋଗ ଓ ଗିରଫଦାରୀର ଅନ୍ତର୍ଜାତୀୟ ତଦନ୍ତ ଦାବି କରାଯାଇଥିଲା । ତେବେ ଏସବୁ ଅଭିଯୋଗକୁ ଭାରତ ପକ୍ଷରୁ ଖଣ୍ଡନ କରାଯାଇଥିଲା । ଫ୍ରାନ୍ସ, ମେକ୍ସିକୋ ଓ ଦକ୍ଷିଣ କୋରିଆ ଭଳି ଦେଶ ଏହି ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଥିଲେ । ଭାରତ ଓ ଚୀନ୍ ସମେତ ସାତ ଦେଶ ଏହାକୁ ଦୃଢ଼ ବିରୋଧ କରିଥିଲେ । ଏହା ବ୍ୟତୀତ, ୧୪ ଦେଶ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଏକ ସାଧାରଣ ମତ ବଜାୟ ରଖିଥିଲେ ତଥା ଭୋଟିଂ ପ୍ରକ୍ରିୟାରୁ ଦୂରେଇ ରହିଥିଲେ । ଫଳରେ ପଶ୍ଚିମ ମେଣ୍ଟ ଆଶାତୀତ ସଫଳତାରୁ ବଞ୍ଚିତ ହୋଇଥିଲା । ଇରାନ ଏହାକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରେରିତ ଓ ନିଜ ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ବାହ୍ୟ ହସ୍ତକ୍ଷେପ ବୋଲି କହି ଅନ୍ତର୍ଜାତୀୟ ସ୍ତରରେ ପ୍ରସ୍ତାବକୁ ସମ୍ପୂର୍ଣ୍ଣ ଭାବରେ ଖଣ୍ଡନ କରିଥିଲା । ଭାରତ କହିଥିଲା ମାନବାଧିକାର ଭଳି ପ୍ରସଙ୍ଗକୁ ରାଜନୀତିକରଣ କରାଯିବା ଉଚିତ ନୁହେଁ । ସମସ୍ତ ଦେଶଙ୍କୁ ସେମାନଙ୍କର ଆଭ୍ୟନ୍ତରୀଣ ବିବାଦ ସମାଧାନ ପାଇଁ ଏକ ନ୍ୟାୟସଙ୍ଗତ ସୁଯୋଗ ମିଳିବା ଉଚିତ । ଏହି ଭୋଟ ସହିତ, ଭାରତ ବିଶ୍ୱକୁ ଏକ ସ୍ପଷ୍ଟ ବାର୍ତ୍ତା ଦେଇଛି ଯେ, ନିଜର ବୈଦେଶିକ ନୀତି ନିଷ୍ପତ୍ତିରେ କୌଣସି ବାହ୍ୟ ଶକ୍ତି କିମ୍ବା ପାଶ୍ଚାତ୍ୟ ଚାପ ଆଗରେ ଦେଶ ମୁଣ୍ଡ ନୁଆଁଇବ ନାହିଁ । ଏହା ପ୍ରଥମ ଥର ନୁହେଁ ଯେତେବେଳେ ଭାରତ ଅନ୍ତର୍ଜାତୀୟ ସ୍ତରରେ ଇରାନକୁ ଖୋଲାଖୋଲି ସମର୍ଥନ କରିଛି ।

## ଇଣ୍ଡିଗୋ ବିରୋଧରେ ବଡ଼ ଆକ୍ସନ

# ୭୦୦ରୁ ଅଧିକ ବିମାନ ବାତିଲ !

**ନୂଆଦିଲ୍ଲୀ, ୨୫।୧ (ଏଜେନ୍ସି):** ଦେଶର ସର୍ବବୃହତ ବିମାନ କମ୍ପାନୀ ଇଣ୍ଡିଗୋ ଘରୋଇ ବିମାନବନ୍ଦରରେ ୭୦୦ରୁ ଅଧିକ ସ୍ଲଟ୍ ଛାଡ଼ି ଦେଇଛି । ଏହି ପଦକ୍ଷେପ DGCAର କଠୋର କାର୍ଯ୍ୟାନୁଷ୍ଠାନ ପରେ ନିଆଯାଇଛି, ଯାହା ଏୟାରଲାଇନ୍ସର ଶୀତକାଳୀନ ବିମାନ ଉଡାଣ ହ୍ରାସ କରିବାକୁ ନିର୍ଦ୍ଦେଶ ଦେଇଥିଲା । ଏ ପୁରା ମାମଲା ଗତ ବର୍ଷ ଡିସେମ୍ବର ଆରମ୍ଭରେ ହୋଇଥିବା ଏକ ବଡ଼ ବାଧାରୁ ଉତ୍ପନ୍ନ ହୋଇଛି । କୁହୁଡ଼ି ଏବଂ ଅନ୍ୟାନ୍ୟ କାରଣ ଯୋଗୁଁ ବିମାନ ଉଡ଼ାଣରେ ଗୁରୁତ୍ୱପୂର୍ଣ୍ଣ ବିଳମ୍ବ ହୋଇଥିଲା, ଯାହା ଯାତ୍ରୀମାନଙ୍କୁ ବିମାନବନ୍ଦରରେ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ବାଧ୍ୟ କରିଥିଲା ଏବଂ ହଜାର ହଜାର ବିମାନ ବାତିଲ କରାଯାଇଥିଲା । ତଥ୍ୟ ଦର୍ଶାଉଛି ଯେ ଡିସେମ୍ବର ୩ ରୁ ୫ ମଧ୍ୟରେ ପ୍ରାୟ ୨,୫୦୭ ଇଣ୍ଡିଗୋ ବିମାନ ବାତିଲ କରାଯାଇଥିଲା ଏବଂ ୧,୮୫୨ଟି ବିଳମ୍ବିତ ହୋଇଥିଲା, ଯାହା ସାରା ଦେଶରେ ୩,୦୦୦୦୦ ରୁ ଅଧିକ ଯାତ୍ରୀଙ୍କୁ ପ୍ରଭାବିତ କରିଥିଲା । ଏହି ବିଭ୍ରାଟକୁ ଦୃଷ୍ଟିରେ ରଖି, DGCA ଏକ କଠୋର ଆଭିମୁଖ୍ୟ ଗ୍ରହଣ କରିଥିଲା ଏବଂ ଇଣ୍ଡିଗୋର ଶୀତକାଳୀନ କାର୍ଯ୍ୟସୂଚୀକୁ ୧୦ ପ୍ରତିଶତ ହ୍ରାସ କରିଥିଲା । ଏହାର ଅର୍ଥ ହେଉଛି ବିମାନ କମ୍ପାନୀକୁ ଏହାର କିଛି ସେବା ବାତିଲ କରିବାକୁ ପଡିବ । ଏହି ନିର୍ଦ୍ଦେଶ ପାଳନ କରି, ଇଣ୍ଡିଗୋ ଏବେ ମନ୍ତ୍ରଣାଳୟକୁ ୭୧୭ଟି ମାଗଣା ସ୍ଲଟର ଏକ ତାଲିକା ଦାଖଲ କରିଛି । ଏକ ସ୍ଲଟ୍ ହେଉଛି ବିମାନବନ୍ଦରରେ ବିମାନ ଅବତରଣ ଏବଂ ପ୍ରସ୍ଥାନ ପାଇଁ ଧାର୍ଯ୍ୟ ସମୟ । ଇଣ୍ଡିଗୋର ଖାଲି ହୋଇଥିବା ସ୍ଲଟର ସର୍ବାଧିକ ଅଂଶ ଦେଶର ପ୍ରମୁଖ ମେଟ୍ରୋଗୁଡ଼ିକରେ ଅବସ୍ଥିତ । ସୂତ୍ର ଅନୁଯାୟୀ, ୭୧୭ଟି ସ୍ଲଟ ମଧ୍ୟରୁ ୩୬୪ଟି ଛଅଟି ପ୍ରମୁଖ ମେଟ୍ରୋ ବିମାନବନ୍ଦରରେ ଅବସ୍ଥିତ । ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, କୋଲକାତା, ବେଙ୍ଗାଲୁରୁ ଏବଂ ହାଇଦ୍ରାବାଦ । ହାଇଦ୍ରାବାଦ ଏବଂ ବେଙ୍ଗାଲୁରୁରେ ସର୍ବାଧିକ ସଂଖ୍ୟକ ସ୍ଲଟ୍ ଥିବା କୁହାଯାଏ । ଜାନୁଆରୀରୁ ମାର୍ଚ୍ଚ ପର୍ଯ୍ୟନ୍ତ ଏହି ସ୍ଲଟଗୁଡ଼ିକ ଖାଲି କରାଯାଇଥିଲା । ଏହି ପରିସ୍ଥିତିର ସମାଧାନ ପାଇଁ, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ତୁରନ୍ତ ପ୍ରତିକ୍ରିୟା ପ୍ରକାଶ କରିଛି ଏବଂ ଅନ୍ୟ ଏୟାରଲାଇନ୍ସ ଠାରୁ ଆବେଦନ ଆହ୍ୱାନ କରିଛି । ସରକାର ଚାହାଁନ୍ତି ଯେ ଯାତ୍ରୀମାନଙ୍କୁ ଅସୁବିଧା ଏଡାଇବା ପାଇଁ ଇଣ୍ଡିଗୋ ଦ୍ୱାରା ଖାଲି ହୋଇଥିବା ସ୍ଲଟଗୁଡ଼ିକୁ ଅନ୍ୟ ଏୟାରଲାଇନ୍ସ ବ୍ୟବହାର କରନ୍ତୁ । ହେଲେ, ମନ୍ତ୍ରଣାଳୟ ସ୍ପଷ୍ଟ ଭାବରେ କହିଛି ଯେ ଏହି ନୂତନ ସ୍ଲଟଗୁଡ଼ିକୁ ପାଇବା ପାଇଁ କୌଣସି ଏୟାରଲାଇନ୍ସ ଏହାର ବିଦ୍ୟମାନ ରୁଟ୍ ବନ୍ଦ କରିବ ନାହିଁ । ଯଦିଓ ସରକାର ଅନ୍ୟ ଏୟାରଲାଇନ୍ସକୁ ନିମନ୍ତ୍ରଣ କରିଛନ୍ତି, ବିମାନ ଚଳାଚଳ ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ କମ୍ପାନୀଗୁଡ଼ିକ ଅଧିକ ଆଗ୍ରହ ଦେଖାଇ ପାରନ୍ତି ନାହିଁ ଏହାର ଦୁଇଟି ପ୍ରମୁଖ କାରଣ ଅଛି । ପ୍ରଥମତଃ, ନେଟୱାର୍କ ଯୋଜନା ଏବଂ ନୂତନ ରୁଟ୍ ଆରମ୍ଭ କରିବା ଏକ ଲମ୍ବା ପ୍ରକ୍ରିୟା ଏବଂ ଏତେ ଶୀଘ୍ର ହାସଲ କରିବା କଷ୍ଟକର । ଏକ ନୂତନ ରୁଟ୍ ଆରମ୍ଭ କରିବା ଏବଂ ମାତ୍ର ଗୋଟିଏ କିମ୍ବା ଦୁଇ ମାସ ପରେ ଏହାକୁ ବନ୍ଦ କରିବା ବ୍ୟବହାରିକ ନୁହେଁ ।

# କାନାଡାକୁ ଚେତାବନୀ ଦେଲେ ଟ୍ରମ୍ପ

**ନୂଆଦିଲ୍ଲୀ, ୨୫।୧ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଯେକୌଣସି ମୂଲ୍ୟରେ ଗ୍ରିନ୍ଲାଣ୍ଡକୁ ହାତେଇବାକୁ ସ୍ଥିର କରିଛନ୍ତି । ଏହି ପଦକ୍ଷେପ ଦ୍ୱାରା ସେ ନିଜ ସହଯୋଗୀମାନଙ୍କୁ ମଧ୍ୟ ଅସନ୍ତୁଷ୍ଟ କରିଛନ୍ତି । ଗ୍ରିନ୍ଲାଣ୍ଡକୁ ନେଇ ଟ୍ରମ୍ପ ଓ କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କ ମଧ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି । ଟ୍ରମ୍ପ ଗ୍ରିନ୍ଲାଣ୍ଡରେ ଗୋଲ୍ଡେନ ଡୋମ୍ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀ ସ୍ଥାପନ କରିବାକୁ ଯୋଜନା କରିଛନ୍ତି । କିନ୍ତୁ ଅନ୍ୟ ୟୁରୋପୀୟ ଦେଶଗୁଡ଼ିକ ସହିତ କାନାଡା ଏହାକୁ ବିରୋଧ କରୁଛି । ଟ୍ରମ୍ପ କାନାଡାକୁ ଚେତାବନୀ ଦେଇ କହିଛନ୍ତି ଯେ, ଯଦି କାନାଡା ଆମେରିକା ପ୍ରଣାଳୀ ବଦଳରେ ଚୀନ୍ ସହିତ ନିଜର ଆର୍ଥିକ ସମ୍ପର୍କ ବିସ୍ତାର କରେ, ତେବେ ଚୀନ୍ ଗୋଟିଏ ବର୍ଷ ମଧ୍ୟରେ କାନାଡାକୁ ଗିଳି ଦେଇପାରେ । ସ୍ୱିଜରଲାଣ୍ଡର ଡାଭୋସରେ ଚୀନ୍ ସହିତ କାନାଡା ଏକ ପ୍ରମୁଖ ବାଣିଜ୍ୟ ଚୁକ୍ତି ଘୋଷଣା କରିଥିଲା । ଏହା ସହିତ ଟ୍ରମ୍ପଙ୍କ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀ ଉପରେ ପ୍ରଶ୍ନ ଉଠାଇଥିଲା । ଏହି ଚୁକ୍ତିନାମା କାନାଡାର ବ୍ୟବସାୟ ଓ ଶ୍ରମିକଙ୍କ ପାଇଁ ୭ ବିଲିୟନ ଡଲାରରୁ ଅଧିକ ରପ୍ତାନି ବଜାର ଖୋଲିବ କାର୍ନି ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟରେ ଲେଖିଛନ୍ତି । କାନାଡା ଓ ଚୀନ୍ ମଧ୍ୟରେ ବଢୁଥିବା ଘନିଷ୍ଠତା ଦେଖି ଟ୍ରମ୍ପ୍ କ୍ରୋଧିତ ହୋଇ ଗ୍ରିନଲାଣ୍ଡରେ ସ୍ଥାପିତ ହେବାକୁ ଥିବା ଗୋଲ୍ଡେନ ଡମ୍ ବିଷୟରେ କହିଛନ୍ତି ଯେ, ଏହା କେବଳ ଆମେରିକାକୁ ନୁହେଁ ବରଂ କାନାଡାକୁ ମଧ୍ୟ ସୁରକ୍ଷା ଦେବ ।

# ଚୀନର ବରିଷ୍ଠ ମିଲିଟାରୀ ଅଧିକାରୀଙ୍କ ନାଁରେ ଅଭିଯୋଗ

**ନୂଆଦିଲ୍ଲୀ, ୨୫।୧ (ଏଜେନ୍ସି):** :ନିୟମ ଭାଙ୍ଗିଲେ ଏମିତି କଡ଼ା ସଜା ଦିଏ ଚୀନ । ଚୀନ୍ ଏହାର ଶକ୍ତିଶାଳୀ କେନ୍ଦ୍ରୀୟ ସାମରିକ କମିଶନ (CMC)ର ବରିଷ୍ଠ ଉପାଧ୍ୟକ୍ଷ ଏବଂ ଅନ୍ୟ ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କ ବିରୁଦ୍ଧରେ ନିୟମ ଉଲ୍ଲଂଘନ କରିଥିବା ସନ୍ଦେହ କରୁଛି । ଏଣୁ ଦେଶରେ ଏଦୁଇ ବରିଷ୍ଠ ଅଧିକାରୀଙ୍କ ବିରୋଧରେ ତଦନ୍ତ ଆରମ୍ଭ ହୋଇସାରିଛି । ମନ୍ତ୍ରଣାଳୟ କହିଛି ଯେ ଏହି ଦୁଇ ଜଣଙ୍କୁ ଶୃଙ୍ଖଳା ଏବଂ ଆଇନର ଗମ୍ଭୀର ଉଲ୍ଲଂଘନ କରିଥିବା ସନ୍ଦେହ କରାଯାଉଛି । ତଦନ୍ତ ପରେ ସବୁକିଛି ସ୍ପଷ୍ଟ ହେଲେ ସେ ଦୁହିଁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ୭୫ ବର୍ଷୀୟ ଝାଙ୍ଗ ୟୁକ୍ସିଆ ହେଉଛନ୍ତି ସିଏମସିର ବରିଷ୍ଠ ଉପାଧ୍ୟକ୍ଷ ଭାବରେ ଚୀନର ସର୍ବୋଚ୍ଚ ପଦବୀରେ ଥିବା ଜେନେରାଲ । ଯିଏକି ଅନେକ ଦିନରୁ ଏହି ପଦବୀରେ ରହିଆସିଛନ୍ତି ଓ ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଛନ୍ତି । ସେ ଚୀନ୍ କମ୍ୟୁନିଷ୍ଟ ପାର୍ଟିରେ ୨୪ ସଦସ୍ୟ ବିଶିଷ୍ଟ କାର୍ଯ୍ୟନିର୍ବାହୀ ସଂସ୍ଥା, ଶକ୍ତିଶାଳୀ ପଲିଟବ୍ୟୁରୋର ସଦସ୍ୟ ଭାବେ ମଧ୍ୟ ନିଯୁକ୍ତି ଅଛନ୍ତି । ବେଜିଂ ତାଙ୍କ ପୂର୍ବପୁରୁଷଙ୍କୁ ଆଉ ଏକ ବ୍ୟାପକ ଦୁର୍ନୀତି ସଫା କରିବାରେ ବହିଷ୍କାର କରିବା ପରେ ଅକ୍ଟୋବରରେ ଝାଙ୍ଗ ଶେଙ୍ଗମିନଙ୍କୁ ଏହି ପଦବୀରେ ପଦୋନ୍ନତି ଦିଆଯାଇଥିଲା । ଉଭୟ ଜେନେରାଲ ୨୦୧୨ ଠାରୁ CMC ଅଧକ୍ଷ ପଦରେ ଅଛନ୍ତି । ୬୧ ବର୍ଷୀୟ ଲିଉ ହେଉଛନ୍ତି CMCର ଯୁଗ୍ମ କର୍ମଚାରୀ ବିଭାଗର ମୁଖ୍ୟ, ଯାହା ଯୁଦ୍ଧ ଯୋଜନା ତଦାରଖ କରେ । ଝାଙ୍ଗ ୟୁକ୍ସିଆ ଏବଂ ଲିଉ ସିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସରକାରୀ ବୈଠକରେ ଏବଂ ଦ୍ୱିତୀୟ ସ୍ଥାନର ଉଚ୍ଚପଦ ଉପାଧ୍ୟକ୍ଷ ଝାଙ୍ଗ ଶେଙ୍ଗମିନଙ୍କ ଦ୍ୱାରା ଆୟୋଜିତ ଏକ ବୈଠକରେ ସେ ଅନୁପସ୍ଥିତ ରହିବା ପରେ ଅନେକ ଗୁଜବ ସାମ୍ନାକୁ ଆସିଥିଲା । ଏହାର ତଦନ୍ତ ପରେ ଏହି ଗୁଜବ କେତେ ମାତ୍ରାରେ ସଠିକ ଜଣାପଡିବ । ପରେ ଯାଏଁ ଦୁଇ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ଆଉ ଜି ଜିନପିଙ୍ଗଙ୍କ କଡ଼ା ଶାସନ ବ୍ୟବସ୍ଥାରୁ ଏମାନେ କେବେ ବି ବଞ୍ଚିପାରିବେ ନାହିଁ ବୋଲି କୁହାଯାଉଛି ।

# ୟୁନୁସ ସରକାରର ବୈଧତା ନେଇ ପ୍ରଶ୍ନ ଉଠାଇଲେ ହସିନା

**ନୂଆଦିଲ୍ଲୀ, ୨୫।୧ (ଏଜେନ୍ସି):** ବାଂଲାଦେଶରେ ବହୁଛି ରକ୍ତ । ବାଂଲାଦେଶର ଅନ୍ତରୀଣ ଶାସକ ମହମ୍ମଦ ୟୁନୁସ ଦେଶକୁ ସୁଶାସନ ଦେବାରେ ବିଫଳ । ଦେଶରେ ହିଂସାରାଜ ଚାଲିଛି ବୋଲି କହିଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାୟ ନୂଆଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ହସିନା । କ୍ଲବ ଅଫ ସାଉଥ ଏସିଆରେ ଉଦବୋଧନ ଦେଇ ହସିନା କହିଛନ୍ତି-ବାଂଲାଦେଶରେ ଗଣତନ୍ତ୍ର ନିର୍ବାସିତ ହୋଇଛି । ଏହା ସହ ସେ ନୋବେଲ ବିଜେତା ତଥା ଅନ୍ତରଣୀ ଶାସକ ୟୁନୁସଙ୍କ ନୀତିକୁ ତୀବ୍ର ସମାଲୋଚନା କରିଛନ୍ତି । ଗତ ୨୦୨୪ ଅଗଷ୍ଟରେ ଭାରତର ଆଶ୍ରୟ ନେଇଥିବା ହସିନା ନିଜ ସମର୍ଥକଙ୍କୁ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଏକାଠି ରହିବା ଲାଗି ଆହ୍ୱାନ ଦେଇଛନ୍ତି । ଏହା ସହ ୟୁନୁସ ସରକାରର ବୈଧତା ନେଇ ପ୍ରଶ୍ନ ଉଠାଇଛନ୍ତି । ଦେଶରେ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି ହୋଇଛି । ଫେବୃଆରୀ ୧୨ରେ ଦେଶରେ ସାଧାରଣ ନିର୍ବାଚନ ହେବାକୁ ଯାଉଥିବାବେଳେ ଏହାର ବୈଧତା ନେଇ ପ୍ରଶ୍ନ ଉଠାଇଛନ୍ତି ହସିନା ।

# ଆତଙ୍କବାଦକୁ ସମର୍ଥନ କରୁଥିବା ଦେଶଙ୍କୁ ଶାନ୍ତି ସେନାରେ ପ୍ରବେଶ ମନା

**ନୂଆଦିଲ୍ଲୀ, ୨୫।୧ (ଏଜେନ୍ସି):** ଇରାନକୁ ପୁନର୍ବାର ଉସୁକାଇଲେ କଡ଼ା ଜବାବ ଦିଆଯିବ ବୋଲି ଇସ୍ରାଏଲର ଅର୍ଥନୀତି ମନ୍ତ୍ରୀ ନୀର ବରକତ ଚେତାବନୀ ଦେଇଛନ୍ତି । ଡାଭୋସରେ ସାକ୍ଷାତକାରରେ ବରକତ କହିଛନ୍ତି, ଆମେ ଇରାନ ଉପରେ ବଡ଼ ଧରଣର ଆକ୍ରମଣ କରିଥିଲୁ । ଯଦି ଇରାନ ଆମ ସହ ଯୁଦ୍ଧ କରିବାକୁ ସାହସ କରେ ତେବେ ଆମେ ସାତ ଗୁଣା କଡ଼ା ଜବାବ ଦେବୁ । ଆନ୍ତର୍ଜାତୀୟ ଶାନ୍ତିରକ୍ଷା ପ୍ରସ୍ତାବ ନେଇ ଗାଜାରେ ଶାନ୍ତି ସେନା ସମ୍ପର୍କରେ ଲକ୍ଷ୍ମଣ ରେଖା ଟାଣି ସେ କହିଛନ୍ତି, ଆତଙ୍କବାଦକୁ ସମର୍ଥନ କରୁଥିବା ଯେକୌଣସି ଦେଶକୁ ସ୍ୱାଗତ କରାଯିବ ନାହିଁ । ଏହି ନିୟମ ପାକିସ୍ତାନ ପାଇଁ ମଧ୍ୟ ଲାଗୁ ହେବ । ଶାନ୍ତି ସେନାରେ ପାକିସ୍ତାନର ଅଂଶଗ୍ରହଣକୁ ସେ ଦୃଢ଼ ଭାବରେ ଖଣ୍ଡନ କରିଛନ୍ତି । ଆମେ କାତାର ଓ ତୁର୍କୀକୁ କେବେ ମଧ୍ୟ ଶାନ୍ତି ସେନାରେ ଗ୍ରହଣ କରିବୁ ନାହିଁ । ଏଭଳି ଦେଶ ଗାଜାରେ ଜିହାଦୀ ସଂଗଠନକୁ ସମର୍ଥନ କରୁଛନ୍ତି । ଆମେ ସେସବୁ ଦେଶଙ୍କୁ ଗାଜାରେ ପ୍ରବେଶ କରିବାକୁ ଦେବୁନାହିଁ । ଇରାନ ଦଶନ୍ଧି ଧରି ଅସ୍ତ୍ରଶସ୍ତ୍ର ଯୋଗାଣ ଜାରି ରଖି ମଧ୍ୟପ୍ରାଚ୍ୟକୁ ଅସ୍ଥିର କରୁଥିବା ସେ ଅଭିଯୋଗ କରିଛନ୍ତି । ଇରାନ ସେତାନଙ୍କର ମୁଖ୍ୟ ସାଜିଛି । ଇସ୍ରାଏଲକୁ ଧ୍ୱଂସ କରିବା ପାଇଁ ଇରାନ ଷଡ଼ଯନ୍ତ୍ର ରଚି ହଜାର ହଜାର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ତିଆରି କରିଥିଲା । ଗାଜାରେ ହମାସକୁ ପରଦା ପଛରେ ରହି ସମର୍ଥନ କରିବା ସହିତ ଲେବାନନରେ ହିଜବୋଲ୍ଲାକୁ ପାଣ୍ଠି ଓ ଅସ୍ତ୍ରଶସ୍ତ୍ର ଯୋଗାଇ ଶକ୍ତିଶାଳୀ କରିଥିଲା । ଏହା ଦ୍ୱାରା ଇସ୍ରାଏଲ ପାଇଁ ବିପଦ ସୃଷ୍ଟି ହୋଇଥିବା ସେ କହିଛନ୍ତି । ଇସ୍ରାଏଲ ସେନା କଡ଼ା ଜବାବ ଦେଇ ଇରାନକୁ ଦୁର୍ବଳ କରିଦେଇଥିଲେ । ଆମ ସେନା ଇରାନକୁ ଅଚଳ କରିଦେଇଥିଲା । ବଡ଼ ଧରଣର ଆକ୍ରମଣ କରାଯାଇଥିଲା । ଇରାନ ନିଜକୁ ଯେତେ ବଡ଼ ଓ ଶକ୍ତିଶାଳୀ ବୋଲି ଭାବୁଛି ପ୍ରକୃତରେ ତାହା ନୁହେଁ ବୋଲି ଆମେ ପ୍ରମାଣିତ କରିଥିଲୁ । ଏବେ ଇରାନକୁ ନିଜ କାର୍ଯ୍ୟ ଶୈଳୀରେ ପରିବର୍ତ୍ତନ ଆଣିବା ଜରୁରୀ । ଇସ୍ରାଏଲର ମୁଖ୍ୟ ଲକ୍ଷ୍ୟ ପ୍ରତିରକ୍ଷା ଉପରେ ଥିଲା । ଶାସନ ପରିବର୍ତ୍ତନ ଆମର ଯୋଜନା ନଥିଲା । ଆମର ସ୍ୱାର୍ଥ ହେଉଛି ଇସ୍ରାଏଲର ସୁରକ୍ଷା କରିବା । ତେବେ ଏବେ ଇରାନର ବର୍ତ୍ତମାନର ଶାସକଙ୍କୁ କ୍ଷମତାଚ୍ୟୁତ କରିବା ଜରୁରୀ ହୋଇପଡ଼ିଛି ।

# ରୋହିଙ୍ଗ୍ୟାଙ୍କୁ ବଙ୍ଗାଳୀ କୁହାଯିବା ନେଇ ଆଇସିଜେରେ ପ୍ରତିବାଦ କଲା ବାଂଲାଦେଶ

**ନୂଆଦିଲ୍ଲୀ, ୨୫।୧ (ଏଜେନ୍ସି):** ବାଂଲାଦେଶ ସରକାର ଅନ୍ତର୍ଜାତୀୟ ନ୍ୟାୟିକ ଅଦାଲତ (ଆଇସିଜେ)ରେ ମିଆଁମାରର ସାମ୍ପ୍ରତିକ ବୟାନ ଉପରେ କଡ଼ା ଆପତ୍ତି ଉଠାଇଛି । ରୋହିଙ୍ଗ୍ୟା ସମ୍ପ୍ରଦାୟକୁ ବେଆଇନ ବଙ୍ଗାଳୀ ପ୍ରବାସୀ ଭାବେ ଅଭିହିତ କରିବା ନେଇ ମିଆଁମାରର ପ୍ରୟାସକୁ ବାଂଲାଦେଶ ଐତିହାସିକ ତଥ୍ୟର ବିପରୀତ ବୋଲି କହିଛି । ଏହି ବିବାଦ ଆଇସିଜେରେ ରୋହିଙ୍ଗ୍ୟାଙ୍କ ପରିଚୟ ଅଧିକାରର ସୁରକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କୂଟନୈତିକ ମୋଡ଼ ବୋଲି କୁହାଯାଉଛି । ବାଂଲାଦେଶ କହିଛି, ମିଆଁମାରର ଏହି ଯୁକ୍ତି କେବଳ ନିଜ ଦେଶରେ ହେଉଥିବା ହିଂସାକୁ ଲୁଚାଇବା ପାଇଁ ଏକ ସୁଚିନ୍ତିତ ଯୋଜନା । ମିଆଁମାର ରୋହିଙ୍ଗା ସମ୍ପ୍ରଦାୟକୁ ବଙ୍ଗାଳୀ ବୋଲି କହି ଅନ୍ତର୍ଜାତୀୟ ନ୍ୟାୟାଳୟରେ ବେଆଇନ ପ୍ରବାସୀ ଭାବରେ ଚିତ୍ରଣ କରିବାକୁ ଚେଷ୍ଟା କରିଛି । ବାଂଲାଦେଶ ଏହି ଦାବିଗୁଡ଼ିକୁ ଖଣ୍ଡନ କରି ଏକ ସରକାରୀ ବିବୃତ୍ତି ଜାରି କରିଛି । ଏହାକୁ ଏକ ଐତିହାସିକ ମିଥ୍ୟା ବୋଲି କହିଛି । ବାଂଲାଦେଶ କହିଛି ମିଆଁମାର ୨୦୧୭ ରେ ହୋଇଥିବା ଜାତିଗତ ନରସଂହାର ଓ ଅତ୍ୟାଚାର ଉପରୁ ବିଶ୍ୱର ଧ୍ୟାନ ହଟାଇବା ପାଇଁ ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର କରୁଛି । ଐତିହାସିକ ପ୍ରମାଣରୁ ଜଣାପଡ଼େ ଯେ ରୋହିଙ୍ଗ୍ୟାମାନେ ମିଆଁମାରର ଆରାକାନ୍ ଅଞ୍ଚଳରେ ଶହ ଶହ ବର୍ଷ ଧରି ମୂଳତଃ ବାସ କରୁଥିବା ଏକ ସ୍ୱତନ୍ତ୍ର ଜାତିଗତ ଗୋଷ୍ଠୀ । ୧୭୮୫ ମସିହାରେ ବର୍ମା ସାମ୍ରାଜ୍ୟର ଉ ନ ପୂର୍ବରୁ ମଧ୍ୟ ସରକାରୀ ଦଲିଲରେ ସେମାନଙ୍କର ଉପସ୍ଥିତି ଓ ସାମାଜିକ ରୀତି ଲିପିବଦ୍ଧ ହୋଇଥିଲା । ରୋହିଙ୍ଗ୍ୟା ନାମଟି ପ୍ରକୃତରେ ଆରାକାନର ପୂର୍ବତନ ରାଜଧାନୀ ମରୋହାଙ୍ଗ ବା ରୋହାଙ୍ଗରୁ ଆସିଛି । ଯାହା ସେମାନଙ୍କର ପ୍ରାଚୀନ ଐତିହ୍ୟକୁ ଦର୍ଶାଇଥାଏ । ରୋହିଙ୍ଗ୍ୟା ସମ୍ପ୍ରଦାୟର ଭାଷାର ଚିଟାଗଙ୍ଗ ଉପଭାଷା ସହିତ କିଛି ସାମଞ୍ଜସ୍ୟ ରହିଛି । ତେବେ ସେମାନଙ୍କର ସଂସ୍କୃତି ଓ ପରମ୍ପରା ବଙ୍ଗାଳୀ ସମାଜଠାରୁ ସମ୍ପୂର୍ଣ୍ଣ ଭିନ୍ନ । ସ୍ୱାଧୀନତା ପୂର୍ବରୁ ସେମାନେ ମିଆଁମାରର ରାଜନୀତି ଓ ସରକାରଙ୍କ ଏକ ସକ୍ରିୟ ତଥା ଅବିଚ୍ଛେଦ୍ୟ ଅଂଶ ଥିଲେ । ମିଆଁମାର ଏବେ ସେମାନଙ୍କୁ ସେମାନଙ୍କର ଐତିହାସିକ ଐତିହ୍ୟରୁ ପୃଥକ କରିବା ପାଇଁ ବଙ୍ଗାଳୀ ଭାବେ ଅଭିହିତ କରିବାର ଉଦ୍ୟମ କରୁଛି । ୧୯୮୨ ମସିହାର ବିବାଦୀୟ ନାଗରିକତା ଆଇନ ପୂର୍ବରୁ, ରୋହିଙ୍ଗ୍ୟା ସମ୍ପ୍ରଦାୟ ଦେଶରେ ପୂର୍ଣ୍ଣ ନାଗରିକତା ଅଧିକାର ଓ ଭୋଟ ଦେବାର ସ୍ୱାଧୀନତା ଉପଭୋଗ କରୁଥିଲେ । ୨୦୧୫ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ସେମାନେ ଭୋଟ ଦେବାକୁ ଯୋଗ୍ୟ ଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ସେମାନଙ୍କୁ କ୍ରମାଗତ ଭାବରେ ରାଷ୍ଟ୍ରହୀନ କରିଦିଆଯାଇଥିଲା । ବାଂଲାଦେଶ ଅଭିଯୋଗ କରିଛି, ମିଆଁମାର ସେମାନଙ୍କୁ ଦେଶରୁ ତଡ଼ିବା ପାଇଁ ଜାତିଗତ-ଧାର୍ମିକ ଆଧାରରେ ବହୁ ଭେଦଭାବମୂଳକ ଆଇନ ପ୍ରଣୟନ କରିଛି ।

# ୪ ବର୍ଷୀୟ ଝିଅକୁ ହତ୍ୟା କଲା ବାପା

**ନୂଆଦିଲ୍ଲୀ, ୨୫।୧ (ଏଜେନ୍ସି):** ବାଳୁତ ପିଲାଙ୍କ ଉପରେ ପାଠପଢା ବୋଝ ବଢିବାରେ ଲାଗିଛି । ପ୍ରତିଦ୍ୱନ୍ଦ୍ୱିତାମୂଳକ ଦୁନିଆ ଏହି ବୋଝକୁ ସଙ୍କଟଜନକ କରୁଛି । ଫଳରେ ପିଲାଙ୍କ ଜୀବନରୁ ବାଲ୍ୟ ସମୟ କଟିବାରେ ଲାଗିଛି । ମାତାପିତା ନିଜନିଜ ପିଲାଙ୍କୁ ପାଠପା ଦେଡ଼ରେ ଆଗକୁ ଯିବାକୁ ବାଧ୍ୟ କରୁଛନ୍ତି । ଏହା ଯୋଗୁ ବହୁ ପିଲାଙ୍କ ଜୀବନ ଦୀପ ଅକାଳ ଲିଭି ଯାଉଛି । ଏଭଳି ଏକ ଲୋମଟାଙ୍କୁରା ଘଟଣା ହରିୟାଣାର ଫରିଦାବାଦରେ ଘଟିଛି । ଜଣେ ବାପା ହୋମୱାର୍କ ନକରିଥିବାରୁ ନିଷ୍ଠୁର ହୋଇ ଚାରି ବର୍ଷର ଝିଅକୁ ହତ୍ୟା କରିଛନ୍ତି । ପୁଲିସ ଅଭିଯୁକ୍ତ ବାପାଙ୍କୁ ଗିରଫ କରିଛି । ପୁଲିସ କହିଛି ଝିଅ ୫୦ ପର୍ଯ୍ୟନ୍ତ ସଂଖ୍ୟା ଲେଖି ନପାରିବାରୁ ପିତା ତାଙ୍କୁ ପିଟି ପିଟି ହତ୍ୟା କରିଛନ୍ତି । ସେକ୍ଟର ୫୮ ପୁଲିସ ଷ୍ଟେସନରେ ଅଭିଯୋଗ ପରେ ଅଭିଯୁକ୍ତ କୃଷ୍ଣ ଜୟସୱାଲ (୩୧)ଙ୍କୁ ଗିରଫ କରାଯାଇଛି । ତାଙ୍କୁ କୋର୍ଟରେ ହାଜର କରାଯାଇ ଗୋଟିଏ ଦିନର ପୁଲିସ ରିମାଣ୍ଡରେ ପଠାଯାଇଛି । ଉତ୍ତର ପ୍ରଦେଶର ସୋନଭଦ୍ର ଜିଲ୍ଲାର ଖେରେଆ ଗାଁର ବାସିନ୍ଦା ଜୟସୱାଲ ଫରିଦାବାଦରେ ତାଙ୍କ ପରିବାର ସହିତ ଏକ ଭଡା ଘରେ ରହୁଥିଲେ । ପୁଲିସ କହିଛି ଯେ, ଜୟସ୍ୱାଲ ଓ ତାଙ୍କ ସ୍ତ୍ରୀ ଉଭୟ ଘରୋଇ କମ୍ପାନିରେ କାମ କରୁଥିଲେ । ଯେତେବେଳେ ମାଆ ଦିନରେ କାମକୁ ଯାଉଥିଲେ, ଜୟସ୍ୱାଲ ପିଲାମାନଙ୍କର ଯତ୍ନ ନେବା ଓ ତାଙ୍କ ଝିଅର ପାଠପଢ଼ା ତଦାରଖ କରିବା ପାଇଁ ଘରେ ରହୁଥିଲେ । ଏହି ଘଟଣା ଜାନୁଆରି ୨୧ ତାରିଖରେ ଘଟିଥିଲା । ତଦନ୍ତକାରୀମାନେ କହିଛନ୍ତି ଯେ, ଜୟସ୍ୱାଲ ଝିଅଟିକୁ ଏକ ରୁ ୫୦ ପର୍ଯ୍ୟନ୍ତ ସଂଖ୍ୟା ଲେଖିବାକୁ କହିଥିଲେ । କିନ୍ତୁ ପିଲାଟି ଏହା କରିପାରିନଥିଲା । ଫଳରେ ପିତା କ୍ରୋଧରେ ପିଟିବା ଆରମ୍ଭ କରିଥିଲେ । ସନ୍ଧ୍ୟାରେ ମାଆ କାମରୁ ଫେରି ଝିଅକୁ ମୃତ ଅବସ୍ଥାରେ ପାଇଥିଲେ । ସେ ଏନେଇ ପୁଲିସକୁ ଖବର ଦେଇଥିଲେ । ପୁଲିସ ଦଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲେ । ଫରିଦାବାଦ ପୁଲିସର ଜଣେ ମୁଖପାତ୍ର କହିଛନ୍ତି, ଏକ ମାମଲା ରୁଜୁ କରାଯାଇଛି ଓ ଅଧିକ ତଦନ୍ତ ପାଇଁ ଅଭିଯୁକ୍ତଙ୍କୁ ପୁଲିସ ରିମାଣ୍ଡରେ ନିଆଯାଇଛି । ପୋଷ୍ଟମର୍ଟମ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି ।

# ଧାର୍ମିକ କାର୍ଯ୍ୟରେ ରାଜନୈତିକ ହସ୍ତକ୍ଷେପ ଉଚିତ ନୁହେଁ

**ନୂଆଦିଲ୍ଲୀ, ୨୫।୧ (ଏଜେନ୍ସି):** ପ୍ରୟାଗରାଜରେ ଶଙ୍କରାଚାର୍ଯ୍ୟ ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦଙ୍କ ସ୍ନାନକୁ ନେଇ ଚାଲିଥିବା ବିବାଦ ଉପରେ ବହୁଜନ ସମାଜ ପାର୍ଟି (ବିଏସ୍ପି)ର ସଭାପତି ମାୟାବତୀ ପ୍ରଥମ ଥର ପାଇଁ ଖୋଲାଖୋଲି ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି, ଗତ କିଛି ବର୍ଷ ମଧ୍ୟରେ ସମସ୍ତ ଧର୍ମରେ ପର୍ବ, ପ୍ରାର୍ଥନା ଓ ସ୍ନାନ ଭଳି ଧାର୍ମିକ କାର୍ଯ୍ୟକ୍ରମରେ ପ୍ରଶାସନିକ ହସ୍ତକ୍ଷେପ କ୍ରମାଗତ ଭାବରେ ବୃଦ୍ଧି ପାଇଛି । ପ୍ରଶାସନ ସହିତ ସଂଘର୍ଷ ପରେ, ଶଙ୍କରାଚାର୍ଯ୍ୟ ଅଭିମୁକ୍ତେଶ୍ୱରାନନ୍ଦ ଗତ ଛଅ ଦିନ ଧରି ଅନଶନରେ ବସିଛନ୍ତି । ମାୟାବତୀ କହିଛନ୍ତି, ଏପରି ଘଟଣା ସ୍ୱାଭାବିକ ଭାବରେ ଜନସାଧାରଣଙ୍କ ମଧ୍ୟରେ ଦୁଃଖ ଓ ଚିନ୍ତା ସୃଷ୍ଟି କରୁଛି । ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ପାଇଁ ଧର୍ମକୁ ରାଜନୀତି ସହିତ ଓ ରାଜନୀତିକୁ ଧର୍ମ ସହିତ ଯୋଡ଼ିବାରେ ବିପଦ ସର୍ବଦା ରହିଥାଏ । ପ୍ରୟାଗରାଜରେ ସ୍ନାନକୁ ନେଇ ଚାଲିଥିବା ବିବାଦ ଏହାର ସଦ୍ୟତମ ଉଦାହରଣ । ଏପରି ପରିସ୍ଥିତିକୁ ଯେକୌଣସି ମୂଲ୍ୟରେ ଏଡାଇ ଦିଆଯିବା ଉଚିତ । ବିଏସପି ମୁଖ୍ୟ କହିଛନ୍ତି, ରାଜନେତାମାନେ ସେମାନଙ୍କର ସାମ୍ବିଧାନିକ ଦାୟିତ୍ୱକୁ ସଚ୍ଚୋଟତାର ସହିତ ପାଳନ କରିବା ଉଚିତ । ଦେଶର ସମ୍ବିଧାନ ଓ ଆଇନ ଜନସ୍ୱାର୍ଥ ତଥା କଲ୍ୟାଣକୁ ପ୍ରକୃତ ଜାତୀୟ କର୍ତ୍ତବ୍ୟ ଭାବରେ ସ୍ୱୀକାର କରେ । ତେଣୁ, ରାଜନୀତିକୁ ଧର୍ମଠାରୁ ଓ ଧର୍ମକୁ ରାଜନୀତିଠାରୁ ଦୂରରେ ରଖିବା ଅତ୍ୟନ୍ତ ଜରୁରୀ । ଯଦି ଏହା ସଠିକ ଉଦ୍ଦେଶ୍ୟ ଓ ନୀତି ସହିତ କରାଯାଏ, ତେବେ କୌଣସି ପ୍ରକାରର ଭେଦଭାବ ବିନା ସମଗ୍ର ସମାଜର ସାମାଜିକ, ରାଜନୈତିକ ଓ ଆର୍ଥିକ ସ୍ୱାର୍ଥକୁ ସୁରକ୍ଷା ଦେବା ସମ୍ଭବ ହୋଇପାରିବ । ପ୍ରୟାଗରାଜରେ ସ୍ନାନକୁ ନେଇ ସୃଷ୍ଟି ହୋଇଥିବା ତିକ୍ତ ବିବାଦର ସମାଧାନ ପାରସ୍ପରିକ ସହମତିରେ ଯେତେ ଶୀଘ୍ର ହେବ, ସେତେ ଭଲ । ଜାନୁଆରି ୧୮ ତାରିଖରେ, ମୌନୀ ଅମାବାସ୍ୟା ଦିନ, ଶଙ୍କରାଚାର୍ଯ୍ୟ ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ ଓ ତାଙ୍କ ଅନୁଗାମୀମାନେ ତ୍ରିବେଣୀ ସଙ୍ଗମରେ ସ୍ନାନ କରିବାକୁ ଯାଉଥିବା ସମୟରେ ପୁଲିସ ତାଙ୍କୁ ରୋକି ଥିଲା । ପ୍ରଶାସନ କହିଥିଲା, ବିଶାଳ ଭିଡ଼ ମଧ୍ୟରେ ପାଲକିରେ ବସି ଆଗକୁ ଯିବା ପାଇଁ ସେମାନଙ୍କର ଜିଦ୍ ମେଳାରେ ବିଶୃଙ୍ଖଳା ସୃଷ୍ଟି କରିଥାନ୍ତା । ତେବେ ଶଙ୍କରାଚାର୍ଯ୍ୟ ଅଭିମୁକ୍ତେଶ୍ୱରାନନ୍ଦ ଅଭିଯୋଗ କରିଥିଲେ ଯେ, ପୁଲିସ ଓ ପ୍ରଶାସନ ତାଙ୍କ ସହିତ ଅସମ୍ମାନଜନକ ବ୍ୟବହାର କରିଥିଲେ । ତାଙ୍କ ସମର୍ଥକମାନଙ୍କୁ, ବିଶେଷକରି ସନ୍ନ୍ୟାସୀମାନଙ୍କୁ ଆକ୍ରମଣ କରାଯାଇଥିଲା ଓ ସ୍ନାନ କରିବାକୁ ବାରଣ କରାଯାଇଥିଲା ।

# ମୁଁ ଡେଇଁନି ଦଳର ଲକ୍ଷ୍ମଣ ରେଖା: ଥରୁର

**ନୂଆଦିଲ୍ଲୀ, ୨୫।୧ (ଏଜେନ୍ସି):** ମୁହଁ ଖୋଲିଲେ କଂଗ୍ରେସ ନେତା ଶଶି ଥରୁର । ଗତକାଲି କଂଗ୍ରେସର ଗୁରୁତ୍ୱପୂର୍ଣ୍ଣ ବୈଠକକୁ ଏଡ଼ାଇଦେଇ ପ୍ରଧାନମନ୍ତ୍ରୀ ମୋଦୀଙ୍କ କାର୍ଯ୍ୟକ୍ରମରେ ସାମିଲ ହେବା ଘଟଣାକୁ ନେଇ ଯେଉଁ ରାଜନୈତିକ ବୟାନବାଜି ଦେଖିବାକୁ ମିଳିଥିଲା । ତା ଉପରେ ପ୍ରତିକ୍ରିୟା ରଖିଛନ୍ତି କଂଗ୍ରେସ ସାଂସଦ ଶଶି ଥରୁର । ସେ ସମାଲୋଚକମାନଙ୍କୁ ସ୍ପଷ୍ଟ ଭାବରେ ଜବାବ ଦେଇ କହିଛନ୍ତି, ସେ କେବେ ବି କଂଗ୍ରେସର ଲକ୍ଷ୍ମଣ ରେଖାକୁ ଉଲ୍ଲଂଘନ କରିନାହାଁନ୍ତି । ଏହା କହିବା ସହ ସେ ଅପରେସନ ସିନ୍ଦୂର ବିଷୟରେ କିଛି ଏପରି ବୟାନ ଦେଇଛନ୍ତି ଯାହାକୁ ହଜମ କରିବା ଦଳୀୟ ନେତୃତ୍ୱ, ବିଶେଷକରି ରାହୁଲ ଗାନ୍ଧୀଙ୍କ ପାଇଁ କଷ୍ଟକର ହେବ । ଅପରେସନ ସିନ୍ଦୂର ଉପରେ ଶଶି ଥରୁରଙ୍କ ମତ ଦଳ ଭିତରେ ଦ୍ୱନ୍ଦ୍ୱକୁ ଆହୁରି ତୀବ୍ର କରିପାରେ । ଥରୁର କହିଛନ୍ତି, ସେ ସଂସଦରେ କେବେ ଦଳୀୟ ସୀମା ଉଲ୍ଲଂଘନ କରିନାହାଁନ୍ତି ଏବଂ ଜାତୀୟ ସୁରକ୍ଷା ପ୍ରସଙ୍ଗରେ ତାଙ୍କର ମତାମତ ସର୍ବଦା ଜାତୀୟ ସ୍ୱାର୍ଥକୁ ପ୍ରାଥମିକତା ଦେଇଛି । ଅପରେସନ ସିନ୍ଦୂରକୁ ନେଇ ଦଳ ଏବଂ ତାଙ୍କ ମଧ୍ୟରେ ମତଭେଦ ରହିଛି । ତଥାପି ସେ କେବେବି ତାଙ୍କ ବୟାନକୁ ବଦଳାଇନାହାନ୍ତି । ସେ ଏବେ ବି ଅପରେସନ ସିନ୍ଦୂର ଉପରେ ତାଙ୍କ ମତରେ ଅଟଳ ଅଛନ୍ତି । ଜାତୀୟ ସ୍ୱାର୍ଥ କ୍ଷେତ୍ରରେ ରାଜନୀତିକୁ ପଛରେ ପକାଇ ଦିଆଯିବା ଉଚିତ । ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଉକ୍ତିକୁ ମନେପକାଇ କହିଛନ୍ତି, ଯଦି ଭାରତର ଅସ୍ତିତ୍ୱ ରହିବ ନାହିଁ, ତେବେ କିଏ ବଞ୍ଚିବ ? ଯେତେବେଳେ ଦେଶର ସୁରକ୍ଷା କଥା ଆସେ, ସେତେବେଳେ ଭାରତ ପ୍ରଥମେ ଆସେ । ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ମତଭେଦ ଗଣତନ୍ତ୍ରର ଅଂଶ ଏବଂ ଏକ ଉତ୍ତମ ଭାରତ ଗଠନ ପ୍ରକ୍ରିୟାରେ ଯୋଗଦାନ କରେ । କିନ୍ତୁ ଯେତେବେଳେ ଜାତୀୟ ସ୍ୱାର୍ଥର କଥା ଆସେ, ଦେଶକୁ ଦଳଠାରୁ ଉପରେ ରଖାଯିବା ଉଚିତ । ଥରୁର ସ୍ପଷ୍ଟ କରିଥିଲେ ଯେ ସେ ସଂସଦରେ କେବେ ବି ଏପରି ବୟାନ ଦେଇନାହାଁନ୍ତି ଯାହା ଦଳର ଦୃଷ୍ଟିକୋଣରୁ ବିଚ୍ୟୁତ ହୁଏ ।



# ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ସମୀକ୍ଷା

**କଟକ, ୨୫।୧ (ନି.ପ୍ର):** କଟକ ଜିଲ୍ଲାସ୍ତରୀୟ ୭୭ ତମ ସାଧାରଣତନ୍ତ୍ର ଦିବସରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହାର ଅବ୍ୟବହିତ ପୂର୍ବରୁ ଆଜି ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ବାରବାଟୀ ପଡିଆ ଯାଇ ଜାତୀୟ ଦିବସ ପାଳନ ସମ୍ବନ୍ଧିତ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ତଦାରଖ କରିଛନ୍ତି । ମୁଖ୍ୟ ମଂଚ, ପରେଡ ଗ୍ରାଉଣ୍ଡ, ବିଶିଷ୍ଟ ଅତିଥିମାନଙ୍କ ବସିବା ସ୍ଥାନ ଓ ପ୍ରଜ୍ଞାପନ ମେଢ ପ୍ରବେଶ ପଥ ଆଦି ସମ୍ପର୍କରେ ଜିଲ୍ଲାପାଳ ତଦାରଖ କରିଥିଲେ । ପରେ ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମ ଯାଇ ସେଠାରେ ହେବାକୁ ଥିବା ରକ୍ତଦାନ ଶିବିର ଓ ପୁସ୍ତକ ପ୍ରଦର୍ଶନୀ ସ୍ଥାନ ମଧ୍ୟ ବୁଲି ଦେଖିଥଲେ । ପରେ ପରେ ଜିଲ୍ଲାପାଳ ନିକଟରେ ଥିବା କ୍ରୀଡା ଛାତ୍ରାବାସକୁ ଅଚାନକ ପରିଦର୍ଶନ କରି ସେଠାରେ ଦାୟିତ୍ୱ ନିର୍ବାହ କରୁଥିବା ଶ୍ରୀ ଗଙ୍ଗାଧର ବେହେରା, ୱାର୍ଡନ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ବିଶେଷ କରି ପିଲାମାନଙ୍କୁ ଯୋଗାଇ ଦିଆଯାଉଥିବା ଖାଦ୍ୟର ମାନ ସମ୍ପର୍କରେ ପଚାରି ବୁଝି ଥିଲେ । ପିଲାମାନଙ୍କୁ ଅଧିକ ଉନ୍ନତ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ଏଥିସହ ଛାତ୍ରାବାସରେ ବିଭିନ୍ନ କ୍ରୀଡା ସମ୍ବନ୍ଧୀୟ ପତ୍ରପତ୍ରିକା ଓ ବିଶିଷ୍ଟ କ୍ରୀଡାବିତମାନଙ୍କ ଜୀବନୀ ସମ୍ପର୍କିତ ପୁସ୍ତକ ରଖିବାକୁ ପରାମର୍ଶ ଦେଇଥିଲେ । ଛାତ୍ରଛାତ୍ରୀ ମାନଙ୍କ ଶୟନ କକ୍ଷ, ରୋଷେଇ ଗୃହ ସହ ସମ୍ପୂର୍ଣ୍ଣ ପରିସର ବୁଲି ଦେଖିଥିଲେ । ଜିଲ୍ଲାପାଳଙ୍କ ପରିଦର୍ଶନ ସମୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କମଳଜ୍ଞି ଦାସ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଶ୍ରୀ ଭବାନୀ ଶଙ୍କର ଭୂୟାଁ ଓ ଅନ୍ୟାନ୍ୟ ଅଧିକାରୀ ତଥା କର୍ମଚାରୀ ଉପସ୍ଥିତ ଥିଲେ ।



# ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ(ଦିଶା)କମିଟି ବୈଠକ ଅନୁଷ୍ଠିତ

**କୋରାପୁଟ, ୨୫।୧ (ନି.ପ୍ର):** କୋରାପୁଟ,ସ୍ଥାନୀୟ ସଦଭାବନା ସଭାଗୃହ ଠାରେ ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି (ଦିଶା) ବୈଠକ ଅନୁଷ୍ଠିତ ହୋଇଯାଇଛି । କୋରାପୁଟ ସାଂସଦ ସପ୍ତଗିରି ଉଲାକାଙ୍କ ଅଧ୍ୟକ୍ଷତାରେ ବୈଠକ ଆୟୋଜିତ ହୋଇଯାଇଛି ।

ଜାତୀୟ ରାଜପଥ ୨୬ ଓ ୩୨୬, ସାମାଜିକ ସୁରକ୍ଷା,ସାମାଜିକ ମଙ୍ଗଳ, ପାନୀୟ ଜଳ ଓ ପରିମଳ, ଗ୍ରାମ୍ୟ ଉନ୍ନୟନ, ଜଳସେଚନ, ସ୍ୱାସ୍ଥ୍ୟ, ଭାରତମାଳା ଏକ୍ସପ୍ରେସ ହାଇୱେ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ପ୍ରଧାନମନ୍ତ୍ରୀ ସହରୀ ଓ ଗ୍ରାମୀଣ ଆବାସ ଯୋଜନା ,ଏକଲବ୍ୟ ମଡେଲ ଆଦର୍ଶ ଆବାସିକ ବିଦ୍ୟାଳୟ କାର୍ଯ୍ୟକାରୀତା ସମ୍ପର୍କରେ ଆଲୋଚନା କରାଯାଇଥିଲା । ପ୍ରାରମ୍ଭରେ ସାମାଜିକ ସୁରକ୍ଷା ବିଭାଗ ତରଫରୁ ଅଧିକାରୀ ତରୁଣ ତପନ ପ୍ରହରାଜ ଜିଲ୍ଲାରେ କେତେ ଜଣ ଯୋଗ୍ୟ ହିତାଧିକାରୀ ଭତ୍ତା ପାଉଛନ୍ତି ତାହା ବିସ୍ତୃତ ଭାବେ ସୂଚନା ଦେଇଥିଲେ । ଭତ୍ତା ପାଇବାକୁ ଥିବା ଯୋଗ୍ୟ ହିତାଧିକାରୀ ମାନେ କିପରି ଅତି ଶୀଘ୍ର ଚୟନ ସେଥିପ୍ରତି ଦୃଷ୍ଟି ଦେବାକୁ ସାଂସଦ ଶ୍ରୀ ଉଲାକା ନିର୍ଦ୍ଦେଶ ଦେଇଛନ୍ତି । କୋରାପୁଟ ଜିଲ୍ଲାରେ ଥିବା ଅଙ୍ଗନୱାଡି ନିଜସ୍ ଗୃହରେ ବିଦ୍ୟୁତକରଣ ଏବଂ ପାନୀୟ ଜଳର ସୁବନ୍ଦୋବସ୍ତ କରିବାକୁ ବିଭାଗୀୟ ଅଧିକାରୀଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କୋରାପୁଟ ସହରର ଆରଟିଓ ଅଫିସ ଛକରୁ ଟ୍ରାଫିକ ଛକ ପର୍ଯ୍ୟନ୍ତ ଯାଇଥିବା ଜାତୀୟ ରାଜପଥକୁ ଓସାରିଆ କରିବାକୁ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଏବଂ କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଦାବି ଉପସ୍ଥାପନା କରିଥିଲେ । କୋରାପୁଟ ସହରବାସୀଙ୍କ ବହୁଦିନର ସ୍ୱପ୍ନ କୋରାପୁଟ ବାଇପାସ ରାସ୍ତା ନିର୍ମାଣରେ କାହିଁକି ବିଳମ୍ବ ହେଉଛି ବୋଲି ସଭ୍ୟ ମାନେ ପ୍ରଶ୍ନ କରିଥିଲେ । ସବିଶେଷ ପ୍ରକଳ୍ପ ରିପୋର୍ଟରେ ସାମାନ୍ୟ ପାଇଁ ପରିବର୍ତ୍ତନ ହେବ ଏବଂ ଏହା ହୋଇଗଲା ପରେ ସବିଶେଷ ପ୍ରକଳ୍ପ ରିପୋର୍ଟ ବିଭାଗକୁ ପଠାଯିବ । ଏହାପରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ସୁନାବେଡ଼ା ଜାତୀୟ ରାଜପଥ ନିର୍ବାହୀ ଯନ୍ତ୍ରୀ ସୌମର୍ଜିନି ସେଠୀ ପ୍ରକାଶ କରିଥିଲେ । ପ୍ରତ୍ୟେକ ବ୍ଲକରେ ସହକାରୀ ଶ୍ରମ ଅଧିକାରୀ ନିୟମିତ ଅବସ୍ଥାନ କରି ଶ୍ରମିକ ମାନଙ୍କୁ ପଞ୍ଜିକରଣ ସହ ସରକାରଙ୍କ ଯୋଜନା ସଂପର୍କରେ ସଚେତନ କରିବାକୁ ସାଂସଦ ଶ୍ରୀ ଉଲାକା ବିଭାଗୀୟ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡ଼ାମ, କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ଼ ବିଧାୟକ ରୁପୁ ଭତ୍ରା, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା,ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ତଥା ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବେଣୁଧର ଶବର ଯୋଗଦେଇ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ସଫଳତା ଆଣିଦେଲା ଡାକ୍ତର ସୁବାଷଙ୍କ ପ୍ରୟାସ

**କଟକ, ୨୫।୧ (ନି.ପ୍ର) :** ପେଶାରେ ସେ ଜଣେ ଲାପରୋସ୍କୋପି ସର୍ଜନ, ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ୨୦୦୧ମସିହାରୁ କାର୍ଯ୍ୟ କରିଆସୁଛନ୍ତି ଡାକ୍ତର ସୁବାଷ ଚନ୍ଦ୍ର ଦାସ । ତେବେ ଜଣେ ଡାକ୍ତର ଭାବରେ ନୁହଁ ବରଂ ଜଣେ ସରଳ ଓ ମିଷ୍ଟଭାଷୀ ବ୍ୟକ୍ତିତ୍ୱ ଭାବରେ ସ୍ଥାନୀୟ ଅଂଚଳରେ ସେ ବେଶ ଜଣାଶୁଣା ଅଟନ୍ତି ।



ଡାକ୍ତର ସୁବାଷଙ୍କ କିଛି ନିଆରା ପ୍ରୟାସ ପାଇଁ କଟକ ସହରରେ ସେ ଆଜି ଚର୍ଚ୍ଚାରେ ରହିଛନ୍ତି । ନିଜର ଡ୍ୟୁଟି ସରିବା ପରେ ବିଭିନ୍ନ ବିଦ୍ୟାଳୟ ବୁଲିବୁଲି ଛାତ୍ରଛାତ୍ରୀ ମାନଙ୍କୁ ମାଦକଦ୍ରବ୍ୟର ଭୟାବହତା ବିଷୟରେ ସଚେତନ କରାଇଥାନ୍ତି । ଅତୀତର ଘଟଣାବଳୀକୁ ମନେପକାଇ ଡାକ୍ତର ସୁବାଷ କୁହନ୍ତି, ଦିନେ ଗୋଟେ ପିଲା ମୋ ପାଖକୁ ଚିକିତ୍ସା ପାଇଁ ଆସିଥିଲା, ତାକୁ ପରୀକ୍ଷା କରି ଜାଣିବାକୁ ପାଇଲିଯେ, ସେ ପିଲା ନିଶାର କବଳରେ କବଳିତ ଅଛି । ସେହିଦିନ ଠାରୁ ମୋ ମନ ଭିତରେ ଏକ ଧ୍ୱନି ସୃଷ୍ଟି ହୋଇଥିଲା । କାରଣ ସ୍କୁଲ ସମୟରୁ ହିଁ ପିଲାମାନେ ବିଭିନ୍ନ ନିଶାରେ କବଳିତ ହୋଇଥାନ୍ତି । ଆମେ ଯଦି ଏଇ ସମୟରୁ ସେମାନଙ୍କ ଉପରେ ନଜର ରଖିବା ତେବେ ନିଶାମୁକ୍ତ ସମାଜ ଗଠନ ନିର୍ମାଣ ନିଶ୍ଚୟ ହୋଇପାରିବ ବୋଲି ଡାକ୍ତର ସୁବାଷ କହିଛନ୍ତି । ତେବେ ଏଇ ନିକଟରେ ଓଡ଼ିଶାରେ ତମ୍ବାଖୁ ଜାତୀୟ ଦ୍ରବ୍ୟ ବିକ୍ରି ଉପରେ ସରକାର କଟକଣା ଲଗାଇବା ପରେ ସେ ଖୁସିରେ ଆତ୍ମହରା ହୋଇପଡିଛନ୍ତି । ତାଙ୍କ ପରିଶ୍ରମର ମୂଲ୍ୟ ସତେ ଯେମିତି ତାଙ୍କୁ ମିଳିଯାଇଛି ବୋଲି କହିବା ସହ ଆଗାମୀ ଦିନରେ ତାଙ୍କର ଏହି ପ୍ରୟାସ ଜାରି ରଖିବେ ବୋଲି ଲାପରସ୍କୋପିକ ସର୍ଜନ ଡାକ୍ତର ସୁବାଷ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।

# ବସ୍ ସହ ହାଇୱା ଧକ୍କା : ୪ ଆହତ

**ଖୋର୍ଦ୍ଧା, ୨୫।୧ (ନି.ପ୍ର):** ଖୋର୍ଦ୍ଧା ବାଘମାରୀ କର୍ଣ୍ଣିଲୋ ୪୮ ନମ୍ବର ରାଜ୍ୟ ରାଜପଥରେ ସକାଳୁ ଘନ କୁହୁଡି ପାଇଁ ଏକ ଦୁର୍ଘଟଣା ଘଟିଛି । ଯେଉଁଥିରେ ବସର ଯାତ୍ରୀ ମାନେ ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି କିନ୍ତୁ ବସ କ୍ଷତିଗ୍ରସ୍ତ ହୋଇଛି । ବ୍ରହ୍ମଗିରି ଅଚଂଳରୁ ଏକ ଟୁରିଷ୍ଟ ବସ ଭାପୂର ସ୍ଥିତ ରାମ ମନ୍ଦିର ଦର୍ଶନ ପାଇଁ ଯାତ୍ରୀ ନେଇ ଯାଉଥିବା ବେଳେ ଗେଡିଆପଲ୍ଲୀ ଛକ ନିକଟରେ ସାମ୍ନା ପଟୁ ଆସୁଥିବା ଏକ ବାଲି ବୋଝେଇ ହାଇୱା ବସକୁ ଧକ୍କା ଦେଇଥିଲା । ଫଳରେ ବସର ଡ୍ରାଇଭର ସହ ୩ ଜଣ ଯାତ୍ରୀ ସାମାନ୍ୟ ଆହାତ ହେବା ସହ ବସଟି କ୍ଷତିଗ୍ରସ୍ତ ହୋଇଛି । ତେବେ ଘନ କୁହୁଡି ପାଇଁ ଏପରି ଅଘଟଣ ଘଟିଥିବା ଅନୁମାନ କରାଯାଉଛି । ଘଟଣା ସ୍ଥଳରେ ଧଳାପଥର ଫାଣ୍ଡି ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ତେବେ ଯାତ୍ରୀ ମାନେ ସମସ୍ତେ ସୁରକ୍ଷିତ ଥିବା ଜଣାପଡିଛି ।

# ମଦ୍ୟପ ଙ୍କ ଆକ୍ରମଣ ରେ ଦୁଇ ଜଣ ଗୁରୁତର

**ପାରାଦୀପ, ୨୫।୧ (ନି.ପ୍ର):** ପାରାଦ୍ୱୀପ ରେ ମାତିଛନ୍ତି ମଦ୍ୟପ ଆତଙ୍କି ଏ ଭଳି ଅଭାବନୀୟ ଘଟଣା ପାରାଦ୍ୱୀପ ଆଦର୍ଶ ଥାନା ର ମାତ୍ର ଶହେ ମିଟର ଦୂର ରେ ବଡ ପଡ଼ିଆ । ମାର୍କେଟ ରେ ଥିବା ରେବିକା ହୋଟେଲ ସାମ୍ନାରେ ରାତ୍ର ପ୍ରାୟ ୯ଟା ରୁ ୯.୩୦ ମଧ୍ୟରେ ଢ଼ିଙ୍କିଆ । ରୁ ପାରାଦ୍ୱୀପ ବୁଲିବାକୁ ଆସିଥିବା ରାକେଶ ସ୍ୱାଇଁ ଓ ଟୁଲୁ ସ୍ୱାଇଁ ଆଉ ଜଣେ ସାଙ୍ଗ ମିଶି ବଡପଡ଼ିଆ । ରେ ଥିବା କାନ୍ହା ହୋଟେଲ ରେ ରାତ୍ରୀ ଭୋଜନ ସାରି କାର ରେ ଘରକୁ ଫେରୁଥିବା ସମୟରେ ରେକା ହୋଟେଲ ପାଖରେ ଏକ ବୁଲେଟ ଗାଡ଼ିରେ ଦୁଇ ଜଣ ଯୁବକ ରାସ୍ତା ଅବରୋଧ କରି ଥିବାରୁ ସେମାନଙ୍କୁ ସାଇଡ ଦେବାକୁ କାର ଚାଳକ ରାକେଶ କହିଥିଲେ । କିଛି ବୁଝିବା ପୂର୍ବରୁ ବୁଲେଟ ରେ ଆସିଥିବା ମଦ୍ୟପ ଆତଙ୍କି ଦୁଇ ଜଣ ରାକେଶକୁ ଅତର୍କିତ ଆକ୍ରମଣ କରିବା ସହ ତଳେ ପକାଇ ମାରିବାକୁ ଲାଗିଥିଲେ ଏହାଦେଖି ଗାଡିରୁ ଟୁଲୁ ଆସି ପଚାରିବାରୁ ଟୁଲୁ ଙ୍କ ଆଖିକୁ ମାରି ସେଠାରୁ ମଦ୍ୟପ ଆତଙ୍କି ସେଠାରୁ ଦୃତ ଗତିରେ ପଳାଇଥିଲେ । ଏହି ଘଟଣା ରେ ଟୁଲୁ ଙ୍କ ଡାହାଣ ପଟ ଆଖି ରେ ଶକ୍ତ ଆଘାତ ଲାଗିଥିଲା ପରେ ସେମାନେ ଆଦର୍ଶ ଥାନା ରେ ଲିଖିତ ଅଭିଯୋଗ କରି ଚିକିତ୍ସା ପାଇଁ ବିଜୁ ମେମୋରିଆଲ ହସ୍ପିଟାଲ କୁ ଯାଇଥିଲେ କିନ୍ତୁ ଅବସ୍ଥା ଗୁରୁ ଥିବାରୁ ତାଙ୍କୁ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାତରିତ କରାଯାଇଛି ବୋଲି ଜଣା ପଡ଼ିଛି । ତେବେ ଥାନା ପାଖରେ ଏଇ ଭଳି ଘଟଣାକୁ ନେଇ ଆଇନ ଶୃଙ୍ଖଳା ପରିସ୍ଥିତି କଡା କଡ଼ି କରିବାକୁ ସାଧାରଣ ରେ ଦାବୀ ହେଉଛି ।

# ଯୋରକଣି ଓ ଜାଡମଲ ସେବା ସମବାୟ ସମିତିରେ ଖୋଲିଲା ଧାନମଣ୍ଡି

**ଡେଲାଙ୍ଗ,୨୫।୧ (ନି.ପ୍ର):** ଡେଲାଙ୍ଗ ବ୍ଲକ ଅର୍ନ୍ତଗତ ଯୋରକଣି ଓ ଜାଡମଲ ସେବା ସମବାୟ ସମିତିରେ ଶନିବାର ଧାନମଣ୍ଡି ଉଦଘାଟନ ହୋଇଛି । ଯୋରକଣି ପ୍ରାଥମିକ ସେବା ସମବାୟ ସମିତିରେ ପୁରୀ ଜିଲ୍ଲା କେନ୍ଦ୍ର ସମବାୟ ସମିତିର ସଭାପତି କିଶୋର ଛୋଟରାୟ, କେନ୍ଦ୍ର ସମବାୟ



ବ୍ୟାଙ୍କ ଜିଲ୍ଲା ନିର୍ଦ୍ଦେଶକ ଚିତ୍ରସେନ ନିସଙ୍କ , ଯୋରକଣି ସେବା ସମବାୟ ସମିତି ସଭାପତି କମଳାନୀ ରାୟ, ଘନିପୁର ପଞ୍ଚାୟତର ଭାରପ୍ରାପ୍ତ ସରପଞ୍ଚ କାମିନୀ ରାଉତରାୟ ,ସମିତିସଭ୍ୟା ରାଜଲକ୍ଷ୍ମୀ ବେହେରା, ପୁର୍ବତନ ସରପଂଚ ଦ୍ୱିଜବର ସାହୁ, ସମବାୟ ସମିତିର ଉପସଭାପତି ମହମ୍ମଦ କରୀମ,ମାନର୍ନିର୍ଦ୍ଧାରକ ଅଧିକାରୀ ଶୁଭାସିନି ରାଉତ ପ୍ରମୁଖ ଯୋଗଦେଇ ମଣ୍ଡି କୁ ଉଦଘାଟନ କରିଥିଲେ । ଏହି ସମବାୟ ସମିତି ଅଧିନରେ ୧୫୧ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ପ୍ରଥମ ଦିନରେ ୧୮ଜଣ ଚାଷୀଙ୍କ ଠାରୁ ୩ଶହ କୁଇଟାଂଲ ଧାନ କିଣାଯାଇଥିବା ସମବାୟ ସମିତିର ସମ୍ପାଦକ ସ୍ମୃତୀ ରଞ୍ଜନ ନାୟକ ସୁଚନା ଦେଇଛନ୍ତିୟ ସେହିପରୀ ବେରବୋଇ ପଞ୍ଚାୟତ ଅନ୍ତର୍ଗତ ମେଳଣ ପଡିବାର ଠାରେ ଜାଡମଲ ସେବା ସମବାୟ ସମିତିର ଧାନମଣ୍ଡି ଉଦଘାଟନ ହୋଇଯାଇଛି । ଏହାକୁ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଚିତ୍ରସେନ ନିସଙ୍କ ,ଜାଡମଲ ସେବା ସମବାୟ ସମିତିର ସଭାପତି ଦେବରାଜ ସ୍ୱାଇଁ, ଖେଲଓର ପଞ୍ଚାୟତ ସରପଞ୍ଚ ସ୍ନେହଲତା ସାହୁ,ପ୍ରାକ୍ତନ କୃଷି ଅଧିଦର୍ଶକ ସୁରେନ୍ଦ୍ର ସ୍ୱାଇଁ ନୋଡାଲ ଅଫିସର ଏଲିନା ମିଶ୍ର, କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନସ କୁମାର ଦାସ ,ବରୁଣ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ମଣ୍ଡିକୁ ଉଦଘାଟନ କରିଥିଲେ । ଏହି ସମବାୟ ସମିତି ଅଧିନରେ ୩୬୨ ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ପ୍ରଥମ ଦିନରେ ୫ଜଣ ଚାଷୀଙ୍କ ଠାରୁ ୨ଶହ କୁଇଟାଂଲ ଧାନ ବିକ୍ରି ହୋଇଥିଲା । ମିଲର ଭାବେ ଦୁଲଣା ରାଇସମିଲ ନିୟୋଜିତ ହୋଇଥିଲେ ।

# ବେଲେଶ୍ୱରୀ ସଙ୍ଗୀତ କଳା ନିକେତନରେ ସରସ୍ୱତୀ ପୂଜା

**କଟକ, ୨୫।୧ (ନି.ପ୍ର) :** କଟକ ଜିଲ୍ଲା ନିଶ୍ଚିନ୍ତ କୋଇଲି ଅଞ୍ଚଳ ର ସୁନାମଧନ୍ୟ ଅନୁଷ୍ଠାନ ବେଲେଶ୍ୱରୀ ସଙ୍ଗୀତ କଳା ନିକେତନ ଆନୁକୁଲ୍ୟରେ ପବିତ୍ର ସରସ୍ୱତୀ ପୂଜା ଶ୍ରୀପଞ୍ଚମୀ ଅବସରରେ ଏକ ସଙ୍ଗୀତ ଭିତ୍ତିକ



ଆଲୋଚନାଚକ୍ର ଓ ସଙ୍ଗୀତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନ ର ସମ୍ପାଦକ ତଥା ଅଧ୍ୟକ୍ଷ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ତବଲା ଗୁରୁ ଗୋପୀନାଥ ବେହେରା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମ ରେ ସହ ସଂପାଦକ ପରିବେଶବିତ ପ୍ରମୋଦ କୁମାର ଦାଶ, ପରିଚାଳନା କମିଟି ସଦସ୍ୟ ଦେବବ୍ରତ ପଣ୍ଡା ପ୍ରମୁଖ ଯୋଗ ଦେଇ ସଙ୍ଗୀତ କଳା ର ଜୀବନ ଅସ୍ମିତା ରେ ଥିବା ସକାରାତ୍ମକ ପ୍ରଭାବ ସମ୍ପର୍କରେ ମତ ଦେଇଥିଲେ । ଗୁରୁଶ୍ରୀ ଯଶୋବନ୍ତ ଜେନା ଙ୍କ ପରିଚାଳନା ରେ ଅନୁଷ୍ଠିତ ସଙ୍ଗୀତ ଗାୟନ ରେ ଜାଜ୍ଞସେନୀ ପାତ୍ର, ପ୍ରୀୟାଂଶି ଖୁଣ୍ଟିଆ, ଶୁଭଶ୍ରୀ ମଲ୍ଲିକ, ସ୍ନେହା ଶୁଭଦର୍ଶୀନୀ ଓଝା, କାଜଲ ଘଡ଼େଇ, ସବିତା ଶତପଥୀ, ବର୍ଷାରାଣୀ ସାହୁ, ବିପିନ ବିହାରୀ ସ୍ୱାଇଁ, ସୁଧୀର କର, ଦେବାଶିଷ ମହାନ୍ତି, ବିଜୟ କୁମାର ପଣ୍ଡା , ଶକ୍ତି ପ୍ରସାଦ ସାହୁ ତଥା ଯନ୍ତ୍ର ସଙ୍ଗୀତ ରେ ଦୁଷ୍ମନ୍ତ ଓଝା, କୃପାସିନ୍ଧୁ ବାରିକ, ଅଜୟ କୁମାର ଦାଶ, ମାନସ ମହାନ୍ତି, ଭାଗ୍ୟଧର ସାହୁ, ଦାମୋଦର ରାଉତ, ନାରାୟଣ ନାଥ, କୈଳାସ ଚନ୍ଦ୍ର ପ୍ରଧାନ,ସୁରେନ୍ଦ୍ର ଘଡ଼େଇ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ବିଭିନ୍ନ ସ୍ଥାନରେ ସରସ୍ୱତୀ ପୂଜା ପାଳିତ

**ଖଣ୍ଡପଡ଼ା, ୨୫।୧ (ନି.ପ୍ର):** ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାରେ ବିଦ୍ୟା ଓ ବୁଦ୍ଧିର ଦେବୀ ମା’ ସରସ୍ୱତୀଙ୍କ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି । ମାଘ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଏହି ଉପାସନା ପର୍ବକୁ ବସନ୍ତ ପଞ୍ଚମୀ ମଧ୍ୟ କୁହାଯାଇଥାଏ । ବ୍ଲକ ଅନ୍ତର୍ଗତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଆଡମ୍ବର ସହକାରେ ମା’ଙ୍କ ପୂଜା ପାଳିତ



ହୋଇଥିବାବେଳେ ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ମହିଳା ମହାବିଦ୍ୟାଳୟ ସମେତ ସମସ୍ତ ଅନୁଷ୍ଠାନରେ ବିଦ୍ୟାଦାତ୍ରୀଙ୍କ ପୂଜା ଅନୁଷ୍ଠିତ ହେଉଥିବା ଦେଖିବାକୁ ମିଳିଥିଲାୟ ଖଣ୍ଡପଡ଼ା ସହରାଞ୍ଚଳରେଆଣ୍ଡ୍ରଏଡ କ୍ଳବ ପକ୍ଷରୁ ସରସ୍ତୀ ପୂଜା ପାଳିତ ହୋଇଯାଇଛି ।

# ବରିଷ୍ଠ ନାଗରିକଙ୍କ ତୀର୍ଥ ଯାତ୍ରାର ଶୁଭାରମ୍ଭ

**କୋରାପୁଟ, ୨୫।୧ (ନି.ପ୍ର):** ବରିଷ୍ଠ ନାଗରିକଙ୍କ ତୀର୍ଥ ଯାତ୍ରା ପାଇଁ କୋରାପୁଟ ଠାରୁ ରାୟଗଡ଼ା ଯିବାକୁ ଥିବା ବସର ଶୁଭାରମ୍ଭ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାଏକଙ୍କ ଦ୍ୱାରା ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ଠାରୁ ପତାକା ଦେଖାଇ ବସ ଯାତ୍ରା ଆରମ୍ଭ କରିଥିଲେ । ଏହା ସହ ଅତିରିକ୍ତ ଜିଲ୍ଲାପାଳ ସମସ୍ତ ତୀର୍ଥ ଯାତ୍ରୀଙ୍କ ସୁରକ୍ଷିତ ଯାତ୍ରା କାମନା କରିବା ସହ ସେମାନଙ୍କୁ ତୀର୍ଥ ଯାତ୍ରାପାଇଁ ଉତ୍ସାହିତ କରିଥିଲେ ।



ଏହି ଯାତ୍ରାରେ ଜିଲ୍ଲାର ବିଭିନ୍ନ ବ୍ଲକ ଓ ପୌରପାଳିକାରୁ ୧୬୮ ଜଣ ବରିଷ୍ଠ ନାଗରିକ ତୀର୍ଥ ଦର୍ଶନ ନିମନ୍ତେ ଗସ୍ତ କରୁଛନ୍ତି । ଯାତ୍ରା ଆରମ୍ଭ ପୂର୍ବରୁ ପ୍ରଥମେ ସମସ୍ତ ଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ଏବଂ ସେମାନଙ୍କୁ କିଛି କିଛି ଜରୁରୀ ଔଷଧ ପ୍ରଦାନ କରାଯାଇଥିଲା । ଶନିବାର ପୂର୍ବାହ୍ନରେ ସମସ୍ତେ ରାୟଗଡାରୁ ଅଯୋଧ୍ୟା ଏବଂ ଏହା ପରେ ବାରାଣାସୀ ଅଭିମୁଖେ ଯାତ୍ରା କରିବେ । ଏହି ଯାତ୍ରା ୬ ଦିନ ପର୍ଯ୍ୟନ୍ତ ରହିବ ଏବଂ ଆସନ୍ତା ୨୨ ତାରିଖରେ ସମସ୍ତ ଯାତ୍ରୀ କୋରାପୁଟକୁ ପ୍ରତ୍ୟାବର୍ତ୍ତନ କରିବେ । ଏହି କାର୍ଯ୍ୟକ୍ରମକୁ ଟାଲିନା ପ୍ରଧାନୀ, ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ପରିଚାଳନା କରିଥିଲେ ।

# ବିଡିଏ କଲୋନୀରେ ସରସ୍ୱତୀ ପୂଜା

**ଭୁବନେଶ୍ୱର, ୨୫।୧ (ନି.ପ୍ର) :** ଚନ୍ଦ୍ରଶେଖରପୁର ବିଡିଏ କଲୋନୀ ପରିସରରେ ବସନ୍ତ ପଞ୍ଚମୀ ଅବସରରେ ବିଦ୍ୟାୟିନୀ ମାଆ ବାଗ୍‌ଦେବୀଙ୍କର ପୂଜୋତ୍ସବ ମହା ଆଡ଼ମ୍ବରରେ ପାଳିତ ହୋଇଛି । ଏହି ଶୁଭ ଦିନରେ ବିଦ୍ୟାଳୟ କମିଟିର ସମ୍ପାଦକ ହିମାଂଶୁ ଭୂଷଣ



ଦାଶ ମାଆଙ୍କ ନିକଟରେ ବ୍ରତ ଧାରଣ ପୂର୍ବକ ବିଦ୍ୟାଳୟର ଉନ୍ନତି ତଥା ଅଧନରତ ସମସ୍ତ ଶିଶୁ ଭାଇ ଭଉଣୀ ମାନଙ୍କ ଜୀବନରେ ଉତରୋତ୍ତର ଉନ୍ନତି କାମନା କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବୈଦ୍ୟନାଥ ନାୟକ ଓ ସହଯୋଗୀ ଆଚାର୍ଯ୍ୟ ନାରାୟଣ ଚନ୍ଦ୍ର ଦାସ ବିଦ୍ୟାଳୟର ଉନ୍ନତି ଓ ଶିଶୁଙ୍କର ଉନ୍ନତ ଜୀବନ ପାଇଁ ମାଆଙ୍କ ନିକଟରେ ପ୍ରାର୍ଥନା ପୂର୍ବକ ପୁଷ୍ପାଞ୍ଜଳୀ ଅର୍ପଣ କରିଥିଲେ । ସମସ୍ତ ଅଭିଭାବକ ଓ ଶୁଭେଚ୍ଛୁବୃନ୍ଦଙ୍କ ଉପସ୍ଥିତିରେ ବିଦ୍ୟାଳୟ ପ୍ରାଙ୍ଗଣରେ ସୃଷ୍ଟି ହୋଇଥିଲା ଏକ ଭାବ ଓ ଭକ୍ତିର ପରିବେଶ । ସମସ୍ତ ଗୁରୁଜୀ ଗୁରୁମାଙ୍କ ଉଦ୍ୟମରେ ବିଦ୍ୟାଳୟର ଶିଶୁ ଭାଇ ଭଉଣୀ ଓ ଉପସ୍ଥିତ ସମସ୍ତ ଜବତା ପ୍ରସାଦ ସେବନ କରିଥିଲେ । ସନ୍ଧ୍ୟା ସମୟରେ ଆଳତୀ ଓ ସନ୍ଧ୍ୟା ଭଜନରେ ବିଦ୍ୟାଳୟ ପରିସର ଆଲୋକ ମାଳାରେ ହସି ଉଠିଥିଲା ।

# ଚନ୍ଦ୍ରମଣୀ ତ୍ରିପାଠୀଙ୍କ ଦ୍ୱାଦଶ କ୍ରିୟାରେ ସମାଜସେବୀ ଶ୍ରୀମନ୍ତ ତ୍ରିପାଠୀଙ୍କ ଯୋଗଦାନ

**କେନ୍ଦୁଝର, ୨୫।୧ (ନି.ପ୍ର):** ଭାରତୀୟ ଜନତା ପାର୍ଟି ଓଡିଶା ପ୍ରଦେଶର ସାଧାରଣ ସମ୍ପାଦକ ତଥା କେନ୍ଦୁଝର ଜିଲ୍ଲା ସଂଗଠନ ପ୍ରଭାରୀ ଶ୍ରୀ ବିରଞ୍ଚି ନାରାୟଣ ତ୍ରିପାଠୀଙ୍କ ମାତା ସ୍ୱର୍ଗତା/ଚନ୍ଦ୍ରମଣୀ ତ୍ରିପାଠୀଙ୍କ ଦ୍ୱାଦଶ କ୍ରିୟା ବ୍ରହ୍ମଗିରି ସ୍ଥିତ ବାସଭବନରେ ଏକ ଶକାକୁଳ ପରିସ୍ଥିତି ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ପରିବାର ପକ୍ଷରୁ ଭାଇ ଶଶୀଭୂଷଣ ତ୍ରିପାଠୀ,ମନୋରଞ୍ଜନ ତ୍ରିପାଠୀ, ମାନସରୋଞ୍ଜନ ତ୍ରିପାଠୀ ଓ ପରିବାର ବର୍ଗଙ୍କ ଦ୍ୱାରା ସମସ୍ତ ରୀତିନୀତି ଆଧାରରେ ତାଙ୍କ ଦ୍ୱାଦଶ କ୍ରିୟା ସମ୍ପନ୍ନ ହୋଇଯାଇଛି ।

ଏହି ଦ୍ୱାଦଶ କ୍ରିୟାରେ ଚମ୍ପୁଆ । ନିର୍ବାଚନ ମଣ୍ଡଳୀର ଧର୍ମପରାୟଣ ବ୍ୟକ୍ତିତ୍ୱ,ଲୋକପ୍ରିୟ ବିଜେପି ଜନନେତା, ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଂଯୋଜକ ତଥା କେନ୍ଦୁଝର ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବିଶିଷ୍ଟ ସମାଜସେବୀ ଶ୍ରୀମନ୍ତ କୁମାର ତ୍ରିପାଠୀ ସାମିଲ ହୋଇ ତାଙ୍କ ପରିବାର ପ୍ରତି ସମବେଦନା ପ୍ରକାଶ କରିବା ସହିତ ଅମର ଆତ୍ମାର ଶାନ୍ତି ଏବଂ ସଦଗତି ନିମନ୍ତେ ପ୍ରାର୍ଥନା କରିଥିବା ଦେଖିବାକୁ ମିଳିଛି ।



# ଓଷ୍ଟା ବ୍ଲକ୍ ସମ୍ପାଦକଙ୍କ ଦୁଇ ଦିନିଆ କର୍ମଶାଳା ଓ ଆଲୋଚନା ଚକ୍ର ଉଦ୍‌ଘାଟିତ




**କଟକ, ୨୫/୦୧ (ନି.ପ୍ର):** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ଦୁଇଦିନିଆ ବ୍ଲକ୍ ସଂପାଦକ କର୍ମଶାଳା ଓଷ୍ଟା ପରିସରରେ କୈଳାସ ଚନ୍ଦ୍ର ମହାପାତ୍ର ସଭାଗୃହରେ ଆୟୋଜିତ ହୋଇଯାଇଛି ବୋଲି ସଂଗଠନର ସାଧାରଣ ସଂପାଦକ ରନ କୁମାର ଦାଶ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି । ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ତା’ର ରାଜ୍ୟ କାର୍ଯ୍ୟାଳୟ ନୟାସଡ଼କ, କଟକଠାରେ ବ୍ଲକ୍ ସଂପାଦକ କର୍ମଶାଳା ଅବସରରେ ଆଲୋଚନା ଚକ୍ରର ଆୟୋଜନ କରିଅଛି । ଓଷ୍ଟାର ବୟୋଜ୍ୟେଷ୍ଠ ନେତୃତ୍ୱ ତଥା ପ୍ରାକ୍ତନ ସାଧାରଣ ସଂପାଦକ ଶ୍ରୀଯୁକ୍ତ ବିବେକାନନ୍ଦ ଦାଶ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ । ସେ ତାଙ୍କର ସଂଗ୍ରାମୀ ଅଭିଭାଷଣରେ ମହାତ୍ମା ଗାନ୍ଧିଙ୍କ ପ୍ରିୟ ଭଜନ ‘ବୈଷ୍ଣବ ଜନ ତୋ ତେନେରେ କହିଏ.....’ ର ଅବତାରଣା କରି ଅନ୍ୟର ଦୁଃଖରେ ସହାୟତା ପ୍ରଦାନ କରିବା କଥା କହିଥିଲେ । ମାଧ୍ୟମିକ ଶିକ୍ଷାପରିଷଦ ଓଡ଼ିଶା(ବୋର୍ଡ଼)ର ସଭାପତି ଶ୍ରୀଯୁକ୍ତ ଶ୍ରୀକାନ୍ତ ତରାଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଓଷ୍ଟାର କର୍ମକର୍ତ୍ତା, ନେତୃତ୍ୱ ସର୍ବୋପରି ସମସ୍ତ ଶିକ୍ଷକମାନଙ୍କର ତାଙ୍କପ୍ରତି ଥିବା ସ୍ନେହ, ଶ୍ରଦ୍ଧା ଓ ଭଲପାଇବା କଥା କହିବା ସହ ଶିକ୍ଷା କ୍ଷେତ୍ରରେ ଓଷ୍ଟାର ଅବଦାନ ପ୍ରଶଂସନୀୟ ବୋଲି ବର୍ଣ୍ଣନା କରିଥିଲେ । ମୁଖ୍ୟବକ୍ତା ଭାବେ ବୋର୍ଡ଼ର ପରୀକ୍ଷା ନିୟନ୍ତ୍ରକ ଶ୍ରୀଯୁକ୍ତ ଧରଣୀଧର ପାତ୍ର ଯୋଗଦେଇ ଓଷ୍ଟା ପ୍ରତି ଥିବା ତାଙ୍କ ଭଲପାଇବା ବ୍ୟକ୍ତ କରିବା ସହ ଛାତ୍ରାବସ୍ଥାରେ ଓଷ୍ଟାର ଶିଶୁମେଳାରେ ଅଂଶଗ୍ରହଣ କରି ପ୍ରଥମ ସ୍ଥାନ ଅଧିକାର କରିଥିବା କଥା କହିଥିଲେ । ସେ ତାଙ୍କ ବକ୍ତବ୍ୟ ମାଧ୍ୟମରେ କହିଥିଲେ ‘ଆମେମାନେ ଗଣିତ ଓ ଜୀବବିଜ୍ଞାନ ପଢ଼ିଛୁ ସତ ହେଲେ ଜୀବନ ବିଜ୍ଞାନ ଓ ଜୀବନ ଗଣିତ ପଢ଼ିପାରି ନାହୁଁ ।’ ପ୍ରତ୍ୟେକ ସାଧାରଣ ମଣିଷ ଭିତରେ ଅସାଧାରଣ ପ୍ରତିଭା ରହିଛି ବୋଲି ସେ ଅଭିହିତ କରିଥିଲେ । ଶେଷରେ ସେ ଦିବ୍ୟପ୍ରେମ, ଦିବ୍ୟାଲୋକ ଓ ମୁକ୍ତିର କଥା କହି ଓଷ୍ଟାର ଜୈତ୍ର ପତାକା ଚିରଦିନ ପାଇଁ ଫରଫର ହୋଇ ଉଡ଼ିବାର ଆଶା ପୋଷଣ କରିଥିଲେ । ସଂଗଠନର ସାଧାରଣ ସଂପାଦକ ରନ କୁମାର ଦାଶ କର୍ମଶାଳାର ଉଦ୍ଦେଶ୍ୟ ଜ୍ଞାପନ କରି ବ୍ଲକ ସମ୍ପାଦକଙ୍କ ଉଦ୍ଦେଶ୍ୟରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ ଓ ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ସମସ୍ତ ଅଂଶଗ୍ରହଣକାରୀ ଶିକ୍ଷକ ନେତୃତ୍ୱଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ । ଓଷ୍ଟାର ସଭାପତି ଶ୍ରୀଯୁକ୍ତ ଅକ୍ଷୟ କୁମାର ମିଶ୍ର ଆଜିର ସଭାରେ ସଭାପତିତ୍ୱ କରିଥିଲେ । ସେ ତାଙ୍କର ଅଭିଭାଷଣରେ ବ୍ଲକ ସମ୍ପାଦକ ମାନେ ସଂଗଠନର ବିଶ୍ୱକର୍ମା ବୋଲି କହିବା ସହ ଓଷ୍ଟା ଓଡ଼ିଶାର ସର୍ବବୃହତ୍ ଓ ସର୍ବପୁରାତନ ଗଣସଂଗଠନ ବୋଲି ଅଭିହିତ କରିଥିଲେ । କର୍ମଶାଳାର ଦ୍ୱିତୀୟାର୍ଦ୍ଧରେ ସାଧାରଣ ସମ୍ପାଦକ ରନ କୁମାର ଦାଶ ‘ଆମେ ଓ ଆମ ସଂଗଠନ’ ସମ୍ପର୍କରେ ଆଲୋଚନା ଉପସ୍ଥାପନ କରିଥିଲେ ।

# ସମୀର ଟିଭିଏସ ପକ୍ଷରୁ ନେତାଜୀ ଜୟନ୍ତୀ ପାଳିତ



**କେନ୍ଦ୍ରାପଡ଼ା,୨୫।୧ (ନି.ପ୍ର) :** କେନ୍ଦ୍ରାପଡା ସହରର କେଶପୁର ବଜାରସ୍ଥିତ ସମୀର ଟିଭିଏସ ରେ ନେତାଜୀ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ନେତାଜୀଙ୍କ ଆଦର୍ଶ ଓ ତାଙ୍କର ବଳିଦାନ ଉପରେ ସମୀର ଟିଭିଏସର ନିର୍ଦ୍ଦେଶକ ସମୀର କୁମାର ଚାନ୍ଦ ସାରଗର୍ଭକ ଅଭିଭାଷଣ ପ୍ରଦାନ କରି ଉପସ୍ଥିତ ପିଲାମାନଙ୍କୁ ବୁଝାଇଥିଲେ । ଏଥିସହିତ ଗାଡି ଚଳାଇବା ବେଳେ ହେଲମେଟ ପିନ୍ଧିବାକୁ ପରାମର୍ଶ ଦେଇଥିଲେ । ସମସ୍ତ ପିଲାମାନଙ୍କୁ ନିଶା ଦ୍ରବ୍ୟ ପରିତ୍ୟାଗ କରିବାକୁ ଶପଥପାଠ କରାଇଥିଲେ । ଅନୁଷ୍ଠାନ ପକ୍ଷରୁ ହୋଇଥିବା ରକ୍ତଦାନ ଶିବିରରେ ଶ୍ରୀ ଚାନ୍ଦ ସ୍ୱେଚ୍ଛାକୃତ ରକ୍ତଦାନ କରିବା ସହିତ ରକ୍ତଦାନ କରିଥିବା ଅନ୍ୟ ପିଲାମାନଙ୍କୁ କୃତଜ୍ଞତା ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀକାନ୍ତ ବେହେରା, କ୍ଷିତିଶ କୁମାର କର, ସୁବାଷ ସ୍ୱାଇଁ, ସୁଶାନ୍ତ କୁମାର ମହାନ୍ତିଙ୍କ ସହିତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ପେସା ଆଇନ ଏବଂ ଜନଜାତି ବିକାଶ ଉପରେ ପ୍ରଶିକ୍ଷଣ ଶିବିର

**କୋରାପୁଟ,୨୫।୧ (ନି.ପ୍ର):** କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ସ୍ଥାନୀୟ ସଦଭାବନା ସଭାଗୃହଠାରେ ପେସା (Panchayats Extension to Scheduled Areas Act, 1996) ଆଇନ ଏବଂ ଜନଜାତିଙ୍କ ସାମଗ୍ରିକ ବିକାଶ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ (SIRD PR) ର ଉପ-ନିର୍ଦ୍ଦେଶକ, କୋରାପୁଟ ଜିଲ୍ଲାପାଳ, ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ (CDO-cum-EO) ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିସହ ସମ୍ପୃକ୍ତ ବିଭାଗର ଜିଲ୍ଲା ସ୍ତରୀୟ ପଦାଧିକାରୀମାନେ ମଧ୍ୟ ଉପସ୍ଥିତ ରହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

ସହଭାଗିତା: ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୨୪୦ ଜଣ ଗ୍ରାମସଭା ମୋବିଲାଇଜର (GSM) ଏବଂ ୧୪ ଜଣ ବ୍ଲକ୍ ପେସା ସଂଯୋଜକ ଏହି ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିଲେ ।

ଆଲୋଚନାର ବିଷୟବସ୍ତୁ: ଅନୁସୂଚିତ ଅଞ୍ଚଳରେ ଗ୍ରାମସଭାର କ୍ଷମତା, ଜଙ୍ଗଲ ଜମି ଅଧିକାର, ପ୍ରାକୃତିକ ସମ୍ପଦର ସୁପରିଚାଳନା ଏବଂ ପେସା ଆଇନ ଜରିଆରେ ଜନଜାତି ମାନଙ୍କ ସାମାଜିକ ଓ ଅର୍ଥନୈତିକ ସଶକ୍ତିକରଣ ଉପରେ ବିସ୍ତୃତ ଆଲୋଚନା କରା ଯାଇଥିଲା । ଫାସିଲିଟେସନ୍: ଜିଲ୍ଲା ପରିଷଦର ପେସା ନୋଡାଲ ଅଫିସର ତଥା ପ୍ରୋଜେକ୍ଟ ମ୍ୟାନେଜର (SD) ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

କୋରାପୁଟ ଜିଲ୍ଲାପାଳ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ପେସା ଆଇନର ସଫଳ ରୂପାୟନ ଦ୍ୱାରା ତୃଣମୂଳ ସ୍ତରରେ ଜନଜାତି ସମ୍ପ୍ରଦାୟ ନିଜର ଶାସନ ଓ ବିକାଶ ପାଇଁ ନିଷ୍ପତ୍ତି ନେବାକୁ ସକ୍ଷମ ହେବେ । SIRD ର ଉପ-ନିର୍ଦ୍ଦେଶକ ଗ୍ରାମସଭା ମୋବିଲାଇଜର ମାନଙ୍କୁ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ ଅବଗତ କରାଇଥିଲେ ।



ଏହି ପ୍ରଶିକ୍ଷଣ ଶିବିର ଜିଲ୍ଲାରେ ପେସା ନିୟମାବଳୀକୁ ଆହୁରି ସକ୍ରିୟ କରିବା ସହ ସାଧାରଣ ଲୋକଙ୍କ ନିକଟରେ ସରକାରୀ ଯୋଜନା ପହଞ୍ଚାଇବାରେ ସହାୟକ ହେବ ବୋଲି ଆଶା କରାଯାଉଛି ।
















# ଜିଲ୍ଲାସ୍ତରୀୟ ଜାତୀୟ ମତଦାତା ଦିବସ ପାଳିତ

ଯାଜପୁର, ୨୫।୧ (ନି.ପ୍ର): ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ୧୬ତମ ଜାତୀୟ ମତଦାତା ଦିବସ ପାଳିତ ହୋଇଛି। ଏହି ଅବସରରେ ରବିବାର ସକାଳେ ଏକ ମତଦାତା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଏହି ରାଲୀକୁ ଉଦଘାଟନ କରିଥିଲେ। ଏଥିରେ ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ ଏବଂ ବିଭାଗୀୟ ଅଧିକାରୀମାନେ ସାମିଲ ହୋଇଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଶୋଭାଯାତ୍ରା ବାହାରି ସଂସ୍କୃତି ଭବନ ପରିସରରେ ଶେଷ ହୋଇଥିଲା। ଏହାପରେ ଚଳିତ ବର୍ଷର ଥିମ୍ 'ମୋ ଭାରତ, ମୋ ଭୋଟ'କୁ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ନିର୍ବାଚନ ଅଧିକାରୀ ଶ୍ରୀ ଯୁଧିଷ୍ଠିର ନାଏକ, ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଶ୍ରୀ ତାପସ ରଞ୍ଜନ ଦେହୁରୀ, ଅତିରିକ୍ତ ଉପଜିଲ୍ଲାପାଳ ପଲ୍ଲବୀ ରାଣୀ ରାଜ ଏବଂ ଅତିରିକ୍ତ ଉନ୍ନୟନ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାଏକ ନିଜ ବକ୍ତବ୍ୟରେ କହିଥିଲେ ଯେ ଭାରତ ହେଉଛି ଗଣତନ୍ତ୍ରର ଜନନୀ । ବୈଦିକ ଯୁଗରୁ ଏବେ ଯାଏଁ ନିର୍ବାଚିତ ପ୍ରତିନିଧିଙ୍କ ଦ୍ୱାରା ଶାସନ ପରମ୍ପରା ଜାରି ରହିଛି। ଜାତି, ଧର୍ମ, ଲିଙ୍ଗ ବର୍ଣ୍ଣ ନିର୍ବିଶେଷରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତଙ୍କୁ ମତଦାନ ଅଧିକାର ଦିଆଯାଇଛି। ଯଦି ଭୋଟ ନଦେବା, ତାହେଲେ ଶାସନ କଳକୁ ପ୍ରଶ୍ନ କରିବାର ନୈତିକ ଅଧିକାର ଆମର ରହିବ ନାହିଁ ବୋଲି ସେ କହିଥିଲେ। ଉପଜିଲ୍ଲାପାଳ କହିଥିଲେ ଯେ ନିର୍ବାଚନ ହେଉଛି ଗଣତନ୍ତ୍ରକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଭାରତୀୟ ନିର୍ବାଚନ କମିଶନ ଏକ ସାମ୍ବିଧାନିକ ସଂସ୍ଥା। ସ୍ୱଚ୍ଛ ନିରପେକ୍ଷ ଏବଂ ତ୍ରୁଟିବିହୀନ ଭୋଟର ତାଲିକା ତିଆରି ହେବା ପାଇଁ ଏକ ପ୍ରକ୍ରିୟା ରହିଛି। ଏକ ନିର୍ଭୁଲ ମତଦାତା ତାଲିକା ତିଆରି କରିବା ଦିଗରେ ବିଶେଷ ପ୍ରୟାସ କରାଯାଉଅଛି ବୋଲି ଉପଜିଲ୍ଲାପାଳ କହିଥିଲେ। ଏହା ପରେ ଅତିରିକ୍ତ ଜିଲ୍ଲାପାଳ ଏକ ସାମୂହିକ ମତଦାତା ଶପଥ ପାଠ କରାଇଥିଲେ। କିଛି ଛାତ୍ରଛାତ୍ରୀ ମତଦାନକୁ ନେଇ ସେମାନଙ୍କ ବକ୍ତବ୍ୟ ଦେଇଥିଲେ। ଏହାସହ ନିର୍ବାଚନ ଓ ମତଦାନ ସମ୍ବନ୍ଧୀୟ ଏକ ଦୃଶ୍ୟଶ୍ରାବ୍ୟ ଚିତ୍ର ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଜିଲ୍ଲା ନିର୍ବାଚନ ବିଭାଗର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ଅତିରିକ୍ତ ଉନ୍ନୟନ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଅନୁଗୋଳ ଜିଲ୍ଲା ଗ୍ରାମାଞ୍ଚଳ ଫୁଟବଲ ଉଦଘାଟିତ

ଅନୁଗୋଳ : ସ୍ଥାନୀୟ ପିଟିସି ପଡ଼ିଆରେ ଆଜି ଅନୁଗୋଳ ଫୁଟବଲରସ୍ ଆସୋସିଏସନ୍ ପକ୍ଷରୁ ଜିଲ୍ଲା ଗ୍ରାମାଞ୍ଚଳ ଫୁଟବଲ ଲିଗ୍ ୨୦୨୬ ଉଦ୍ଘାଟିତ



ହୋଇଯାଇଛି। ପୂର୍ବତନ ନଗରପାଳ ତଥା ତାମଡା ଅଧ୍ୟକ୍ଷ ଶକ୍ତି ପ୍ରସାଦ ପଟ୍ଟନାୟକ ମୁଖ୍ୟ ଅତିଥି ରୂପେ ପ୍ରତିଯୋଗିତାକୁ ଉଦ୍ଘାଟନ କରିଥିଲେ। ଉଦ୍ଘାଟନୀ ଦିବସରେ ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍ ଡେରା ଓ ଇନ୍ଦିରା କ୍ଲବ୍ ମଧ୍ୟରେ ୧-୧ ରେ ଅମିମାଂସିତ ରହିଥିଲା। ଦ୍ୱିତୀୟ ମ୍ୟାଚ୍ ଡେରେଙ୍ଗ ଓ ପପଣ୍ଡ,ପାଲଲହଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପପଣ୍ଡ ୨-୦ ରେ ବିଜୟ ଲାଭ କରିଥିଲା। ଏଠାରେ ସୂଚନା ଯୋଗ୍ୟ ଯେ ପ୍ରତିଯୋଗିତାରେ ୩୨ ଟି ଟିମ୍ ଭାଗ ନେଉଥିବା ବେଳେ ୮ ଟି ଗ୍ରୁପ କରାଯାଇଛି।ଏହି ପ୍ରତିଯୋଗିତାରେ ଅନୁଗୋଳ ଜିଲ୍ଲା ଦଳ ଗଠନ କରାଯାଇ ରାଜ୍ୟ ସ୍ତରକୁ ପଠାଯିବ। ସଂଘ ପକ୍ଷରୁ ସଭାପତି ପବନା ସାହୁ ସମ୍ପାଦକ ନିଲୁ ସାହୁ, କୋଷାଧ୍ୟକ୍ଷ ବିନୋଦ ସାହୁ ଙ୍କ ସମେତ ବସନ୍ତ ଦାସ, ରମେଶ ଚନ୍ଦ୍ର ସାହୁ, ରୁଚିର ଦାସ, ଯୁଧିଷ୍ଠିର ସେଠ, ନୀଳମଣି ରାଉତ, ହୃଦାନନ୍ଦ ପଣ୍ଡା ,ପଦ୍ମନାଭ ପ୍ରଧାନ, ଧ୍ରୁବ ପ୍ରଧାନ,ସଂଗ୍ରାମ ବେହେରା,ଜଗନ୍ନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ।ଶ୍ରୀମୁଖ ଗଡ଼ନାୟକ ଖେଳ ପରିଚାଳନା କରିଥିଲେ।ବାସୁଦେବ ସାହୁ ପ୍ରଫୁଲ୍ଲ ଘଡ଼େଇ ଲାଇନ୍ ରେ ସହାୟତା କରିଥିଲେ।

# ଘଣ୍ଟପଡ଼ା ରେଳ ଓଭର ବ୍ରିଜ'ର ଲୋକାର୍ପଣ କଲେ କେନ୍ଦ୍ରମନ୍ତ୍ରୀ

ଅନୁଗୋଳ, ୨୫।୧ (ନି.ପ୍ର.): ତାଳଚେର ଅଞ୍ଚଳର ଯୋଗାଯୋଗ ଏବଂ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଆଜି ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଛି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଭାସୀ ମାଧ୍ୟମରେ ତାଳଚେର-ଅନୁଗୋଳ ରୋଡ୍‌ରେ ନିର୍ମିତ ବହୁପ୍ରତୀକ୍ଷିତ ଘଣ୍ଟପଡ଼ା ରେଳ ଓଭର ବ୍ରିଜର ଲୋକାର୍ପଣ କରିଛନ୍ତି । ପ୍ରାୟ ୪୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଅତ୍ୟାଧୁନିକ ଫ୍ଲାଏଓଭର ଅଞ୍ଚଳବାସୀଙ୍କ ଦୀର୍ଘଦିନର ଟ୍ରାଫିକ୍ ସମସ୍ୟାର ସମାଧାନ କରିବା ସହ ବିକାଶର ଗତିକୁ ତ୍ୱରାନ୍ୱିତ କରିବ ।



ଶ୍ରୀ ପ୍ରଧାନ କହିଛନ୍ତି ଯେ ତାଳଚେର-ଅନୁଗୋଳ ରୋଡ୍ ହେଉଛି ସ୍ଥାନୀୟ ଅଞ୍ଚଳର ଅର୍ଥନୈତିକ ମେରୁଦଣ୍ଡ । ଏହି ରୋଡ୍ କୋଇଲା ଖଣି, ଶିଳ୍ପାଞ୍ଚଳ, ଶିକ୍ଷାନୁଷ୍ଠାନ ଏବଂ ମେଡିକାଲକୁ ସଂଯୋଗ କରିଛି । ପୂର୍ବରୁ ହାଣ୍ଡିଧୁଆ ନିକଟରେ ରେଳ ଫାଟକ ଯୋଗୁଁ ଲୋକଙ୍କୁ ୪୫ ମିନିଟ୍ ?ରୁ ଅଧିକ ସମୟ ଅପେକ୍ଷା କରିବାକୁ ପଡୁଥିଲା। ମାଲ୍ ?ବାହୀ ଟ୍ରେନ୍ ?ର ଅଧିକ ଯାତାୟାତ ଯୋଗୁଁ ଏହି ଫାଟକ ପ୍ରାୟତଃ ବନ୍ଦ ରହୁଥିଲା, ଫଳରେ ଅଧିକ ସମୟ ଧରି ଟ୍ରାଫିକ୍ ଜାମ୍ ସୃଷ୍ଟି ହେଉଥିଲା । ପ୍ରାୟ ୪୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଅତ୍ୟାଧୁନିକ ଫ୍ଲାଏଓଭର ମାଧ୍ୟମରେ ଅଞ୍ଚଳବାସୀଙ୍କ ଦୀର୍ଘଦିନର ସମସ୍ୟା ଓ ପ୍ରତୀକ୍ଷାର ଅନ୍ତ ଘଟିଛି । ଏବେ ଏହି ଓଭର ବ୍ରିଜ୍ ଫଳରେ ଯାତ୍ରା ସହଜ ଓ ସୁରକ୍ଷିତ ହୋଇଛି । ତାଳଚେର ସବ୍-ଡିଭିଜନର ୮ଟି ଗ୍ରାମ ପଞ୍ଚାୟତ ଏବଂ ମ୍ୟୁନିସିପାଲିଟି ଅଞ୍ଚଳର ପ୍ରାୟ ୪୦ ହଜାରରୁ ଅଧିକ ଜନସାଧାରଣ ଏହାଦ୍ୱାରା ଉପକୃତ ହେବେ । ଘଣ୍ଟପଡ଼ା, ହାଣ୍ଡିଧୂଆ, ତାଳଚେର ଟାଉନ୍, ନାଲ୍ ?କୋ, କୁଲାଡ୍, ଡେରା, ବଳରାମପ୍ରସାଦ ଓ ଜଗନ୍ନାଥପୁର ଭଳି ଅଞ୍ଚଳର ବାସିନ୍ଦା, ବିଶେଷ କରି ଶ୍ରମିକ, ଛାତ୍ରଛାତ୍ରୀ ଓ ରୋଗୀମାନେ ନିରନ୍ତର ଯାତାୟାତର ସୁବିଧା ପାଇବେ। ଏହି ଓଭର ବ୍ରିଜ୍ କେବଳ ଦୂରତା କମାଇବ ନାହିଁ, ବରଂ ଅଞ୍ଚଳର ଆର୍ଥିକ ବିକାଶକୁ ନୂତନ ଗତି ପ୍ରଦାନ କରିବ।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ, 'ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଓଡ଼ିଶାରେ ବିକାଶର 'ଡବଲ ଇଞ୍ଜିନ' ସରକାର କାର୍ଯ୍ୟ କରୁଛି । ତାଳଚେର ଓ ଅନୁଗୋଳ ହେଉଛି ଓଡ଼ିଶାର 'ଅଭିବୃଦ୍ଧି ଇଞ୍ଜିନ'। ଏହି ଅଞ୍ଚଳର ବିକାଶ ହେଲେ ହିଁ ଓଡ଼ିଶା ଓ ଦେଶର ବିକାଶ ସମ୍ଭବ ହେବ ।

# ସମାଜରୁ ନିରକ୍ଷରତା ଦୂରିକରଣ ପାଇଁ କିଟ୍ ପକ୍ଷରୁ ମିନି ମାରାଥନ୍

ଜଗତସିଂହପୁର, ୨୫/୧ (ନି.ପ୍ର.): ସମାଜରୁ ନିରକ୍ଷରତା ଦୂରିକରଣ ପାଇଁ କିଟ୍, କିସ୍ ପକ୍ଷରୁ ଆଜି ପ୍ରତ୍ୟୁଷରୁ ଜଗତସିଂହପୁର କଲେଜ ଛକରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡିଆ ପର୍ଯ୍ୟନ୍ତ ଏକ ମିନି ମାରାଥନ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଏସଭିଏମ କଲେଜ ଓ ଏସକେ ଏକାଡେମୀର ୪ଶହରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ। ଏହାକୁ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ ଭୋଇ ଓ ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂ ସବୁଜ ପତାକା ହଲାଇ ଉଦଘାଟନ କରିଥିଲେ। ଏଥି ଉପଲକ୍ଷେ ଆୟୋଜିତ ଏକ ସଭାରେ ଆର୍ଟ ଅଫ ଗିଭିଂର ଜିଲ୍ଲା ସଂଯୋଜକ ବରିଷ୍ଠ ସାମ୍ବାଦିକ ବିଜୟ କୁମାର ସ୍ୱାଇଁ ପୌରୋହିତ୍ୱ କରି ନିରକ୍ଷରତାରେ ଦରିଦ୍ରତା ଓ ସ୍ୱାକ୍ଷରତାରେ ସ୍ୱଚ୍ଛତା ବୋଲି ଡକ୍ଟର ଅଚ୍ୟୁତ ସାମନ୍ତଙ୍କ ଆହ୍ୱାନ ବୋଲି କହିଥିଲେ। ଏଥି ସହିତ ସମ୍ପୂର୍ଣ୍ଣ ସ୍ୱାକ୍ଷରତା ଦ୍ୱାରା ଦେଶରୁ ଦାରିଦ୍ୟ ଦୂରୀଭୂତ ହେବା ସହ ଭାରତ ବିଶ୍ୱରେ ଶ୍ରେଷ୍ଠ ରାଷ୍ଟ୍ରରେ ପରିଣତ ହୋଇ ପାରିବ ବୋଲି ଶ୍ରୀ ସ୍ୱାଇଁ କହିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ମନୋଜ ଭୋଇ ଶିକ୍ଷା ହିଁ ଜୀବନ ବିକାଶର ମୂଳ ପିଣ୍ଡ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଶ୍ରୀମତୀ ସିଂ ଦାରିଦ୍ର୍ୟ ହେତୁ କୈଣସି ପିଲା ଯେପରି ଶିକ୍ଷାରୁ ବଞ୍ଚିତ ନହୁଏ, ଏହା ହେଉଛି ଡଃ ସାମନ୍ତଙ୍କ ଲକ୍ଷ୍ୟ ବୋଲି କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ସମିତି ସମ୍ପାଦକ ବରିଷ୍ଠ ଆଇନଜୀବୀ ଦୋଳଗୋବିନ୍ଦ ଦାଶ, କ୍ରୀଡା ସମିତିର ଉପସଭାପତି ଶ୍ରୀକାନ୍ତ ଚୈାଧୁରୀ, ପୂର୍ବତନ ପୌରାଧ୍ୟକ୍ଷ ମଧୁସୂଦନ ସାହୁ ଯୋଗଦେଇ ଶିକ୍ଷା ହେଉଛି ଛାତ୍ର ଛାତ୍ରୀ ମାନଙ୍କର ଅମୂଲ୍ୟ ସମ୍ପଦ ବୋଲି କହିଥିଲେ। ଏଥିରେ କଳିଙ୍ଗ ଟିଭି ଜିଲ୍ଲା ସାମ୍ବାଦିକ ଶୁଭଙ୍କର ଜେନା ସ୍ୱାଗତ ଭାଷଣ ଦେଇଥିଲେ। କ୍ରୀଡା ଶିକ୍ଷକ ଅରୁଣ କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂଜୀବ କୁମାର ମହାନ୍ତି, ଅଞ୍ଜନ ମିତ୍ର, ଗୋବିନ୍ଦ ଚନ୍ଦ୍ର ସାହୁ, ବାସୁଦେବ ବେହେରା, ଅଶୋକ କୁମାର ଦାସ (ଯୁବୁ) ପରିଚାଳନା କରିଥିଲେ।

# ବଲାଙ୍ଗୀର ସ୍ୱେଚ୍ଛାସେବୀ ସଂଗଠନର ସାଂଗଠନିକ ବୈଠକ

ବଲାଙ୍ଗୀର, ୨୫।୧ : ବଲାଙ୍ଗୀର ଜିଲ୍ଲାର ଆଠବର୍ଷ ପୁରୁଣା ଓ ସେବା ପାଇଁ ଜଣା ସୁନା ସଂଗଠନ ବଲାଙ୍ଗୀର ସ୍ୱ ?ଚ୍ଚା ସେବୀ ସଂଗଠନର ସାଂଗଠାନିକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ସ୍ଥାନୀୟ ପ୍ରତାପ ସାଗର ପଡ଼ା ସାଇ ମନ୍ଦିର ନିକଟରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ସଂଗଠନର ସବୁ କର୍ମ କର୍ତ୍ତା ଉପସ୍ଥିତ ଥିଲେ। ତେବେ ସଂଗଠନର ସଫଳ କାର୍ଯ୍ୟ ଓ ଅନବରତ ସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ନୂଆ କର୍ମ କର୍ତ୍ତା ଚୟନ ସର୍ବ ସମ୍ମତି କ୍ରମେ ଚୟନ କରା ଯାଇଛି। ଏଥିରେ ଜିଲ୍ଲା ସଭାପତି ଭାବରେ ଉତ୍ତମ ନନ୍ଦ, ଉପସଭାପତି ଦେବରାଜ ନାଗ, ସମ୍ପାଦକ ଲିଙ୍କନ ସେଠ, ସହ ସମ୍ପାଦକ ସହଦେବ ନାଗ, କୋଷାଧ୍ୟକ୍ଷ ପ୍ରଶାନ୍ତ ମିଶ୍ର ଙ୍କୁ ଚୟନ କରା ଯାଇଛି। ସେହିପରି ଆଇନ ଉପଦେଷ୍ଟା ଭାବରେ ଏଡଭୋକେଟ ଶାନ୍ତନୁ ଭୋଇ, ଉପଦେଷ୍ଟା ମଣ୍ଡଳୀରେ ସନ୍ତୋଷ କୁମାର ପଟ୍ଟନାୟକ, ଗୋବିନ୍ଦ ଶତପଥୀ, ଅମିତ୍ ମହାନ୍ତି, ଟୁଲୁ ସାହୁ, ଧନଞ୍ଜୟ ପାଣିଗ୍ରାହୀ, ସୁରେନ୍ଦ୍ର ସେଠ, ଡାକ୍ତର ବେଣୁଧର ପାଣ୍ଡେ, କିଶୋର ରଥ, ସନ୍ଦୀପ ବାଗ, ସାମ୍ବାଦିକ ଶେଖ୍ ମହମ୍ମଦ ଓ୍ୱାହିଦ, ରଣ ରାଜ ସିଂହ ଦେଓ, ଶ୍ୟାମ ସୁନ୍ଦର ଗହିର, ବୁଲୁ ବେହେରା ପ୍ରମୁଖ ଙ୍କୁ ଚୟନ କରା ଯାଇଛି। ସେହିପରି ସାମାଜିକ ଗଣ ମାଧ୍ୟମ ପରିଚାଳକ ଭାବରେ ତିନି ଜଣ ସଦସ୍ୟ ପ୍ରଶାନ୍ତ ମିଶ୍ର, ଗୋବିନ୍ଦ ଶତପଥୀ ଓ ସରୋଜ ଜାଲ ଙ୍କୁ ଦାୟିତ୍ୱ ଜ୍ଞାପନ କରା ଯାଇଛି। ତେବେ ନୂତନ କର୍ମ କର୍ତାଙ୍କୁ ଉପସ୍ଥିତ ସବୁ ସଦସ୍ୟ ମାନେ ଶୁଭେଚ୍ଛା ଜଣାଇବା ସହ ସଂଗଠନର ମୂଳ ଉଦ୍ଦେଶ୍ୟ ଲୋକ ତଥା ଜୀବଜଗତର ସେବା କିଭଳି ଅନବରତ ଜାରି ରହିବ ତା ପାଇଁ ବିଭିନ୍ନ ପଦକ୍ଷେପ ନେବାକୁ ପ୍ରସ୍ତାବ ସବୁ ଗୃହୀତ ହୋଇ ଯାଇଛି ।

# ସ୍ଥାନୀୟ ନିଯୁକ୍ତି ଉପରେ ଗୁରୁତ୍ୱ ଦେଉଛି ଜେଏସ୍‌ଡବ୍ଲ୍ୟୁ

ପାରାଦୀପ, ୨୫।୧ (ନି.ପ୍ର.): ପାରାଦୀପରେ ପ୍ରକଳ୍ପ ସ୍ଥାପନ ପୂର୍ବରୁ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ର ବିକାଶ ମୂଳକ ପଦକ୍ଷେପ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। ଏବେ ସ୍ଥାନୀୟ ଯୁବକ ଯୁବତୀ ବିଶେଷ କରି ଢିଙ୍କିଆ, ନୂଆଗାଁ ଓ ଗଡ କୁଜଙ୍ଗ ଅଞ୍ଚଳରେ ବୈଷୟିକ ବିଭାଗ ର ଡିଗ୍ରୀ, ଡିପ୍ଲୋମା ଏବଂ ଆଇଟିଆଇ ମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ଏ ନେଇ ୩ ଶହ ଯୁବକ ଯୁବତୀଙ୍କ ଠାରୁ ଆବେଦନ ପତ୍ର ଗ୍ରହଣ କରାଯାଇଛି। ସେହି ଆବେଦନ ପତ୍ର କୁ ସ୍କ୍ରୁଟିନ କରାଯାଇ ନିଯୁକ୍ତି ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଉଛି। ସେମାନଙ୍କ ମଧ୍ୟରେ ଲିଖିତ ପରୀକ୍ଷା କରାଯାଇଛି। ସ୍ଥାନୀୟ ନିଯୁକ୍ତି ଉପରେ ଗୁରୁତ୍ୱାରୋପ କରି ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପକ୍ଷରୁ ଚଳିତ ମାସ ୨୩ ରେ ପ୍ରଥମ ପର୍ଯ୍ୟାୟରେ ସାକ୍ଷାତକାର ପରୀକ୍ଷା ଆରମ୍ଭ ହୋଇଛି ଏବଂ ଏହା ପର୍ଯ୍ୟାୟ କ୍ରମେ ଚାଲିବ। ଆଗକୁ ଅଣ ବୈଷୟିକ ଶିକ୍ଷାଗତ ଯୋଗ୍ୟତା ଥିବା ଯୁବକ ଯୁବତୀଙ୍କ ପାଇଁ ପର୍ଯ୍ୟାୟ କ୍ରମେ ନିଯୁକ୍ତି ଯୋଗାଇ ଦିଆଯିବ। ଏ ନେଇ ଚୂଡ଼ାନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି କମ୍ପାନୀ ସୂତ୍ରରୁ ପ୍ରକାଶ। ପ୍ରକାଶ ଥାଉକି ଏନେଇ ଏକ ନିଯୁକ୍ତି ଶିବିର ଗତ ଡିସେମ୍ବର ୮ ତାରିଖ ରୁ ଆରମ୍ଭ ହୋଇ ଡିସେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଚଳିତ ମାସ ୬ ତାରିଖରେ ଆବେଦନ କରିଥିବା ବୈଷୟିକ ବିଭାଗ ର ଡିଗ୍ରୀ, ଡିପ୍ଲୋମା ଏବଂ ଆଇଟିଆଇ ହାସଲ କରିଥିବା ଯୁବକ ଯୁବତୀ ମାନେ ଲିଖିତ ପରୀକ୍ଷା ଦେଇଥିଲେ। ସେହିପରି ସ୍ଥାନୀୟ ଅଞ୍ଚଳ ର ପାରିପାର୍ଶ୍ୱିକ ଉନ୍ନତି ଓ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ପାଇଁ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପକ୍ଷରୁ ୧୨୦୦ ରୁ ଅଧିକ ଚାଷୀଙ୍କୁ ବିହନ ଏବଂ ସାର ସହିତ ସହାୟତା ପ୍ରଦାନ କରାଯାଇଛି । ନୂତନ ଆତ୍ମବିଶ୍ୱାସ ସହିତ ଧାନ ଚାଷ ଜାରି ରଖିବା ପାଇଁ ସେମାନଙ୍କୁ ନିୟୋଜିତ କରାଯାଇଛି । ୨୪୦୦ ରୁ ଉର୍ଦ୍ଧ ବ୍ୟକ୍ତି ବିଭିନ୍ନ ଆୟ-ଉତ୍ପାଦନକାରୀ କାର୍ଯ୍ୟକଳାପ ଗ୍ରହଣ କରିଛନ୍ତି, ଯେଉଁଥିରେ



ସ୍ୱୟଂ ସହାୟିକା ଗୋଷ୍ଠୀ ର ୧୬୧ ଜଣ ମହିଳା ଧାନ, ନଡ଼ା ଛତୁ ଚାଷ ଆରମ୍ଭ କରିଛନ୍ତି। ସେହିପରି ୧,୯୦୯ ଜଣ ଚାଷୀଙ୍କୁ ତାଲିମ ପ୍ରଦାନ କରି ସେମାନଙ୍କର ଜୀବିକା ନିର୍ବାହ ପାଇଁ ଦକ୍ଷତା ପ୍ରଦାନ କରାଯାଇଛି। ତିନୋଟି ମହିଳା ନେତୃତ୍ୱାଧୀନ ସ୍ୱୟଂ ସହାୟକ ଗୋଷ୍ଠୀ ଭେଣ୍ଡିଂ କିଓସ୍କ ଏବଂ ପରିମଳ ୟୁନିଟ୍ ପରିଚାଳନା କରୁଛନ୍ତି ଯାହା ନୈକ ୨୦୦ ଟ୍ରକ ଚାଳକଙ୍କୁ ସେବା ଯୋଗାଇ ଦେଇଆସୁଛି। ଏଥି ସହିତ ବିଭିନ୍ନ ସ୍ଥାନରେ ହୋଇଥିବା କାଫେରେ ୧୯ ଜଣ ନିଯୁକ୍ତି ପାଇଛନ୍ତି। ଏହା ବ୍ୟତୀତ ଜେଏସଡବ୍ଲ୍ୟୁ ର ଏହି ପ୍ରୟାସ ମାଧ୍ୟମରେ ୪୧୯ ଜଣ ବ୍ୟକ୍ତି ଏବେ ମାସିକ ହାରାହାରି ୫,୦୦୦ ଟଙ୍କା ରୋଜଗାର କରୁଛନ୍ତି। ଧୂପକାଠି,କୁକୁଡ଼ା ପାଳନ ଏବଂ ଛତୁ ଚାଷରେ ନିୟୋଜିତ ଉତ୍ପାଦକ ଗୋଷ୍ଠୀ ଗୁଡ଼ିକ ଓଡ଼ିଶା ଜୀବିକା ମିଶନ ସହିତ ସଂଯୋଗ ମାଧ୍ୟମରେ ୧୯.୬୨ ଲକ୍ଷ ଟଙ୍କାର ପାଣ୍ଠି ପାଇଛନ୍ତି।ଜେଏସଡବ୍ଲ୍ୟୁ ଦ୍ୱାରା ସ୍ୱାସ୍ଥ୍ୟ ସେବାରେ ପ୍ରମୁଖ ଉନ୍ନତି ଘଟିଛି। ଢିଙ୍କିଆ ଏବଂ ବାଲିତୁଠରେ ଥିବା ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ, ପ୍ରତି ମାସରେ ପ୍ରାୟ ୪,୨୦୦ ଲୋକ ଚିକିତ୍ସା ପାଉଛନ୍ତି। ଆଜି ପର୍ଯ୍ୟନ୍ତ ୧.୭୪ ଲକ୍ଷରୁ ଅଧିକ ରୋଗୀ ଚିକିତ୍ସା ପାଇଛନ୍ତି। ବାଲିତୁଠରେ ଏକ ନୂତନ ପିଏଚ୍‌ସି ନିର୍ମାଣାଧୀନ କାମ ଚାଲୁ ଅଛି। ୧,୨୦୦ ଗ୍ରାମବାସୀ ଙ୍କ ପାଇଁ ତିନୋଟି ବହୁ-ସ୍ୱ ?ଶିଆଲିଟି ଏବଂ କ୍ୟାନସର ଚିହ୍ନଟ ଶିବିର ଆୟୋଜନ କରାଯାଇଛି। ମାଗଣା ଚକ୍ଷୁ ପରୀକ୍ଷା ଶିବିର ମାନ ଆୟୋଜନ କରାଯାଇଛି।ଯେଉଁଥିରେ ୧୭,୦୦୦ ରୁ ଅଧିକ ଲୋକଙ୍କ ସ୍କ୍ରିନିଂ ପରୀକ୍ଷା କରା ଯାଇଥିଲା।୯,୬୩୩ ଜଣଙ୍କୁ ଚଷମା ବଣ୍ଟନ କରା ଯାଇଥିଲା ଏବଂ ୧,୨୧୪ ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ର ?ପଚାର ପାଇଁ ରେଫର କରାଯାଇଥିଲା। ଜେଏସଡବ୍ଲ୍ୟୁ ଗ୍ରାମୀଣ ଏବଂ ସହରାଞ୍ଚଳରେ କାର୍ଯ୍ୟ କରିବା ସହ ୧,୫୦୦ ରୁ ଅଧିକ ଲୋକଙ୍କୁ ଜରୁରୀ କାଳୀନ ସେବା ଯୋଗାଇ ଦେଉଛି। ବିକାଶ କାର୍ଯ୍ୟରେ ତିନୋଟି କମ୍ୟୁନିଟି ହଲ୍, ଗୋଟିଏ ସଭାଗୃହ, ଚାରୋଟି ଶବ ଦାହ ପଡ଼ିଆ, ସାତଟି ସ୍ୱୟଂ ସହାୟିକା ଗୋଷ୍ଠୀ ସମ୍ବଳ କେନ୍ଦ୍ର ଏବଂ ୨୦ ଟି ଅଙ୍ଗନୱାଡି କେନ୍ଦ୍ରର ଉନ୍ନତିକରଣ କରାଯାଇଛି। ନେହେରୁ ବଙ୍ଗଳା ଛକରେ ସୌନ୍ଦର୍ଯ୍ୟ କରଣ ଚାଲିଛି ଏବଂ ଏକ ମିନି ଷ୍ଟାଡିୟମ ଏବଂ ଖେଳପଡ଼ିଆ ନିର୍ମାଣ କାର୍ଯ୍ୟ ଚାଲିଛି। ଯୁବପିଢ଼ିଙ୍କ ସମ୍ପୃକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ, ୫୦ ଟି ଯୁବ କ୍ଲବ୍ ଏବଂ ସ୍କୁଲକୁ ୧୪୦୦ ରୁ ଅଧିକ କ୍ରୀଡା ସାମଗ୍ରୀ ବଣ୍ଟନ କରାଯାଇଛି। ଜେଏସଡବ୍ଲ୍ୟୁ ପ୍ରକଳ୍ପ ଅଞ୍ଚଳ ଓ ପାରାଦୀପରେ ଜେଏସଡବ୍ଲ୍ୟୁ ର ବିକାଶ ମୂଳକ କାର୍ଯ୍ୟ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି।

# ଗଂଜାମ ଜିଲାସ୍ତରୀୟ ଜାତୀୟ ମତଦାତା ଦିବସ

ଛତ୍ରପୁର, ୨୫/୧ (ନି.ପ୍ର.): ଗଂଜାମ ଜିଲାସ୍ତରୀୟ ଜାତୀୟ ମତଦାତା ଦିବସ-୨୦୨୬ ମହାସମାରୋହରେ ଛତ୍ରପୁରସ୍ଥିତ ଜିଲ୍ଲାପରିଷଦ ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା ଯୋଗଦେଇ ଜାତୀୟ ମତଦାତା ଦିବସର ମହତ୍ୱ ଓ ମତଦାନର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ ଓ ଡେପୁଟି ବିଏମସି କମିଶନର, ବ୍ରହ୍ମପୁର କଲ୍ୟାଣୀ ସଂଘମିତ୍ରା ଯୋଗଦେଇ ଛାତ୍ରଛାତ୍ରୀ ଓ ବୁଥ ସ୍ତରୀୟ ଅଧିକାରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଡେପୁଟି କଲେକ୍ଟର, ନିର୍ବାଚନ ଅରୁଣ କୁମାର ଖଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରେ ଏକ ସଚେତନତା ରାଲି ଜିଲ୍ଲାପାଳଙ୍କ ଅଫିସରୁ ବାହାରି ସହର ପରିକ୍ରମା କରିବା ପରେ ଋଷିକୁଲ୍ୟା ସମ୍ମିଳନୀରେ ପହଞ୍ଚିଥିଲା । ଭୋଟର ତାଲିକା ପ୍ରସ୍ତୁତ ଠାରୁ ଆରମ୍ଭ କରି ଭୋଟରଙ୍କ ଘରକୁ ଘର ଯାଇ ଏନେଇ ସଚେତନ କରିଥିବାରୁ ୧୩ ଜଣ ବୁଥ୍ ସ୍ତରୀୟ ଅଧିକାରୀ ଓ ୧୩ ଜଣ ବିଏଲଓ ସୁପର ଭାଇଜରଙ୍କୁ ପୁରସ୍କୃତ କରାଯାଇଥିଲା । ୧୫ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରଥମ କରି ଭୋଟର ତାଲିକାରେ ନାଁ ସଂଯୋଗ କରିଥିବା ୧୮ ଜଣ ଯୁବ ଭୋଟରଙ୍କୁ ଭୋଟ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, Email : odishamanthan@gmail.com

● Editor : Sarat Raut

ସଂପାଦକ: ଶରତ ରାଉତ